# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୮/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 18/2024 | Page 18 | ₹ 7.00 | SAMBALPUR

୫୦ଶ ଭାଗ ୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 86 | ମୂଲ୍ୟ ₹୭/-


DSPL - 668

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

#ନୂଆ-ଓ ଛାତ୍ରବୃତ୍ତି



# ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।

OIPR-11001/13/0074/2324



@DHE_Odisha
@hedodisha
www.fb.com/dheodisha
0674-2323401, 2323402, 2323403 2323404
https://scholarship.odisha.gov.in
scholarshiphed@gmail.com

ଉଚ୍ଚ ଶିକ୍ଷା ବିଭାଗ

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୮/୨୦୨୪ Bhubaneswar, Sunday, February 18/2024



DSPL-667

ଆମ ଓଡ଼ିଶା ନବୀନ ଓଡ଼ିଶା

Skilled in ODISHA



NUA Odisha

ନୂଆ ଓଡ଼ିଶା-ନୂତନ ଉନ୍ନତ ଅଭିଳାଷା

GLOBAL SUMMIT ON GROWTH & EMPLOYMENT

୧୯ ରୁ ୨୦ ଫେବୃଆରୀ ୨୦୨୪

ମେ' ଫେୟାର ସମ୍ମିଳନୀ କକ୍ଷ, ଭୁବନେଶ୍ୱର

୧୦୦+ ବିଶିଷ୍ଟ ଶିଳ୍ପ ଉଦ୍ୟୋଗପତି

୫୦୦+ ପ୍ରତିନିଧିମଣ୍ଡଳୀ

୧୦+ ଦଳଗତ ଆଲୋଚନା

ନିଯୁକ୍ତି ସୁଯୋଗର ନୂଆ ଦିଗ

ଅନୁଷ୍ଠାନ ପରିସରରୁ ନିଯୁକ୍ତି:
- ନୂଆ ସୁଯୋଗ ପାଇଁ ଯୁବ ପ୍ରତିଭାମାନଙ୍କୁ ପ୍ରଶିକ୍ଷଣ

ସଫଳତାର ମୂଳଦୁଆ ପାଇଁ ଭିତ୍ତିଭୂମିର ସ୍ଥାପନ:
- ପ୍ରଯୁକ୍ତି ବିଦ୍ୟାର ନିରନ୍ତର ବିକାଶ ପାଇଁ ରଣନୀତି ପ୍ରସ୍ତୁତ

ଶିଳ୍ପାୟନର ସମ୍ଭାବନା:
- ଆନୁଷ୍ଠାନିକ ସୁବିଧା ସହ ପ୍ରବୀଣଙ୍କ ପ୍ରବେଶ
- ଭବିଷ୍ୟତ ଓଡ଼ିଶା ପାଇଁ ପ୍ରଯୁକ୍ତି ବିଦ୍ୟାର ଅଭ୍ୟୁଦୟ

ଅଭିଜ୍ଞଙ୍କ ଅନୁଭୂତି:
- ଓଡ଼ିଶାର ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ସହ ଆଲୋଚନା

ଅବିଶ୍ୱସନୀୟ ପରିବର୍ତ୍ତନ:
- ଏକ ପ୍ରକୃଷ୍ଟ କର୍ମପ୍ରବଣ ବାତାବରଣ
- ସୂଚନା ବିଦ୍ୟାର କ୍ଷମତା ବୃଦ୍ଧି

ଶିଳ୍ପର କ୍ରମବିକାଶ ଓ ନିଯୁକ୍ତିର ନିରନ୍ତର ପ୍ରକ୍ରିୟା:
- ଶିଳ୍ପାୟନର ବିକାଶ ପାଇଁ ପଦକ୍ଷେପ
- ସାମ୍ପ୍ରତିକ ବୈଷୟିକ ଆବଶ୍ୟକତାର ଉନ୍ମେଷ

ସଶକ୍ତୀକରଣ ଓ ବିବିଧତା:
- କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କର ସଶକ୍ତୀକରଣ ଓ ଅନ୍ତର୍ଭୁକ୍ତୀକରଣ

ନୂଆ ଓଡ଼ିଶା: ନୂତନ ଉନ୍ନତ ଅଭିଳାଷା

ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ 'ନୂଆ ଓଡ଼ିଶା' ଆଜି ରାଜ୍ୟର ଯୁବପିଢ଼ିଙ୍କୁ ଦକ୍ଷତା ତାଲିମ ଦେଇ ସେମାନଙ୍କୁ ସଶକ୍ତ କରୁଛି । ଏହାର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା ସହ ରାଜ୍ୟର ୩୦ଟି ଜିଲ୍ଲାରେ ଏହାକୁ ବ୍ୟାପକ କରିବା । ଏକ ସମ୍ଭାବନାମୟ ବିଶ୍ୱ ଅର୍ଥନୀତି ପାଇଁ ଆମେ ଓଡ଼ିଶାର ଦକ୍ଷ ମାନବ ସମ୍ବଳକୁ ସଶକ୍ତ କରୁଛୁ ।

OIPR-44011/13/0033/2324

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୮/୨୦୨୪ Bhubaneswar, Sunday, February 18/2024

ଆଜିର ସମ୍ପାଦକୀୟ ବିପଜ୍ଜନକ ଯୋଜନା

# ସ୍ୱାମୀଙ୍କୁ ବାନ୍ଧି ସ୍ତ୍ରୀଙ୍କୁ ଗଣବଳାତ୍କାର

ବ୍ରହ୍ମଗିରି,୧୭।୨(ସ୍ୱାଧୀନ ଚମ୍ପତିରାୟ)

ଜଣେ ବ୍ୟକ୍ତିଙ୍କୁ ବାନ୍ଧି ତାଙ୍କ ସ୍ତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅରଖକୁଦା ମେରାଇନ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଘଟିଛି ଏହି ଘଟଣା। ଏନେଇ ଅଭିଯୋଗ ପାଇବା ପରେ ମେରାଇନ ଥାନା ପୋଲିସ ଅରଖକୁଦା ଗ୍ରାମର ବୁଲୁ ଗାର୍ଗି ନାମକ ଜଣେ ବ୍ୟକ୍ତିଙ୍କୁ ଶନିବାର ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ତ୍ରିନାଥ ବେହେରା ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ପୀଡ଼ିତା ଓ ତାଙ୍କ ସ୍ୱାମୀ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ତ୍ରିନାଥ ଏବଂ ବୁଲୁ ପହଞ୍ଚି ପୀଡ଼ିତାଙ୍କ ସ୍ୱାମୀଙ୍କୁ ଘରୁ ନିକଟସ୍ଥ ଆମ୍ବତୋଟାକୁ ଡାକି ନେଇଥିଲେ। ସେଠାରେ ତାଙ୍କୁ ସେମାନେ ମଦ ପିଆଇ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ୱାମୀଙ୍କ ଚିତ୍କାର ଶୁଣି ପୀଡ଼ିତା ଘରୁ ଆସି ବିରୋଧ କରିଥିଲେ। ହେଲେ ଅଭିଯୁକ୍ତ ଦ୍ୱୟ ପୀଡ଼ିତାଙ୍କୁ ମଧ୍ୟ ଆକ୍ରମଣ କରିବା ସହ ତାଙ୍କ ସ୍ୱାମୀଙ୍କୁ ବାନ୍ଧିଦେଇଥିଲେ। ଏହାପରେ ତାଙ୍କ ସ୍ୱାମୀଙ୍କ ଆଗରେ ତାଙ୍କୁ ସେମାନେ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଏଭଳି ଅଭିଯୋଗକୁ ଆଧାର କରି ପୋଲିସ ଆଇପିସି ଦଫା ୩୭୬(ବି) ଅନୁଯାୟୀ ୯/୨୪ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ପୋଲିସ ମହିଳା ଏବଂ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଛି।

## ଗର୍ଭବତୀଙ୍କୁ ଗଣବଳାତ୍କାର ପରେ ନିଆଁ ଲଗାଇଦେଲେ

ମୋରେନା,୧୭।୨

ମଧ୍ୟପ୍ରଦେଶର ମୋରେନାରେ ଏକ ଗଣବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲା ସାମନାକୁ ଆସିଛି। ଜଣେ ୩୪ ବର୍ଷୀୟା ଗର୍ଭବତୀ ମହିଳାଙ୍କୁ ୩ ଜଣ ବଳାତ୍କାର କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦେଇଛନ୍ତି। ଫଳରେ ପୀଡ଼ିତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ିଯାଇଛି। ତାଙ୍କୁ ଗ୍ୱାଲିଅରର ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ମୋରେନା ଜିଲାର ଅମ୍ବାହ ସହର ନିକଟ ଚାନ୍ଦ କା ପୁରା ଗ୍ରାମରେ ଏଭଳି ଘଟଣା ଘଟିଛି। ପୋଲିସ କହିବା ଅନୁଯାୟୀ, ପୀଡ଼ିତାଙ୍କ ସ୍ୱାମୀଙ୍କ ବିରୋଧରେ ଗାଁର ଅନ୍ୟ ଜଣେ ମହିଳା ପୂର୍ବରୁ ବଳାତ୍କାର ଅଭିଯୋଗ ଆଣିଥିଲେ। ଏହାର ସମାଧାନ ପାଇଁ ପୀଡ଼ିତା ଜଣକ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇଥିବାବେଳେ ଅଭିଯୋଗର ସମାଧାନ ପରିବର୍ତ୍ତେ ସେଠାରେ ଉପସ୍ଥିତ ଥିବା ୩ ଜଣ ଲୋକ ଗର୍ଭବତୀ ଜଣକୁ ଗଣବଳାତ୍କାର କରିଥିଲେ। ପରେ ୩ ଅଭିଯୁକ୍ତ ସମ୍ପୃକ୍ତ ମହିଳାଙ୍କ ସହ ମିଶି ପୀଡ଼ିତାଙ୍କ ଉପରେ ଇନ୍ଧନ ଢାଳି ନିଆଁ ଲଗାଇଦେଇଥିଲେ। ପୀଡ଼ିତା ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ବୟାନ ରେକର୍ଡ କରାଇଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ବୟାନ ରେକର୍ଡ କରିନାହିଁ। ତଦନ୍ତ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ସବୁ ଦଳ ପ୍ରତି ସମାନ ମନୋଭାବ ରଖ

## ଜିଲାପାଳ, ଏସ୍‌ପିଙ୍କୁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୨(ଅନିଲ ଦାସ)

ସମସ୍ତ ରାଜନୈତିକ ଦଳ ପ୍ରତି ସମାନ ଆଚରଣ ପୋଷଣ କରିବାକୁ ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ରାଜ୍ୟର ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପେଡ୍ ନ୍ୟୁଜ୍ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ତଦନ୍ତ କରାଯିବ। ଅଭିଯୋଗ ସତ ହୋଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ ୩ ଦିନ ଧରି ରାଜ୍ୟରେ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିବା ପରେ ସିଇସି ଏହା କହିଛନ୍ତି। ବିରୋଧୀ ଦଳଗୁଡ଼ିକ ସିଇସିଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଉଥିବାବେଳେ ତାଙ୍କର ଉପରୋକ୍ତ ବକ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମତପ୍ରକାଶ ପାଇଛି। ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜୀବ କୁମାର କହିଛନ୍ତି, ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଭିନ୍ନ ରାଜନୈତିକ ଦଳ, ଜିଲାପାଳ, ଏସ୍‌ପି, ଡିଜି, ରେଲୱେ ସୁରକ୍ଷା ବଳ, ☞ପୃଷ୍ଠା–୯



ଖବରଦାତା ସମ୍ମିଳନୀରେ ଇସି ଅରୁଣ ଗୋଏଲ ଏବଂ ସିଇସି ରାଜୀବ କୁମାର।




## ଗୁଲ୍‌ଜାର, ରାମଭଦ୍ରାଚାର୍ଯ୍ୟଙ୍କୁ ଜ୍ଞାନପୀଠ



ଗୁଲ୍‌ଜାର



ରାମଭଦ୍ରାଚାର୍ଯ୍ୟ

ନୂଆଦିଲ୍ଲୀ,୧୭।୨(ପିଟିଆଇ)

ଖ୍ୟାତନାମା ଉର୍ଦ୍ଦୁ କବି ଗୁଲ୍‌ଜାର ଏବଂ ସଂସ୍କୃତ ବିଦ୍ୱାନ ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ୫୮ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଛି। ଜ୍ଞାନପୀଠ ଚୟନ କମିଟି ଶନିବାର ଏହା ଘୋଷଣା କରିଛି। ହିନ୍ଦୀ ଚଳଚ୍ଚିତ୍ରରେ ନିଜର କାର୍ଯ୍ୟ ପାଇଁ ଜଣାଶୁଣା ଗୁଲ୍‌ଜାର ବର୍ତ୍ତମାନ ଯୁଗର ସର୍ବଶ୍ରେଷ୍ଠ ଉର୍ଦ୍ଦୁକବି। ସେ ୨୦୦୨ରେ ସାହିତ୍ୟ ଏକାଡେମୀ ଆୱାର୍ଡ, ୨୦୦୪ରେ ପଦ୍ମ ଭୂଷଣ, ୨୦୧୩ରେ ଦାଦାସାହେବ ଫାଲ୍‌କେ ପୁରସ୍କାର ଏବଂ ୫ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ଚିତ୍ରକୂଟରେ ତୁଳସୀ ପୀଠର ପ୍ରତିଷ୍ଠାତା ତଥା ମୁଖ୍ୟ ରାମଭଦ୍ରାଚାର୍ଯ୍ୟ ଜଣେ ଜଣାଶୁଣା ହିନ୍ଦୁ ଆଧ୍ୟାତ୍ମିକ ଗୁରୁ, ଶିକ୍ଷକ ଓ ଶତାଧିକ ପୁସ୍ତକର ରଚୟିତା। ସଂସ୍କୃତ ଏବଂ ଉର୍ଦ୍ଦୁ ଭାଷାରେ ୨ ଖ୍ୟାତନାମା ଲେଖକଙ୍କୁ ପୁରସ୍କୃତ କରିବା ଲାଗି ନିଷ୍ପତ୍ତି ହୋଇଥିବା ଜ୍ଞାନପୀଠ ଚୟନ କମିଟି କହିଛି।

### ଆଜିର ମନ୍ତବ୍ୟ

"ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ହେଉଛି ପ୍ରକୃତ ଦେଶପ୍ରେମ। ଏଠାରେ ଧନୀ ଓ ଗରିବ 'ଭିନ୍ନ ଭିନ୍ନ ଭାରତ'ରେ ରହୁଛନ୍ତି।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ୧୦ମ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: ନୟାପଲ୍ଲୀସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ଷ୍ଟେଟ୍ ଆୟୁର୍ବେଦିକ କଂଗ୍ରେସ, ଅଲ୍ ଇଣ୍ଡିଆ ଆୟୁର୍ବେଦିକ କଂଗ୍ରେସ, ନୂଆ ଦିଲ୍ଲୀର ୪ର୍ଥ ବାର୍ଷିକ ସମ୍ମିଳନୀ, ସ୍ଥାନ: ଦି ଓଡ଼ିଶା ଆସୋସିଏଶନ ଫର ଦି ବ୍ଲାଇଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଟାଇମ୍‌ପାସ୍ ପ୍ରକାଶିତ ଅରୁଣ କୁମାର ନାୟକଙ୍କ ଆତ୍ମଜୀବନୀ 'ଜଣେ ସୁଖୀଲୋକର ଡାଏରୀ' ଲୋକାର୍ପଣ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଇବ୍ରାଣ୍ଟ ଓଡ଼ିଶା କନକ୍ଲେଭ, ସ୍ଥାନ: ସ୍ୱସ୍ତି ଗ୍ରାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜ୍ୟୋତିର୍ବିଦ୍‌ଙ୍କ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସର୍ଭିସ୍ ଆସୋସିଏଶନ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସନରାଇଜ୍ ୱାର୍କର୍ସ କ୍ଲବର ବାର୍ଷିକୋତ୍ସବ, ସ୍ଥାନ: ବିଏସ୍‌ଏନ୍‌ଏଲ୍‌ଟ୍ରେନିଂ ସେଣ୍ଟର ସମ୍ମିଳନୀ କକ୍ଷ,ଭିଏସ୍‌ଏସ୍ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ସୂର୍ଯ୍ୟାଂଶୀ ବ୍ରାହ୍ମଣ ସଂଗଠନ ଟ୍ରଷ୍ଟର ପ୍ରେସ୍‌ମିଟ୍, ସ୍ଥାନ: ପ୍ରାଥମିକ ଶିକ୍ଷକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ପ୍ରେସ୍ କନଫରେନ୍ସ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ:ମଧ୍ୟାହ୍ନ ୧୨ଟା ୩୦।
- କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି କଥା ଓ କବିତା ୬.୦', ସ୍ଥାନ: କଳାଭୂମି, ସମୟ: ଅପରାହ୍ନ ୨ଟା ୩୦।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର,ସମୟ: ଅପରାହ୍ନ ୪ଟା।
- ମତ୍ସ୍ୟ- ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୪ଟା ୩୦।
- ୫୮ତମ ବାର୍ଷିକୋତ୍ସବ 'ଜୟଦେବ ସମାରୋହ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଏଥେନା ବୁକ୍‌ସ୍‌ର ରୌପ୍ୟଜୟନ୍ତୀ ସମ୍ବତ୍ସର ପୁସ୍ତକ ଲୋକାର୍ପଣ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ଜଳେଶ୍ୱର ମହାଦେବଙ୍କ ସପ୍ତବିଂଶ ସାମ୍ବତ୍ସରିକ ବିଶ୍ୱଶାନ୍ତି ମହାଯଜ୍ଞର ଭଜନ ସନ୍ଧ୍ୟା, ସ୍ଥାନ: କଳାରାହାଙ୍ଗ, ସମୟ: ସନ୍ଧ୍ୟା ୬ଟା।
- ଶୁଭଶ୍ରୀ କଳା ନିକେତନ ପକ୍ଷରୁ ବସନ୍ତ ଉତ୍ସବ, ଜାଗେଶ୍ୱରୀ ମନ୍ଦିର ପାଖ, ବାଲକାଟୀ, ସମୟ: ସନ୍ଧ୍ୟା ୬ଟା।
- ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ପୂଜ୍ୟପୂଜା ସମାରୋହ, ସ୍ଥାନ: ଇଟିପୁର ପଞ୍ଚାୟତ ଡିହପୁର ଗ୍ରାମ ନିକଟ ଦୟାନଦୀ ପଠା, ସମୟ: ସକାଳ ୯ଟା।
- ଅଷ୍ଟମ ପ୍ରହରୀ ନାମଯଜ୍ଞର ନଗର କୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ବିଏମ୍‌ସିର ୪ନଂ. ୱାର୍ଡ ଅଧୀନ ସୁନ୍ଦରାପାଟଣା- ରୁଦ୍ରପୁର ଗ୍ରାମର ମା' ଗେହ୍ଲାଦେବୀ ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଚାମ୍ପିୟନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ପଞ୍ଚାୟତସ୍ତରୀୟ ସଚେତନ ଶିବିର, ସ୍ଥାନ: ଅଲଣ୍ଡା ପଞ୍ଚାୟତ, ଧନେଶ୍ୱରୀ ଠାକୁରାଣୀ ପଡ଼ିଆ ଜୁଆଁଲୋ, ଭୋଦର ପଞ୍ଚାୟତ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଚଅଁରପଦା ପଞ୍ଚାୟତ, କେଉଟତୋଟା ମେଳଣ ପଡ଼ିଆ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ନିପାପଡ଼ା ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ପ୍ରଥମ ଖେଲାର ପ୍ରିମିୟର ଲିଗ କ୍ରିକେଟ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ଖେଲାର ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ବସ୍ ଯୋଗେ ଛାତ୍ରୀଛାତ୍ରଙ୍କ ପୁରୀ ଗମନ, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ ପରିସର, ସମୟ: ସକାଳ ୭ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କାଦୁଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଜେଗେଶ୍ୱରୀ ଭଲିବଲ କ୍ଲବ ଆନୁକୂଲ୍ୟରେ ଦିବାରାତ୍ର ଟୁର୍ନାମେଣ୍ଟ, ସ୍ଥାନ: ଅଳଗୁମ ବେଢାଉପର, ସମୟ: ଅପରାହ୍ନ ୩ଟା।

## କଟକ

- କଟକ ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ସାପ୍ତାହିକ ରାଷ୍ଟ୍ରଦୀପର ତ୍ରିଂଶତମ ବସନ୍ତ ମିଳନ ଉତ୍ସବ, ସ୍ଥାନ: କଟକ ଶାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ପ୍ରଥମ ଗଙ୍ଗାଧର ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ, ସ୍ଥାନ: ସୋମପଡ଼ା ଖେଳ ପଡ଼ିଆ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ଦିବ୍ୟସିଂହପୁର, ବୋଲଗଡ଼, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧଳାପଥର ଗ୍ରାମ, ସମୟ: ସକାଳ ୮ଟା।
- କପିଳେଶ୍ୱର ଦେବଙ୍କ ପୀଠରେ ଯଜ୍ଞ ଆରମ୍ଭ, ସ୍ଥାନ: ପଣ୍ଡାବାପାଟଣା, ନିରାକାରପୁର, ସମୟ: ସକାଳ ୯ଟା।
- ତ୍ରିନାଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବସନ୍ତ ପଞ୍ଚମୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ମଲ୍ଲୀପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଇଣ୍ଟ୍ରା ଡିଷ୍ଟ୍ରିକ୍ଟ ସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୪, ସ୍ଥାନ: ବାଲେଶ୍ୱର ପରମିଟ୍ ଫିଲ୍ଡ ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃର ବାର୍ଷିକ ସାଧାରଣ ସଭା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଷ୍ଣୁପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯକ୍ରମ, ସ୍ଥାନ: ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ବ୍ଲକ ବିବେକଭାରତୀ ସେବାଶ୍ରମର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଆଶ୍ରମ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସାରଡାଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ସାରଡାଙ୍ଗ ଖେଳପଡିଆ, ଖଇରା, ସମୟ: ଅପରାହ୍ନ ୩ଟା।
- ଖଇରା ପ୍ରତିଭା ପରିବାରର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଖଇରା ଶିକ୍ଷକ ସଂଘ ଭବନ, ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ

- ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ନାଗପାଳ ରାବଣ ପୋଡ଼ି ପଡ଼ିଆ, ଉଦଳା, ସମୟ: ସକାଳ ୯ଟା।
- ସତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜନଜାତି ସାଂସ୍କୃତିକ ସମ୍ମିଳନୀରେ ବଲିଉଡ ଅଭିନେତା ଗୋବିନ୍ଦା, ସ୍ଥାନ: ବାରିପଦା ଛଉ ପଡ଼ିଆ,ସମୟ: ସନ୍ଧ୍ୟା: ୬ଟା।
- କେଉଟୁଣିମାରି ଆଦିବାସୀ ଯୁବକ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୁଲିଅଣା ବ୍ଲକ୍ କେଉଟୁଣିମାରି, ସମୟ: ସନ୍ଧ୍ୟା ୬ଟା।
- ବାର୍ଷିକ କ୍ରୀଡା ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ:କୁଲିଅଣା ବ୍ଲକ୍ ହଳଦିଆସ୍ଥିତ ସିଂହ ସାହି, ସମୟ: ମଧ୍ୟାହ୍ନ ୧୨ଟା।
- ହରିନାମ ମହାଯଜ୍ଞ, ସ୍ଥାନ: କୁଲିଅଣା ବ୍ଲକ୍ ଅଙ୍ଗାରଗଡ଼ିଆ କୁଚେଇ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସରକାରୀ ଯୋଜନା ସଚେତନତା ଶିବିର, ସ୍ଥାନ: ଏଡ଼ତାଳ, ଲୁଙ୍ଗା ଓ ଗୁଆଗଡ଼ିଆ ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଭବାନୀଶଙ୍କର ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ଭୈରବପୁର ଭବାନୀଶଙ୍କର ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୬ଟା।

## କେନ୍ଦୁଝର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଲାଶ ଘାଟି ଓ ମୁରୁସୁଆଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପାଟଣା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଜିଲାସ୍ତରୀୟ ଆଦିବାସୀ ମେଳାରେ ଜିଲା ଓ ରାଜ୍ୟ ବାହାର ସାଂସ୍କୃତିକ ଦଳ ପକ୍ଷରୁ ନୃତ୍ୟ ପ୍ରଦର୍ଶନ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- କ୍ଷୁଦ୍ର ଗଳ୍ପ ଆସର, ସ୍ଥାନ : କେନ୍ଦୁଝର ସରସ୍ୱତୀ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଦକ୍ଷିଣ ଓଡ଼ିଶା ଇକନୋମିକ୍ସ ଆସୋସିଏସନର ୭ମ ଜାତୀୟ ସେମିନାର, ସ୍ଥାନ: ଜିଆଇଇଟି ମେଗା ଅଡିଟୋରିୟମ୍,ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ଚନ୍ଦ୍ରମଲ୍ଲି ପୁସ୍ତକ ଉନ୍ମୋଚନ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମୋ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜବାଗୁଡା ଓ ନନ୍ଦପୁରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସିନ୍ଧିମାଳ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ହାଇସ୍କୁଲସ୍ତରୀୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ପାଛନିବାସ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୫ଟା।
- ସମ୍ବଲପୁର ମହୋତ୍ସବର ମନହରି ହାଟ ଓ ଖାଦ୍ୟମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୫ଟା।
- ଆଲା ହଜରତ ୱେଲଫେୟାର କମିଟି ପକ୍ଷରୁ ଗଣବିବାହ, ସ୍ଥାନ: ଶାହାଜାହାନ ପଡ଼ିଆ, ସମୟ: ସକାଳ ୯ଟା
- ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ମେରୁ ଉତ୍ସବ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଆଗଲପୁର ବ୍ଲକ ନୂନିଆପାଲି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ନିକଟ ଖେଳ ପଡିଆ, ସମୟ: ସକାଳ ୯ଟା ୩୦।
- ଆଗଲପୁର ବ୍ଲକ ରିନବଚନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନା ସଭା, ସ୍ଥାନ: ରିନବଚନ ଉଚ୍ଚବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ଟିଟିଲାଗଡ଼ ବ୍ରାହ୍ମଣ ସମାଜ ଭବନର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ମାଉସୀ ମା' ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଦିବାସୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଖପ୍ରାଖୋଲ ବ୍ଲକ ବେନକେରା ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ: ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ମହିଳା ହକି ପ୍ରୋ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।
- ସୂର୍ଯ୍ୟକାନ୍ତ କ୍ରିକେଟ ଫାଇନାଲ ମ୍ୟାଚ୍, ସ୍ଥାନ: ଡିଏଭି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ ହକି ଦଳର ଖବରଦାତା ସମ୍ମିଳନୀ, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ୫୦।
- ଜଗନ୍ନାଥ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୮ଟା୩୦।
- ଜିଏମ୍‌ଙ୍କ ରେଳଷ୍ଟେଶନ ପରିଦର୍ଶନ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ଅପରାହ୍ନ ୨ଟା।

## ବରଗଡ଼

- ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାରାୟଣ ସୁନ୍ଦରକାଣ୍ଡ ପ୍ରବଚନ, ସ୍ଥାନ: ଘୁଡ଼ାଦାନୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ରକ୍ତଦାନ ଶିବିର, ସ୍ଥାନ: କତାବଗା, ଅତାବିରା, ସମୟ: ଅପରାହ୍ନ ୪ଟା।
- ଉତ୍ତାଳଗଡ଼ ଉଚ୍ଛବ-୨୦୨୪, ସ୍ଥାନ: ଖଗେଶ୍ୱର ମଣ୍ଡପ, ତାଲପଦର, ବିଜେପୁର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଏୟାର ରାଇଫଲ ଶୁଟିଂ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନ ଉତ୍ସବ, ସ୍ଥାନ: ଭବାନୀପାଟଣା ଡିଆଇଇଟି, ସମୟ: ପୂର୍ବାହ୍ନ ୧୦ଟା।
- ଏପେକ୍ସ ବଡ଼ି ଅଫ୍ ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ଇଣ୍ଡିଆର ବନ୍ଧୁମିଳନ, ସ୍ଥାନ: କେସିଙ୍ଗାସ୍ଥିତ ହୋଟେଲ ରାଜ ରେଷ୍ଟୁରାଣ୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ମାଗୁରପାଣିଠାରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସଦର ବ୍ଲକ ମାଗୁରପାଣି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ସ୍ୱୟଂ ସହାୟକ ଗୋଷ୍ଠୀର ସଭା, ସ୍ଥାନ: କୋମନା ବ୍ଲକ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନୂତନ ଉଚ୍ଚ ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: କୋମନା ବ୍ଲକ ସୁନାବେଡା ପଞ୍ଚାୟତ ସାଲେପଡା, ସମୟ: ପୂର୍ବାହ୍ନ ୧୧ଟା୪୫।
- ବିଜୁ ଏକ୍ସପ୍ରେସ ୱେଠାରୁ ସୁନାବେଡା ମନ୍ଦିର ପର୍ଯ୍ୟନ୍ତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: କୋମନା ବ୍ଲକ ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା ୪୫।
- ବେଲଟୁକୁରିଠାରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସଦର ବ୍ଲକ ବେଲଟୁକୁରି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୧ଟା।
- ବଖରମାଲଠାରେ ମଞ୍ଚ ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: ସଦର ବ୍ଲକ ବଖରମାଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ, ସମୟ: ଅପରାହ୍ନ ୨ଟା ୧୫।

## ବୌଦ୍ଧ

- ହରଭଙ୍ଗା ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତଳଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ସାମ୍ବାଦିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ବୌଦ୍ଧ ମାଉସୀ ମା' ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଷୋହଳ ପ୍ରହର ନାମ ଯଜ୍ଞ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ, ପ୍ରସାଦ ସେବନ, ସ୍ଥାନ: ଦନ୍ତରିବାହଲ, ସମୟ: ପୂର୍ବାହ୍ନ୧୦ଟା।

## ସୁବର୍ଣ୍ଣପୁର

- ସର୍ବଭାରତୀୟ ୧୫ତମ ରାମଧୁନ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଇଙ୍କଫେଷ୍ଟ ଅବସରରେ ତୃତୀୟ ଆଲୋଚନାଚକ୍ର 'ଜାତୀୟ ଶିକ୍ଷାନୀତି'-୨୦୨୦ ଓ ଆଗାମୀ ଭାରତ,ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକର ଭୁତିଆପାଲି,ସମୟ: ପୂର୍ବାହ୍ନ ୧୦ ଟା।
- ବଶିଷ୍ଠ ଚୈତନ୍ୟ ଭାଗବତ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅମରପାଲି ତ୍ରିକୂଟ ଛକ, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଭାଷା ସମାବେଶ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଅନୁଗୋଳ

- ମା' ଫଟାକାଞ୍ଜିଆ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ ଟା।
- ଅନନ୍ତ ନାରାୟଣ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା, ସ୍ଥାନ: ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ ଟା।

## ଗଞ୍ଜାମ

- ଶ୍ରୀରାମ ଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ତଳ ଓଡ଼ିଆ ସାହି, ସମୟ: ସନ୍ଧ୍ୟା ୭ଟା।
- ରାମ ଚରିତ ମାନସ, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥପ୍ରସାଦ ବ୍ଲକ ଗୋଛାବାଡି, ସମୟ: ସକାଳ ୬ ଟାରୁ ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- ଅଗ୍ରୱାଲ ଚକ୍ଷୁ ଚିକିତ୍ସା କେନ୍ଦ୍ର ଲୋକାର୍ପଣ, ସ୍ଥାନ: ପିପିଏଲ୍ ଛକ, ବିଜୟଚନ୍ଦ୍ରପୁର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ୩ ଦିନ ବ୍ୟାପୀ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ପୂର୍ଣ୍ଣାହୁତି, ପ୍ରସାଦ ସେବନ, ସ୍ଥାନ: ଶ୍ରୀଶ୍ରୀ ଅତ୍ରିମୁନୀ ସେବାଶ୍ରମ, ଶାମୁକା ଖୋଲ, ଓଡ଼ଗାଁ, ସମୟ:ମଧ୍ୟାହ୍ନ ୧୨ଟା।
- ଭାଗବତ ସପ୍ତାହର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଶ୍ରୀ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର କଳାହାଣ୍ଡି, ସମୟ: ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ବିରୁଡା, ସମୟ :ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ଜହ୍ନିପଦା ଶରଣକୁଳ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ବଡପଣ୍ଡୁସର, ସମୟ :ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟିର ୱାର୍ଡ ନଂ ୪ ଓ ୫, ସମୟ :ମଧ୍ୟାହ୍ନ ୧୨ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ଚଣ୍ଡୀବସ୍ତ, ସମୟ : ଅପରାହ୍ନ ୧ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ, ସ୍ଥାନ: ନୟାଗଡ ବ୍ଲକର ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ଫକୀରାବାଦ ଆଜାଦ କ୍ଲବ ପକ୍ଷରୁ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କେନ୍ଦ୍ରାପଡା ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀ ବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ନାରାୟଣ ଚନ୍ଦ୍ର ପତିଙ୍କ କବିତା ସଙ୍କଳନ ମା'ର ପଣତ ଶ୍ରୀମନ୍ଦିର ନେତ ଉନ୍ମୋଚନ ଓ କବିତା ପାଠୋତ୍ସବ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ବଛରାଇ ଓ ଜମପଡା ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ନାନପୁର ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁର ଗ୍ରାମର ବିରୂପା ନଦୀକୂଳ, ସମୟ: ପୂର୍ବାହ୍ନ ୧୦ଟା।
- ରଇପୁରସ୍ଥିତ ଯୁଗାନ୍ତର ସାଂସ୍କୃତିକ ପରିଷଦର ସମ୍ବତ୍ସରିକ ସମାରୋହ ଓ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ବଡ଼ଚଣା ବ୍ଲକର ରଇପୁର ଘାଟକୂଳ, ସମୟ: ପୂର୍ବାହ୍ନ ୧୦ଟା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଖିଲା ପୁଅ ଦେଖ,**
**କଇଁଚ କାଢ଼ିଛି ବେକ।**

ହାତରେ ଧନ ଓ କ୍ଷମତା ମିଳିଗଲେ ଲୋକେ ଧରାକୁ ସରା ମନେକରିଥାନ୍ତି। ନିଜର ପଦମର୍ଯ୍ୟାଦା ତଥା ଐଶ୍ୱର୍ଯ୍ୟକୁ ଆଳ କରି ସେମାନଙ୍କଠାରେ ଆତ୍ମବଡିମା ପ୍ରକାଶ ପାଇଥାଏ। ଏହିପରି ନୂଆ କ୍ଷମତାଧାରୀ ଓ ଧନଶାଳୀ ବ୍ୟକ୍ତିଙ୍କ ଗର୍ବକୁ ଇଙ୍ଗିତ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନଈକି ଗଡ଼ିଲି, ଚାଉଳ ଧୋଇଲି,**
**ମାଡିଲି ମୁଣ୍ଡା ଗାଗର;**
**ମାଆକୁ କହିବ କାନ୍ଦିବ ନାହିଁ,**
**ଜୋଇଁ ତ ଗୁଣ ସାଗର।**

ଜୋଇଁ ଯଦି ଭଲ ଗୁଣର ହୋଇଥାଏ ତା'ହେଲେ ଯେତେ କଷଣ ପଡିଲେ ମଧ ଝିଅ ସେସବୁ ସହ୍ୟ କରିନେଇଥାଏ। ଶାଶୁଘରେ ପାଇଟି କରୁଥିବା ଝିଅ ନିଜ ଦୁଃଖ ଦୁର୍ଦ୍ଦଶାକୁ ନେଇ ମନ ଉଣା ନ କରିବା ପାଇଁ ନିଜ ମା'କୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆନୁଷ୍ଠାନିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁମଧୁର ହୋଇ ଉଠିବ। ଅଟକି ରହିଥିବା କାମକୁ ପୂରାଦମ୍‌ରେ କରିବାର ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ଆତ୍ମୀୟଙ୍କ ସହ ଆଲୋଚନାରେ ସମୟ କଟାଇବେ। ସାହିତ୍ୟ, ସାମ୍ବାଦିକତା, ସଭାସମିତି କିମ୍ବା କର୍ମାରମ୍ଭ ପ୍ରୀତିପ୍ରଦ ହେବ।

**ବୃଷ** ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। କଚେରି ମାମଲା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରୁ ପ୍ରଶଂସିତ ହେବେ। ଆଲୋଚନା ସମୟରେ ସାଧାରଣ କଥାକୁ କେନ୍ଦ୍ର କରି ପ୍ରିୟ ବନ୍ଧୁଟି କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ ଏବଂ ଲୋକପ୍ରିୟତା ବୃଦ୍ଧି ପାଇବ। ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସି ଯାଇ କାମ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପାରିବାରିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ** କର୍ମକ୍ଷେତ୍ରରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ ପଦୁଟିଏ ପ୍ରଶଂସା ଶୁଣିପାରିବେ ନାହିଁ। ପ୍ରତିବନ୍ଧକ କାରଣରୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ କିଛି ମତପାର୍ଥକ୍ୟ ସୃଷ୍ଟି ମାନସିକ ଅଶାନ୍ତିର କାରଣ ହେବ। କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** ପ୍ରତିକୂଳତା କାରଣରୁ ଯେଉଁ କାମରେ ହାତ ଦେଲେ ମଧ ସେଥିରେ ସଫଳତା ପାଇବା କଷ୍ଟକର ହେବ। ଇଚ୍ଛା ନ ଥିଲେ ମଧ ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ। ରୋଗ, ଋଣ ଓ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ, ଏଣୁ ସାମୟିକ ଆନନ୍ଦ ପାଇବେ।

**କନ୍ୟା** ଆଜି ସକାଳୁ ସକାଳୁ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଯେକୌଣସି ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ। ରୋଗଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଚିତ୍ରା ନକ୍ଷତ୍ର ପାଇଁ ଦିନଟି ବହୁତ ଅନୁକୂଳ ରହିବ, ଅର୍ଥ ଓ ସମ୍ମାନ ପାଇବେ।

**ତୁଳା** ପରିବାରରେ ମନ ଭିତରର ଅଶାନ୍ତି ବିରକ୍ତିକର କଥାବାର୍ତ୍ତାର ରୂପ ନେଇପାରେ। ଆର୍ଥିକ ସଂକଟ ସୁଧାରିବା ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇବେ।

**ବିଛା** ବନ୍ଧୁଙ୍କ ସହ ସାମାନ୍ୟ କଥାରେ ଅତିଶୟ ରାଗି ପରିସ୍ଥିତିକୁ ସରଗରମ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ନାନା ସମସ୍ୟାରେ ପଡ଼ି ବିଶେଷ ଭାବରେ ବିଚଳିତ ହୋଇପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହେବାର ସମ୍ଭାବନା ରହିଛି।

**ଧନୁ** ଆଜି ଶନିଙ୍କ ସ୍ଥିତି କାରଣରୁ ଅତୀତ କଥା ଚିନ୍ତା କରି ମନଟା ଭଲ ଲାଗି ନ ପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବାକୁ ଚେଷ୍ଟା କରି ମଧ କିଛି ଲାଭ ପାଇବେ ନାହିଁ। ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅସାବଧାନତା ପରିହାର କରି ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

**ମକର** ସଭାସମିତିରେ ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକିପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହେବେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

**କୁମ୍ଭ** ସମସ୍ୟାବହୁଳ ପରିସ୍ଥିତିରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇ ପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ରର କୌଣସି ଘଟଣାକୁ ନେଇ ଆଜି ମନ ଭାରାକ୍ରାନ୍ତ ରହିବ। ଶାରୀରିକ ଅସୁସ୍ଥତା ମଧ ଏହାର ଏକ କାରଣ ହୋଇପାରେ। ବିବାଦୀୟ ଘଟଣାରେ, ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ** ଯେତେ ଭାବିଚିନ୍ତି କାମ କଲେ ମଧ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ବହୁଦୂରରେ ଥିବାର ଅନୁଭବ କରିବେ। ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ। ପ୍ରଶାସନିକ କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ଅତିବାହିତ କରିବେ।

ଆଜି ଫେବୃଆରୀ ୧୮ ତାରିଖ, ମାଘ ଶୁକ୍ଳ ନବମୀଯୁକ୍ତ ଦଶମୀ ରବିବାର, ରାମକୃଷ୍ଣ ପରମହଂସଙ୍କ ଜନ୍ମ ଦିବସ, ରାଶିନକ୍ଷତ୍ର- ଦିବା ଘ.୦୯।୨୩ ଗତେ, ମୃଗଶିରା/ବୃଷ ଦଶମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଜଳାଶୟ ଖନନ ଓ ନବବଧୂ ଯାତ୍ରା ସକାଶେ ଶୁଭଦିନ। ଦିବା ଘ.୦୬।୧୮ ଗତେ ଘ.୧୦।୦୬ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୭ ଗତେ ଘ.୦୫।୪୩ ମଧ୍ୟେ ରାହୁ କାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୮/୨୦୨୪ | Bhubaneswar, Sunday, February 18/2024 | ପୃଷ୍ଠା-୧


# ଫେରିବ ଚୌଦ୍ୱାର ହୃତଗୌରବ

## ୱେଲ୍‌ସ୍ୱନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ




ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

**କଟକ/ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୧୭।୨(କାର୍ତ୍ତିକ ସାହୁ/ ଆଶୁତୋଷ ଦାସ/ମାନସ ସାମଲ)**

ଚୌଦ୍ୱାର ପାଇଁ ଶନିବାର ବହୁତ ଖୁସିର ଦିନ। ଚୌଦ୍ୱାର ତା'ର ଗୌରବ ଫେରିପାଇବାକୁ ଯାଉଛି। ୫୦ ଦଶକ ଆରମ୍ଭରେ ବିଜୁ ବାବୁ ଚୌଦ୍ୱାରରେ ଶିଳ୍ପ ବିକାଶର ଭିତ୍ତି ରଖିଥିଲେ। ପୁଣିଥରେ ଚୌଦ୍ୱାର ପାଇଁ, କଟକ ଜିଲା ଲାଗି, ସାରା ଓଡ଼ିଶା ନିମନ୍ତେ ଶନିବାର ଶିଳ୍ପକ୍ଷେତ୍ରରେ ନୂଆ ଇତିହାସ ଲେଖାଗଲା। ଏହାସହିତ ଚୌଦ୍ୱାରରେ ଆରମ୍ଭ ହୋଇଛି ଶିଳ୍ପାୟନ ପୁନର୍ବିକାଶର ଏକ ଗୌରବମୟ ଅଧ୍ୟାୟ। ଚୌଦ୍ୱାରରେ ବିଶ୍ୱପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲ୍‌ସ୍ୱନ୍‌ର ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଶନିବାର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ଏଥିସହ ସେ ଆହୁରି କହିଛନ୍ତି, ଏହି ଶିଳ୍ପ ଦ୍ୱାରା କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା ଓ ଗଜପତି ଜିଲାର କପାଚାଷୀମାନେ ଉପକୃତ

- **୩୦୫୦ କୋଟି ଟଙ୍କା ପୁଞ୍ଜିନିବେଶ, ପ୍ରତ୍ୟକ୍ଷରେ ୧୦ ହଜାର ନିଯୁକ୍ତି**
- **ମହିଳାମାନଙ୍କ ଦକ୍ଷତା ବିକାଶ, ନିଯୁକ୍ତି ପାଇଁ ବିପୁଳ ସୁଯୋଗ**
- **ପୁଞ୍ଜି ଆକର୍ଷଣରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ: ଗୋଏଙ୍କା**

ହେବେ। ବୟନ ଶିଳ୍ପରେ ମା'ମାନଙ୍କ ପାଇଁ ବହୁତ ସୁଯୋଗ ଅଛି। ସେମାନଙ୍କ ଦକ୍ଷତାର ବିକାଶ କରାଯିବା ସହ ନିଯୁକ୍ତି ପାଇଁ ବହୁତ ସୁଯୋଗ ଆସିବ। ୱେଲ୍‌ସ୍ୱନ୍ ଗ୍ରୁପ୍ ପୃଥିବୀର ଏକ ପ୍ରସିଦ୍ଧ ବୟନ ଶିଳ୍ପ କମ୍ପାନୀ ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୟୁରୋପ, ଆମେରିକା ଭଳି ବିଶ୍ୱର ଧନୀ ଦେଶଗୁଡ଼ିକୁ ଏହାର ସାମଗ୍ରୀ ବହୁ ପରିମାଣରେ ରପ୍ତାନି ହୁଏ। ଏପରି କମ୍ପାନୀ ଓଡ଼ିଶାକୁ ଆସିବା ବହୁତ ଖୁସିର କଥା। ଚୌଦ୍ୱାରରେ ଏହି କମ୍ପାନୀ ପୁଞ୍ଜିନିବେଶ ଓ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବ। ୱେଲ୍‌ସ୍ୱନ୍ ଗ୍ରୁପ୍‌ର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ଧନ୍ୟବାଦ ଦେଇ କହିଛନ୍ତି, ଓଡ଼ିଶାର ବିକାଶ ଯାତ୍ରାରେ ୱେଲ୍‌ସ୍ୱନ୍ ଗ୍ରୁପ୍‌ର ସହଭାଗିତା ଅଭିବୃଦ୍ଧିର ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏହି ଶିଳ୍ପର ସଫଳତା ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ୱେଲ୍‌ସ୍ୱନ୍ ଗ୍ରୁପ୍ ଅଧ୍ୟକ୍ଷ ଗୋଏଙ୍କା କହିଛନ୍ତି, ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାରେ ବ୍ୟାପକ ଉନ୍ନତି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ କଠିନ ପରିଶ୍ରମ ଯୋଗୁ ଓଡ଼ିଶାରେ ଏପରି ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଯୋଗୁ ଓଡ଼ିଶାର ସରକାରୀ ସ୍କୁଲଗୁଡ଼ିକ ବେସରକାରୀ ସ୍କୁଲଠାରୁ ଅଧିକ ଭଲ ହୋଇପାରିଛି। ଭାରତରେ ସବୁଠାରୁ ଅଧିକ ପୁଞ୍ଜି ହିଁ ଓଡ଼ିଶାକୁ ଆସୁଛି। ଓଡ଼ିଶାରେ ☞ପୃଷ୍ଠା-୯







# ଭାଜପା ନେତାଙ୍କ ଘର ଆଗରେ ଚାଷୀଙ୍କ ବିକ୍ଷୋଭ

## ଏମ୍ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ପାଇଁ ଅଧ୍ୟାଦେଶ ଆଣୁ କେନ୍ଦ୍ର: ପାନ୍ଧେର

ଚଣ୍ଡିଗଡ଼,୧୭।୨(ପି.ଟି.)

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ କୃଷକ ସଂଗଠନଗୁଡ଼ିକ 'ଦିଲ୍ଲୀ ଚଲୋ' ଅଭିଯାନ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ଭାରତୀୟ କିଷାନ ୟୁନିୟନ (ଏକତା ଉଗ୍ରହନ)ର ସଦସ୍ୟମାନେ ଶନିବାର ପଞ୍ଜାବର ୩ ବରିଷ୍ଠ ଭାଜପା ନେତାଙ୍କ ବାସଭବନ ବାହାରେ ଧାରଣାରେ ବସିଛନ୍ତି। ଭାଜପାର ପଞ୍ଜାବ ସଭାପତି ସୁନୀଲ ଜଖରଙ୍କ ଫଜିଲକାର ପଞ୍ଜକୋସିସ୍ଥିତ ବାସଭବନ, ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ପଟିଆଲା ବାସଭବନ ଏବଂ କେୱଲ ଧିଲୋନଙ୍କ ବର୍ନାଲାସ୍ଥିତ ବାସଭବନ ବାହାରେ ବିକେୟୁ ପକ୍ଷରୁ ଦୁଇଦିନିଆ ଧାରଣା ଆରମ୍ଭ ହୋଇଛି। ଏହି ଭାଜପା ନେତାମାନେ କୃଷକ ଆନ୍ଦୋଳନକୁ ସମର୍ଥନ କରୁଥିବା ଜଣାପଡ଼ିଛି।

ସେପଟେ ଦିଲ୍ଲୀ ଚଲୋ ଅଭିଯାନରେ ଥିବା ପଞ୍ଜାବର ଚାଷୀମାନେ ହରିୟାଣାର ଦୁଇଟି ସୀମାରେ ଡେରା ପକାଇ ରହିବା ସହ ଦାବି ପୂରଣ ପାଇଁ ଚାପ ପକାଉଛନ୍ତି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଚାଷୀମାନେ ଦିଲ୍ଲୀ ଅଭିଯାନରେ ବାହାରିଥିବାବେଳେ ଶମ୍ଭୁ ଏବଂ ଖନୌରି ପଏଣ୍ଟରେ ସୁରକ୍ଷା ବଳ ସେମାନଙ୍କୁ ଅଟକାଇଥିଲା। କୃଷକ ନେତାମାନଙ୍କ ସହ କେନ୍ଦ୍ର ସରକାରଙ୍କ ୩ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିବାବେଳେ ରବିବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହେବାକୁ ଯାଉଛି। ଏମ୍ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ପାଇଁ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିବାକୁ କୃଷକ ନେତା ସରୱନ ସିଂ ପାନ୍ଧେର ଶନିବାର ଦାବି କରିଛନ୍ତି। ସରକାର ଚାଷୀ ଆନ୍ଦୋଳନର ସମାଧାନ ଚାହୁଁଥିଲେ ତୁରନ୍ତ ଅଧ୍ୟାଦେଶ ଆଣନ୍ତୁ। ତା'ହେଲେ ଆଲୋଚନା ଆଗେଇବ ବୋଲି ପାନ୍ଧେର କହିଛନ୍ତି।



ପଞ୍ଜାବର ଭାଜପା ନେତାଙ୍କ ଘର ଆଗରେ କୃଷକମାନେ ଧାରଣା ଦେଇଛନ୍ତି।



ନୂଆଦିଲ୍ଲୀର ଜଖିରା ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି।

# ଭୋଟ ଜାଲିଆତିରେ ପାକ୍ ସିଇସି, ମୁଖ୍ୟ ବିଚାରପତି ସମ୍ପୃକ୍ତ

**ଇସ୍‌ଲାମାବାଦ,୧୭।୨(ପି.ଟି.):** ପାକିସ୍ତାନରେ ଗତ ୮ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ବ୍ୟାପକ ଜାଲିଆତି ହୋଇଥିବାବେଳେ ଏଥିରେ ଦେଶର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ମୁଖ୍ୟ ବିଚାରପତି ସମ୍ପୃକ୍ତ ଥିବା ଜଣେ ବରିଷ୍ଠ ପଦାଧିକାରୀ ଅଭିଯୋଗ କରିଛନ୍ତି। ବେଆଇନ କାର୍ଯ୍ୟ ପାଇଁ ନିଜକୁ ଦାୟୀ କରି ରାୱଲପିଣ୍ଡି କମିଶନର ଲିଆକତ୍ ଅଲି ଚଟ୍ଟାହ ଇସ୍ତଫା ଦେଇଛନ୍ତି। ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଭୋଟ ରିଗିଂ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଥିବାବେଳେ ଲିଆକତ୍ ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ଯେଉଁ ପ୍ରାର୍ଥୀମାନେ ନିର୍ବାଚନରେ ପରାଜିତ ହେବାକୁ ଯାଉଥିଲେ, ସେମାନଙ୍କୁ ଜିତାଇ ଦିଆଯାଇଥିଲା। ଏହି କାର୍ଯ୍ୟରେ ମୁଖ୍ୟ ନିର୍ବାଚନ କମିଶନର ଏବଂ ମୁଖ୍ୟ ବିଚାରପତି ସମ୍ପୂର୍ଣ୍ଣ ଭାବେ ସମ୍ପୃକ୍ତ ଥିଲେ ବୋଲି ଲିଆକତ୍ ଗଣମାଧ୍ୟମକୁ କହିଛନ୍ତି।

# ବାଣ କାରଖାନାରେ ବିସ୍ଫୋରଣ, ୧୦ ମୃତ

**ଚେନ୍ନାଇ,୧୭।୨:** ତାମିଲନାଡୁର ବିରୁଧୁନଗର ଜିଲାର ବେମ୍ବାକୋଟ୍ଟଇଠାରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୯ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ୬ ଜଣ ଗୁରୁତର ଥିବାବେଳେ ସେମାନଙ୍କୁ ଶିବକାଶୀସ୍ଥିତ ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ସୂଚନା ମିଳିବା ମାତ୍ରେ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବାଣ କାରଖାନାରେ ରହିଥିବା ରାସାୟନିକ ମିଶ୍ରଣ କକ୍ଷରେ ଏହି ବିସ୍ଫୋରଣ ଘଟିଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି। ଭୟଙ୍କର ବିସ୍ଫୋରଣରେ କାରଖାନା ପାଖରେ ରହିଥିବା ଏକ ଚାରି ମହଲା କୋଠାକୁ ମଧ୍ୟ କ୍ଷତି ପହଞ୍ଚିଛି। ମୃତ୍ୟୁବରଣ କରିଥିବା ୧୦ ଜଣଙ୍କ ମଧ୍ୟରୁ ୫ ଜଣ ମହିଳା ଶ୍ରମିକ ଥିବା ପୋଲିସ ସୂଚନା ଦେଇଛି। ସମ୍ପୂର୍ଣ୍ଣ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ଶୋକ ପ୍ରକାଶ କରିବା ସହ ସମସ୍ତ ମୃତ ଶ୍ରମିକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

# ୨୧ ବୁଲା କୁକୁରଙ୍କୁ ଗୁଳିକରି ହତ୍ୟା

**ହାଇଦ୍ରାବାଦ୍, ୧୭।୨:** ତେଲଙ୍ଗାନା ମହବୁବ୍ ନଗର ଜିଲାର ପୋନ୍ନାକାଇ ଗ୍ରାମରେ ଜଣେ ଅଜ୍ଞାତ ଯୁବକ ୨୧ କୁକୁରଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଜିଲା ପଶୁପାଳନ ବିଭାଗ ପକ୍ଷରୁ ମୃତ କୁକୁରମାନଙ୍କର ବ୍ୟବଚ୍ଛେଦ କରାଯାଇଥିବାବେଳେ ସେମାନେ ଗୁଳିରେ ମରିଥିବା ଜଣାପଡ଼ିଛି। ଅସ୍ତ୍ରଶସ୍ତ୍ର ଆଇନ ଓ ଜୀବ ନିଷ୍ଠୁରତା ଆଇନ ଅନୁଯାୟୀ ପୋଲିସ ଏତଲା ରୁଜୁ କରିଥିବାବେଳେ ଏପର୍ଯ୍ୟନ୍ତ ଆକ୍ରମଣକାରୀଙ୍କର ପରିଚୟ ମିଳିପାରିନାହିଁ। ତେବେ କୁକୁରମାନଙ୍କୁ ପ୍ରଥମେ ବିଷ ଦିଆଯାଇ ପରେ ବହୁ ପାଖରୁ ଗୁଳି କରାଯାଇଥିବା ସନ୍ଦେହ କରିଛନ୍ତି ସ୍ଥାନୀୟ ପୋଲିସ ସବ୍‌ଇନସ୍ପେକ୍ଟର ଶ୍ରୀନିବାସ। ରାସ୍ତାରେ ସିସିଟିଭି ଲାଗି ନ ଥିବାରୁ ଅପରାଧୀକୁ ଧରିବା ପୋଲିସ ପାଇଁ ଜଟିଳ ହୋଇ ପଡ଼ିଛି।

# ଆସ୍ଥାଭୋଟ ଜିତିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୭।୨(ପି.ଟି.)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବିଧାନସଭାରେ ଆଣିଥିବା ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି। ଭୋଟ ବେଳେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ୬୨ ବିଧାୟକଙ୍କ ମଧ୍ୟରୁ ୫୪ ଜଣ ଉପସ୍ଥିତ ଥିଲେ। କୌଣସି ଏଏପି ବିଧାୟକ ଦଳ ବଦଳ କରିନାହାନ୍ତି। ୨ ଜଣ ଜେଲରେ ଥିବାବେଳେ କେତେଜଣ ଅସୁସ୍ଥ ଅଛନ୍ତି ଓ ଅନ୍ୟମାନେ ଦିଲ୍ଲୀ ବାହାରେ ରହିଛନ୍ତି ବୋଲି କେଜ୍‌ରିୱାଲ କହିଥିଲେ।

ଆସ୍ଥା ଭୋଟ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଥିଲେ, ଏଏପି ହେଉଛି ଭାଜପାର ସବୁଠୁ ବଡ଼ ଚ୍ୟାଲେଞ୍ଜର। ସେଥିପାଇଁ ଏହି ଦଳ ଉପରେ ସବୁ ଦିଗରୁ ଆକ୍ରମଣ ହେଉଛି। ଭାଜପା ଏଥର ଲୋକ ସଭା ନିର୍ବାଚନ ଜିତିଲେ ମଧ୍ୟ ୨୦୨୯ରେ ତାଙ୍କ ଦଳ ଗୈରିକ ଦଳଠାରୁ ଦେଶକୁ ମୁକ୍ତ କରିବ ବୋଲି କେଜ୍‌ରିୱାଲ କହିଥିଲେ। ବିଧାନସଭାରେ ଏଏପିର ସଂଖ୍ୟାଗରିଷ୍ଠତା ରହିଛି। ତେବେ ତାଙ୍କ ସରକାରକୁ ଭାଙ୍ଗିବା ପାଇଁ ଭାଜପା କେତେଜଣ ବିଧାୟକଙ୍କୁ କିଣିବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିବା ପରେ ସେ ଆସ୍ଥା ପ୍ରସ୍ତାବ ଆଣିଥିଲେ ବୋଲି କହିଛନ୍ତି।

# ଟ୍ରମ୍ପଙ୍କୁ ୩୬୪ ନିୟୁତ ଡଲାର ଜରିମାନା

ନୂଆଦିଲ୍ଲୀ,୧୭।୨

## ଜାଲିଆତି ମାମଲା

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନ୍ୟୁୟର୍କର ଏକ ଜାଲିଆତି ମାମଲାରେ ୩୬୪ ନିୟୁତ ଡଲାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ନ୍ୟୁୟର୍କର ଜଣେ ବିଚାରପତି ଶୁକ୍ରବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଟ୍ରମ୍ପ ଏକ ଯୋଜନା ବଳରେ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥାକୁ ଠକି ନିଜର ସମ୍ପତ୍ତି ବଢ଼ାଇଥିଲେ ବୋଲି ବିଚାରପତି କହିଛନ୍ତି। ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ କୌଣସି ନ୍ୟୁୟର୍କ କର୍ପୋରେଶନର ଅଫିସର କିମ୍ବା ଡାଇରେକ୍ଟର ନ ରଖିବାକୁ କୋର୍ଟ କହିଛନ୍ତି। ଦୀର୍ଘ ଅଢ଼େଇ ମାସର ଶୁଣାଣି ପରେ ବିଚାରପତି ଆର୍ଥର ଏଙ୍ଗୋରନ ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ଆର୍ଟର୍ନି ଜେନେରାଲ ତଥା ଡେମୋକ୍ରାଟ୍ ନେତା ଲେଟିଟିଆ ଜେମ୍ସଙ୍କ ପାଇଁ ବଡ଼ ବିଜୟ। ସେ ଟ୍ରମ୍ପଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ଅନ୍ୟପକ୍ଷରେ ଉକ୍ତ ରାୟକୁ ଉପର ଅଦାଲତରେ ଚ୍ୟାଲେଞ୍ଜ କରାଯିବ ବୋଲି ଟ୍ରମ୍ପଙ୍କ ଓକିଲ କହିଛନ୍ତି।

# ୧୨ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା

ତେହରାନ,୧୭।୨

ଇରାନରେ ଜଣେ ୩୦ ବର୍ଷୀୟ ଯୁବକ ଶନିବାର ତାଙ୍କର ୧୨ ଜଣ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଦକ୍ଷିଣପୂର୍ବ ଇରାନର ଏକ ଗାଁରେ ଏଭଳି ହତ୍ୟାକାଣ୍ଡ ଘଟିଛି। ପାରିବାରିକ ବିବାଦକୁ ନେଇ ଅଭିଯୁକ୍ତ ତାଙ୍କ ବାପା, ଭାଇ ଓ ଅନ୍ୟ ସମ୍ପର୍କୀୟଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି କେର୍‌ମାନ ପ୍ରଦେଶର ନ୍ୟାୟ ବିଭାଗ ମୁଖ୍ୟ ଇବ୍ରାହିମ୍ ହମିଦି କହିଛନ୍ତି। ଅଭିଯୁକ୍ତ ଏକ କାଲାଶ୍ନିକୋଭ୍ ଆସଲ୍ଟ ରାଇଫଲ ବ୍ୟବହାର କରିଥିଲେ।

# ଅଭିନେତ୍ରୀ ସୁହାନି ଭଟ୍ଟନାଗରଙ୍କ ପରଲୋକ

ନୂଆଦିଲ୍ଲୀ,୧୭।୨

## 'ଦଙ୍ଗଲ'ରେ ବବିତା ଫୋଗଟ ଭୂମିକାରେ ଅଭିନୟ କରିଥିଲେ



ଆମିର ଖାନ୍‌ଙ୍କ ଚଳଚ୍ଚିତ୍ର 'ଦଙ୍ଗଲ'ରେ ଶିଶୁ କଳାକାର ବବିତା ଫୋଗଟ ଭୂମିକାରେ ଅଭିନୟ କରିଥିବା ସୁହାନି ଭଟ୍ଟନାଗରଙ୍କର ମାତ୍ର ୧୯ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ସେ ଏକ ବିରଳ ରୋଗ ଡର୍ମାଟୋମ୍ୟୋସିଟିସ୍‌ରେ ପୀଡ଼ିତ ଥିଲେ। ଦୁଇ ମାସ ପୂର୍ବରୁ ତାଙ୍କ ହାତ ଫୁଲିବା ଆରମ୍ଭ ହୋଇଥିଲା। ପରେ ତାହା ସାରା ଶରୀରକୁ ବ୍ୟାପିଯାଇଥିଲା ବୋଲି ସୁହାନିଙ୍କ ବାପା ଗଣମାଧ୍ୟମକୁ କହିଛନ୍ତି। ଅନେକ ଡାକ୍ତରଙ୍କ ସହ ପରାମର୍ଶ କରାଯାଇଥିଲେ ରୋଗ ଚିହ୍ନଟ ହୋଇପାରି ନ ଥିଲା। ୧୧ ଦିନ ପୂର୍ବରୁ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବାବେଳେ ପରୀକ୍ଷା ନିରୀକ୍ଷାରୁ ଡର୍ମାଟୋମ୍ୟୋସିଟିସ୍ ବୋଲି ଜଣାପଡ଼ିଥିଲା। ଏହି ରୋଗର ଏକମାତ୍ର ଚିକିତ୍ସା ଷ୍ଟେରଏଡ୍। ତେବେ ଷ୍ଟେରଏଡ୍ ନେବାରୁ ସୁହାନିଙ୍କ ରୋଗ ପ୍ରତିରୋଧ କ୍ଷମତା କମିଯାଇଥିଲା। ସେ ହସ୍ପିଟାଲରେ ଅନ୍ୟ ରୋଗରେ ସଂକ୍ରମିତ ହେବାରୁ ଫୁସ୍‌ଫୁସ୍ ଦୁର୍ବଳ ହୋଇପଡ଼ିଲା। ସେଥିରେ ତରଳ ପଦାର୍ଥ ସୃଷ୍ଟି ହେବାରୁ ଶ୍ୱାସକ୍ରିୟାରେ କଷ୍ଟ ହେଲା। ଶୁକ୍ରବାର ସନ୍ଧ୍ୟାରେ ସେ ଆଖି ବୁଜିଲେ ବୋଲି ସୁହାନିଙ୍କ ବାପା କହିଛନ୍ତି।

# ଇନ୍‌ସାଟ୍-୩ଡିଏସ୍ କକ୍ଷପଥରେ ଅବସ୍ଥାପିତ

ଶ୍ରୀହରିକୋଟା,୧୭।୨

ପୃଥିବୀ ଏବଂ ମହାସାଗର ପୃଷ୍ଠ ସମ୍ପର୍କରେ ଅଧ୍ୟୟନ ଲାଗି ମିଶନରେ ଆଗେଇଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶନିବାର ଏହାର ପରବର୍ତ୍ତୀ ପିଢ଼ିର ପାଣିପାଗ ପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଇନ୍‌ସାଟ୍-୩ଡିଏସ୍‌କୁ ସଫଳତାର ସହ ଲଞ୍ଚ୍ କରିଛି। ଜିଏସ୍‌ଏଲ୍‌ଭି ରକେଟ ସହାୟତାରେ ଉକ୍ତ ସାଟେଲାଇଟ୍‌କୁ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଜିଏସ୍‌ଏଲ୍‌ଭି ରକେଟ ପ୍ରଯୁକ୍ତି ଏକ ଚ୍ୟାଲେଞ୍ଜ ଥିବାବେଳେ ଶନିବାରର ସଫଳ ମିଶନ ଫଳରେ ଇସ୍ରୋ ଆଶ୍ୱସ୍ତ ହୋଇଛି। ଆଜିର ସଫଳତା ମହାକାଶ ସଂସ୍ଥାକୁ ବଡ଼ ଆତ୍ମବିଶ୍ୱାସ ଦେଇଥିବା ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ଜିଏସ୍‌ଏଲ୍‌ଭିକୁ ନିସାର୍ ମିଶନରେ ନିୟୋଜିତ କରାଯିବ। ଆମେରିକାର ନାସା ସହାୟତାରେ ଏହି ମିଶନ କାର୍ଯ୍ୟକାରୀ ହେବାକୁ ଯାଉଛି।

ଦୀର୍ଘ ୨୭.୫ ଘଣ୍ଟାର ଅବଗଣନା ପରେ ଶନିବାର ଅପରାହ୍ନ ୫ଟା ୩୫ ମିନିଟ୍ ସମୟରେ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍‌ରୁ ୫୨ ମିଟର ଉଚ୍ଚତା ବିଶିଷ୍ଟ ଜିଏସ୍‌ଏଲ୍‌ଭି-ଏଫ୍୧୪ ରକେଟ୍ ଇନ୍‌ସାଟ୍-୩ଡିଏସ୍‌କୁ ନେଇ ମହାକାଶକୁ ଯାଇଥିଲା। ୨୦ ମିନିଟ୍ ପରେ ରକେଟରୁ ଏହାର କ୍ରିଓଜେନିକ ଉପର ପର୍ଯ୍ୟାୟ ଅଲଗା ହୋଇ ସାଟେଲାଇଟ୍‌କୁ ଜିଓସିନ୍‌କ୍ରୋନୋସ୍ ଟ୍ରାନ୍ସଫର ଅର୍ବିଟରେ ସ୍ଥାପନ କରିଥିଲା।

# ଗୋଟିଏ ଏନ୍‌କ୍ଲୋଜରରେ ସୀତା, ଆକ୍‌ବର

କୋଲକାତା, ୧୭।୨

## ହାଇକୋର୍ଟ ଗଲା ଭିଏଚ୍‌ପି



ପଶ୍ଚିମବଙ୍ଗର ସିଲିଗୁଡ଼ି ସଫାରି ପାର୍କରେ ଏକ ସିଂହୀ ଓ ସିଂହୀର ନାମକରଣକୁ ନେଇ ବିବାଦ ଦେଖାଦେଇଛି। ସିଂହୀର ନାମ ସୀତା ଓ ସିଂହର ନାଁ ଆକବର ରଖାଯାଇଛି, ଯାହାକୁ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ବିରୋଧ କରିଛି। ଉକ୍ତ ପାର୍କର ସମାନ ଏନକ୍ଲୋଜର ମଧ୍ୟରେ ସୀତା ଓ ଆକ୍‌ବରକୁ ଏକାଠି ରଖିବା ନେଇ ବନ ବିଭାଗର୍ ନିଷ୍ପତ୍ତି ବିରୋଧରେ ଭିଏଚ୍‌ପି କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହା ହିନ୍ଦୁମାନଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଉଥିବା ଅଭିଯୋଗ କରି ହାଇକୋର୍ଟଙ୍କ ଜଲପାଇଗୁଡ଼ି ସର୍କିଟ ବେଞ୍ଚରେ ଭିଏଚ୍‌ପି ପକ୍ଷରୁ ଏକ ପିଟିଶନ୍ ଦାଖଲ କରାଯାଇଛି। ଜଷ୍ଟିସ ସୌଗତ ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ ମଙ୍ଗଳବାର ଏହାର ଶୁଣାଣି କରିବେ। ରାଜ୍ୟ ବନ ବିଭାଗ ଅଧିକାରୀ ଓ ସଫାରି ପାର୍କର ନିର୍ଦ୍ଦେଶକଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ତେବେ ଭିଏଚ୍‌ପିର ଅଭିଯୋଗକୁ ନେଇ ପଶ୍ଚିମବଙ୍ଗ ବନ ବିଭାଗ କହିଛି, ଉଭୟ ସୀତା ଓ ଆକ୍‌ବରଙ୍କୁ ଗତ ୧୩ ତାରିଖରେ ତ୍ରିପୁରାର ସେପାହିଜାଲା ପ୍ରାଣୀ ଉଦ୍ୟାନରୁ ଅଣାଯାଇଥିଲା। ଏହା ପୂର୍ବରୁ ଉଭୟଙ୍କର ନାମକରଣ ହୋଇଯାଇଥିବା ବନ ବିଭାଗ ସ୍ପଷ୍ଟୀକରଣ ରଖିଛି। ଦେଶରେ ପ୍ରଥମ ଥର ପାଇଁ ବନ୍ୟପ୍ରାଣୀଙ୍କ ନାମକୁ ନେଇ ବିବାଦ ଦେଖାଦେଇଥିବାବେଳେ ସିଂହୀର ନାମ ପରିବର୍ତ୍ତନ କରିବାକୁ ଭିଏଚ୍‌ପି ଦାବି କରିଛି।

## ଫୁର୍‌ସତ୍

# ଏକା ହୋଟେଲ ଚଳାଉଛନ୍ତି ୧୯ ବର୍ଷୀୟ ଯୁବକ

କୋଲକାତା



ଯଦି କେହି କୌଣସି ଏକ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥାଏ, ତେବେ କାର୍ଯ୍ୟଟି ଯେତେ କଷ୍ଟକର ହୋଇଥିଲେ ମଧ୍ୟ ତାହାକୁ ସମ୍ପୂର୍ଣ୍ଣ କରିବାକୁ ପଡ଼ିଥାଏ। କୋଲକାତାର ୧୯ ବର୍ଷ ବୟସ୍କ ଯୁବକ ସାଗରଙ୍କ ଜୀବନରେ ମଧ୍ୟ ଏପରି ଘଟିଛି । ଗତ ବର୍ଷ ସେ ନିଜ ମାତାପିତାଙ୍କୁ ହରାଇଥିବାରୁ ଏବେ ସାନ ଭଉଣୀର ଦାୟିତ୍ୱ ତାଙ୍କ ଉପରେ ରହିଛି। ଏଭଳି ପରିସ୍ଥିତିରେ ସାଗର ତାଙ୍କ ପିତାଙ୍କ ମୃତ୍ୟୁ ପରେ ବନ୍ଦ ହୋଇ ପଡ଼ିଥିବା ହୋଟେଲକୁ ଖୋଲି ଏକ ନୂତନ ଅଧ୍ୟାୟ ଲେଖିବାକୁ ସ୍ଥିର କରିଛନ୍ତି। କିଛିଦିନ ତଳେ ଜଣେ ବ୍ଲଗର ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ସାଗରଙ୍କ କାହାଣୀ ଶେୟାର କରିଛନ୍ତି। ଭିଡିଓରେ ପ୍ରସିଦ୍ଧ ବଙ୍ଗୀୟ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ୱସ୍ତିକା ମୁଖାର୍ଜୀ ମଧ୍ୟ ସାଗରଙ୍କ ହୋଟେଲରେ ଖାଉଥିବା ନଜର ଆସୁଛନ୍ତି। ଏହି ଭିଡିଓର କ୍ୟାପ୍‌ସନ୍‌ରେ ସମ୍ପୃକ୍ତ ବ୍ଲଗର ଜଣକ ଲେଖିଛନ୍ତି, ଦୁଃଖଦ ଘଟଣାକୁ ସଫଳତାରେ ପରିଣତ କରିବାକୁ ସଂକଳ୍ପ ନେଇଛନ୍ତି ଏହି ସାଗର। ଏହି ଭିଡିଓରେ ସାଗର ତାଙ୍କ ପିତାଙ୍କ ବନ୍ଦ ହୋଇପଡ଼ିଥିବା ହୋଟେଲକୁ ପୁଣି ଖୋଲିଥିବା କହିଛନ୍ତି। ପିତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଆଗାମୀ ଦିନରେ ଏକ ରେଷ୍ଟୁରାଣ୍ଟ ଖୋଲିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା କହିଛନ୍ତି। ସେ ଏହି ହୋଟେଲରେ ନିଜେ ରୋଷେଇ କରିବାଠାରୁ ଆରମ୍ଭ କରି ବାସନକୁସନ ସଫା କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିଜେ କରୁଛନ୍ତି। ଏହା ସହ ସେ କମ୍ପ୍ୟୁଟର କ୍ଲାସ ମଧ୍ୟ କରୁଥିବାବେଳେ ସାନ ଭଉଣୀର ଯତ୍ନ ମଧ୍ୟ ନେଉଛନ୍ତି। ସାମାଜିକ ଗଣମାଧ୍ୟମରେ ଶେୟାର ହେବା ପରେ ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓ ଦେଖି ଅନେକ ସାଗରଙ୍କର କଠିନ ପରିଶ୍ରମକୁ ବେଶ ପସନ୍ଦ କରୁଛନ୍ତି। ସାଗରଙ୍କ କାହାଣୀ ପ୍ରେରଣାଦାୟୀ ହୋଇଥିବା ସୂଚାଇ ଅନେକ ଲୋକ ଏହି ପୋଷ୍ଟରେ କମେଣ୍ଟ କରିଛନ୍ତି।

# ପ୍ରଶଂସକଙ୍କୁ ଶାହିଦ୍‌ଙ୍କ ଅଚାନକ ସରପ୍ରାଇଜ

ମୁମ୍ବାଇ

ଶାହିଦ୍ କପୁରଙ୍କ ଫିଲ୍ମ 'ତେରି ବାତୋ ମେଁ ଏସା ଉଲଝା ଜିଆ' ଚଳଚ୍ଚିତ୍ର ଦେଶର ବିଭିନ୍ନ ଫିଲ୍ମ ହଲ୍‌ରେ ପ୍ରଦର୍ଶିତ ହେଉଛି। ଏହି ଚଳଚ୍ଚିତ୍ରରେ ଶାହିଦ୍‌ଙ୍କ ସମେତ କ୍ରିତି ସାନୋନ୍ ମଧ୍ୟ ଅଭିନୟ କରିଛନ୍ତି। ଏହି ଅବସରରେ ଶାହୀଦ ଓ କ୍ରିତି ଏହି ଚଳଚ୍ଚିତ୍ରକୁ ଜୋରଦାର ପ୍ରମୋଟ କରୁଛନ୍ତି। ନିକଟରେ ଫିଲ୍ମର ସ୍କ୍ରିନିଂ ସମୟରେ ଶାହିଦ ହଠାତ ସହରର ଏକ ଥିଏଟରରେ ପହଞ୍ଚି ନିଜ ପ୍ରଶଂସକଙ୍କୁ ସରପ୍ରାଇଜ ଦେଇଥିଲେ। ଫିଲ୍ମ ହଲ୍ ମଧ୍ୟରେ ପ୍ରଶଂସକମାନେ ମଧ୍ୟ ଏହି ବଲିଉଡ୍ ଷ୍ଟାରଙ୍କୁ ପାଇ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ସାମାଜିକ ଗଣମାଧ୍ୟମରେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏନେଇ ଏକ ଭିଡିଓ ଶେୟାର କରାଯାଇଛି ଯାହା ଦିନକୁ ଦିନ ଭାଇରାଲ ହେବାରେ ଲାଗିଛି। ଥିଏଟରରେ ଫିଲ୍ମର ସ୍କ୍ରିନିଂ ଚାଲିଥିବା ସମୟରେ ପ୍ରଶଂସକଙ୍କ ସହ ଶାହିଦ୍ ନଜର ଆସୁଥିବା ଏହି ଭିଡିଓରୁ ଜଣା ପଡୁଛି। ପ୍ରଶଂସକମାନେ ତାଙ୍କ ସହ ଭରପୁର ସେଲ୍‌ଫି ନେଉଥିବା ଏହି କ୍ଲିପ୍‌ରୁ ଜଣାପଡୁଛି। ଶାହିଦ ମଧ୍ୟ ଏହି ଭିଡିଓଟିକୁ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଶାହିଦ୍‌ଙ୍କ ଅନ୍ଦାଜକୁ ସମସ୍ତେ ବେଶ୍ ପ୍ରଶଂସା କରିଛନ୍ତି। ଏହାପୂର୍ବରୁ ଅଭିନେତ୍ରୀ କ୍ରିତି ସାନୋନ୍ ମଧ୍ୟ ଏହି ଫିଲ୍ମ ସମ୍ବନ୍ଧରେ ପ୍ରଶଂସକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଏକ ଥିଏଟରରେ ଅଚାନକ ପହଞ୍ଚିଥିଲେ। ଏନେଇ ସେ ମଧ୍ୟ ନିଜ ଅନୁଭୂତିକୁ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଶେୟାର କରିଥିଲେ। 'ତେରି ବାତୋ ମେଁ ଏସା ଉଲଝା ଜିଆ' ଚଳଚ୍ଚିତ୍ର ଘରୋଇ ବକ୍ସ ଅଫିସରେ ଏପର୍ଯ୍ୟନ୍ତ ୪୪.୬ କୋଟି ଟଙ୍କା ସଂଗ୍ରହ କରିଛି।



# କମଲ ନାଥ ଭାଜପାକୁ ଯିବା ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୧୭।୨


କମଲ ନାଥ

ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ ଦଳ ଛାଡ଼ି ଭାଜପାରେ ଯୋଗଦେବା ନେଇ ଶନିବାର ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ସେ ନୂଆଦିଲ୍ଲୀ ଆସିଥିବାବେଳେ ତାଙ୍କର ପୁଅ ତଥା ମଧ୍ୟପ୍ରଦେଶରୁ ଏକମାତ୍ର କଂଗ୍ରେସ ଏମ୍‌ପି ନକୁଲ ନାଥ ତାଙ୍କ ସୋସିଆଲ୍ ମିଡିଆ ବାୟୋରୁ ଆଇଏନ୍‌ସି ହଟାଇଦେଇଥିବାରୁ ଏହା ଚର୍ଚ୍ଚାକୁ ବଳ ଦେଇଛି। ଉଭୟ ବାପପୁଅ ଗୈରିକ ଦଳରେ ଯୋଗଦେଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ଯଦିଓ କମଲ ନାଥ କଂଗ୍ରେସରୁ ଏପର୍ଯ୍ୟନ୍ତ ଇସ୍ତଫା ଦେଇ ନାହାନ୍ତି, ତେବେ ସେ ଦଳୀୟ କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ ଥିବା ତାଙ୍କ ଘନିଷ୍ଠ ସୂତ୍ରରୁ ଜଣାପଡ଼ିଛି। ଶନିବାର ଦିଲ୍ଲୀରେ ପହଞ୍ଚିଥିବା କମଲ ନାଥ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିନାହାନ୍ତି। ତେବେ ତାଙ୍କୁ ଦଳରେ ସ୍ୱାଗତ କରାଯିବ ବୋଲି ମଧ୍ୟପ୍ରଦେଶ ଭାଜପା ସଭାପତି ଭି.ଡି. ଶର୍ମା ଓ ଅନ୍ୟମାନେ କହିଛନ୍ତି। ନାଥ ଛିନ୍ଦୱାରା ନିର୍ବାଚନ ମଣ୍ଡଳୀରୁ ୯ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ ଭାଜପାରେ ଯୋଗଦିଅନ୍ତୁ, ଏହା ନିର୍ବାଚନ ମଣ୍ଡଳୀ ଜନସାଧାରଣ ଚାହାନ୍ତି ବୋଲି ଜଣେ କଂଗ୍ରେସ ନେତା କହିଛନ୍ତି। ନାଥ ତାଙ୍କ ଅସନ୍ତୋଷ କଂଗ୍ରେସ ନେତୃତ୍ୱକୁ ଜଣାଇଥିଲେ। ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ବ୍ୟସ୍ତ ଥିବାବେଳେ ଜୟରାମ ରମେଶ, କେ.ସି. ବେଣୁଗୋପାଳ ଏବଂ ରଣଦୀପ୍ ସୁର୍ଯେୱାଲାଙ୍କ ଭଳି ନେତା ଦଳ ଚଳାଉଥିବା ଉକ୍ତ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ଭାଜପାରେ ଯୋଗଦେବା ଖବରକୁ କମଲ ନାଥ ଖଣ୍ଡନ କରିଛନ୍ତି। ସେପରି କିଛି ହେଲେ ସେ ପ୍ରଥମେ ଗଣମାଧ୍ୟମକୁ ଜଣାଇବେ ବୋଲି କହିଛନ୍ତି।

# ଆଶାରେ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ, ଆସିନାହିଁ ନୂଆଙ୍କ ନାମ

ବାଲେଶ୍ୱର, ୧୭।୨(ମାନସ ବିଶ୍ୱାଳ)

## ବାଲେଶ୍ୱର ଲୋକ ସଭା କ୍ଷେତ୍ର




ବାଲେଶ୍ୱର ଲୋକ ସଭା ଆସନ ବାଲେଶ୍ୱର, ଜଳେଶ୍ୱର, ଭୋଗରାଇ, ବସ୍ତା, ରେମୁଣା, ନୀଳଗିରି ଏବଂ ମୟୂରଭଞ୍ଜ ଜିଲାର ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ସାଧାରଣ ନିର୍ବାଚନ ପାଇଁ କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ, ତାହାକୁ ନେଇ ଭିନ୍ନ ଭିନ୍ନ ଜାଗାରେ ଚର୍ଚ୍ଚା ଚାଲିଛି। ମୁଖ୍ୟତଃ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତ୍ରିପାକ୍ଷିକ ଲଢ଼େଇ ହେବାର ସମ୍ଭାବନା ରହିଛି। କିନ୍ତୁ ଏହି ପ୍ରମୁଖ ଦଳ କାହାକୁ ପ୍ରାର୍ଥୀ କରିବେ ତାହା ଉପରେ ସମସ୍ତଙ୍କ ନଜର।

୨୦୧୯ ନିର୍ବାଚନରେ ଭାଜପାରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏମ୍‌ପି ହୋଇଥିଲେ। ସେତେବେଳେ ତାଙ୍କ କ୍ରେଜ୍ ଥିବା ଦେଖିବାକୁ ମିଳିଥିଲା। ଦଳ ଓ କର୍ମୀଙ୍କ ଭିତରେ 'ନନା' ଭାବେ ପରିଚିତ ପ୍ରତାପଙ୍କୁ ମୋଦିଙ୍କ ସରକାରରେ ମନ୍ତ୍ରୀ ପଦ ମଧ୍ୟ ମିଳିଥିଲା। ନିରାଡ଼ମ୍ବର ଜୀବନଶୈଳୀ ଓ ଏକାଧିକ ଭାଷାରେ ପାର୍ଲାମେଣ୍ଟରେ ଭାଷଣ ଦେଇ ସେ ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚାରେ ଥିଲେ। ହେଲେ କରୋନା ସମୟରେ ଜିଲାରେ ତାଙ୍କର ଅନୁପସ୍ଥିତି ସହ ଆଖିଦୃଶିଆ ଉନ୍ନତିମୂଳକ କାର୍ଯ୍ୟ କରିବାରେ ସଫଳ ହୋଇପାରି ନ ଥିବାରୁ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି। ତେଣୁ ୨୦୨୪ରେ ଭାଜପା ତାଙ୍କୁ ଏହି ଆସନରୁ ପୁଣି ପ୍ରାର୍ଥୀ କରିବ କି ନାହିଁ, ସେ ନେଇ ସେଭଳି ଆଭାସ ମିଳୁନାହିଁ। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱରରୁ ପ୍ରାର୍ଥୀ ହେବେ ବୋଲି ଗୋଟେ 'ଘୋ' ଚାଲିଥିଲା। ସେ ରାଜ୍ୟ ସଭା ଲାଗି ନାମାଙ୍କନପତ୍ର ଭରିବା ପରେ ମଧ୍ୟ ଅନ୍ୟ ଆଶାୟୀଙ୍କ ନାମ ଆଲୋଚନାକୁ ଆସୁନାହିଁ। ଏଥିରୁ ଅନୁମାନ ଲଗାଇ ରାଜନୈତିକ ବିଶେଷଜ୍ଞ କହୁଛନ୍ତି, ଭାଜପା ନୂଆ ଚେହେରାକୁ ସୁଯୋଗ ଦେଇ ବାଲେଶ୍ୱର ଲୋକ ସଭା ସିଟ୍ ହାତେଇବା ସକାଶେ ସମ୍ଭବତଃ ଯୋଜନା କରୁଛି।

୨୦୧୪ରେ ବିଜେଡିରୁ ଇଂ. ରବୀନ୍ଦ୍ର କୁମାର ଜେନା ଏମ୍‌ପି ହୋଇଥିଲେ। କିନ୍ତୁ ୨୦୧୯ରେ ସେ ପ୍ରତାପଙ୍କଠାରୁ ପ୍ରାୟ ୧୩ହଜାର ଭୋଟ୍ ବ୍ୟବଧାନରେ ହାରିଥିଲେ। ବାଲେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ଆସନରୁ ଦଳ ୪ଟି ହାତେଇଥିଲା। ଲୋକ ସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ କାହିଁକି ପରାଜିତ ହେଲେ ସେ ନେଇ ସେତେବେଳେ ମାନସମନ୍ଥନ ମଧ୍ୟ ହୋଇଥିଲା। ଏବର ସ୍ଥିତି ଦେଖିଲେ ରବୀନ୍ଦ୍ର ଆସନ୍ତା ଲୋକ ସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। କିନ୍ତୁ ତାଙ୍କ ପତ୍ନୀ ତଥା ମହିଳା ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ବସ୍ତା ବିଧାନସଭା ଆସନରୁ ପ୍ରାର୍ଥୀ ହେବା ନେଇ ଜୋରଦାର ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳୁଛି। ଗୋଟିଏ ପରିବାରରୁ ଦୁଇଟି ଟିକେଟ୍ ମିଳିବା ଅସମ୍ଭବ ହେଉଥିବାରୁ ରବୀନ୍ଦ୍ର ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇ ନ ପାରନ୍ତି ବୋଲି ମଧ୍ୟ କଥା ଉଠୁଛି।

ଟିକେ ଇତିହାସ ଦେଖିଲେ ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ୩ଲକ୍ଷ ୧୩ହଜାର ୮୮୮ ଭୋଟ ପାଇ ଏନ୍‌ସିପିର ଅରୁଣ ଦେଙ୍କୁ ହରାଇଥିଲେ। ଭାଜପା ତୃତୀୟ ସ୍ଥାନରେ ଥିଲା। ୨୦୧୪ରେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର କୁମାର ଜେନା ୪ଲକ୍ଷ ୩୩ ହଜାର ୭୬୮ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ଭାଜପା ପ୍ରତିଦ୍ୱନ୍ଦ୍ୱୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ହରାଇଥିଲେ। କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା। ୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୪ଲକ୍ଷ ୮୩ହଜାର ୮୫୮ଖଣ୍ଡ ଭୋଟ ପାଇ ମାତ୍ର ୧୨ହଜାର ୯୫୬ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରବୀନ୍ଦ୍ରଙ୍କୁ ହରାଇଥିଲେ। କଂଗ୍ରେସ କ୍ରମାଗତ ନିଜର ଭୋଟ ସଂଖ୍ୟା ହ୍ରାସ କରି ତୃତୀୟ ସ୍ଥାନରେ ଥିଲା।

ବିଭିନ୍ନ ଦିଗକୁ ଦେଖି ବିଜେଡି ନୂଆ ପ୍ରାର୍ଥୀ ଅନ୍ୱେଷଣ ଜାରି ରଖିଥିବା ଦଳୀୟ ନେତା ଓ କର୍ମୀ ମହଲରେ ଗୁପୁରଚାପୁର ଚାଲିଛି।

ଆଗାମୀ ନିର୍ବାଚନରେ ଏହି ଲୋକ ସଭା କ୍ଷେତ୍ରରୁ କଂଗ୍ରେସରୁ କିଏ ପ୍ରାର୍ଥୀ ହେବେ କହିହେଉନାହିଁ। ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ବିଜୟ ଲାଭକରି କେନ୍ଦ୍ରମନ୍ତ୍ରୀ ହୋଇଥିବା ବେଳେ ଗତ ୨୦୧୪ ନିର୍ବାଚନରେ ସେ ତୃତୀୟ ସ୍ଥାନରେ ରହି ୨ଲକ୍ଷ ୭୮ହଜାର ଭୋଟ୍ ପାଇଥିଲେ। ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ୧ଲକ୍ଷ ୮୦ହଜାର ଭୋଟ୍ ପାଇ ତୃତୀୟ ସ୍ଥାନରେ ଥିଲେ। ତୁଳନାତ୍ମକ ଭାବେ ଦେଖିଲେ ପ୍ରତି ନିର୍ବାଚନରେ କଂଗ୍ରେସର ଭୋଟ ଲଗାତର କମୁଥିବାରୁ ଦଳୀୟ ନେତାମାନେ ଚିନ୍ତାରେ ରହୁଛନ୍ତି। ଆଗାମୀ ନିର୍ବାଚନରେ ନବଜ୍ୟୋତି ଟିକେଟ ପାଇବେ କି ନାହିଁ, ସେନେଇ ସେଭଳି ଚର୍ଚ୍ଚା ହେଉ ନ ଥିବା ଦେଖିବାକୁ ମିଳିଛି।

ବାଲେଶ୍ୱର ଲୋକ ସଭା କ୍ଷେତ୍ରରେ ୩ ପ୍ରମୁଖ ଦଳର ସ୍ଥିତି ଦେଖିଲେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ୨୦୧୯ରେ ଯେଉଁମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ସେମାନେ ରିପିଟ୍ ହେବା ସମ୍ଭାବନା ଥାଇ ନ ଥିଲା ଭଳି ଲାଗୁଛି। ଅନ୍ୟପକ୍ଷରେ ସେଭଳି ନୂଆ ଆଶାୟୀଙ୍କ ନାମ ଚର୍ଚ୍ଚାକୁ ଆସିପାରି ନାହିଁ।

## ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ

# ପ୍ରୀତିରଞ୍ଜନଙ୍କ ପାଇଁ ପ୍ରଦୀପ ଭୟ

ଯାଜପୁର/ସୁକିନ୍ଦା(ହର୍ଷବର୍ଦ୍ଧନ ବେହେରା/ସତ୍ୟଜିତ୍ ଦାସ),୧୭।୨


ପ୍ରଫୁଲ୍ଲ ଘଡ଼ାଇ


ପ୍ରୀତିରଞ୍ଜନ ଘଡ଼ାଇ


ଶରତ ରାଉତ


ପ୍ରଦୀପ ବଳସାମନ୍ତ

ଯାଜପୁର ଜିଲାର ଖଣି ଓ ଶିଳ୍ପସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ହେଉଛି। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ଏଠାରୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇଙ୍କ ପୁତ୍ର ପ୍ରୀତିରଞ୍ଜନ ଘଡ଼ାଇ (ଡାନି) ବିଜେଡି ଟିକେଟରୁ ବିଜୟୀ ହୋଇଥିଲେ। ସେ ଏବେ ମନ୍ତ୍ରୀ ଅଛନ୍ତି। ପ୍ରଫୁଲ୍ଲ ୧୯୯୦ରୁ ୨୦୦୯ ଯାଏ ସୁକିନ୍ଦାରୁ ଜନତା ଦଳ ଓ ପରେ ବିଜେଡିରୁ ବିଧାୟକ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରିଥିଲେ। ଅର୍ଥାତ୍ ଘଡ଼ାଇ ପିତା-ପୁତ୍ର ଦୀର୍ଘ ୩ ଦଶନ୍ଧି ଧରି ଏହି ନିର୍ବାଚନମଣ୍ଡଳୀକୁ କବ୍‌ଜାରେ ରଖିଛନ୍ତି। ତେବେ ୨୦୧୯ ନିର୍ବାଚନକୁ ଦେଖିଲେ ପ୍ରୀତିରଞ୍ଜନ ଭାଜପାର ପ୍ରଦୀପ ବଳସାମନ୍ତ(ଟୁଟୁ)ଙ୍କୁ ମାତ୍ର ୧୬ ହଜାର ଭୋଟ ବ୍ୟବଧାନରେ ହରାଇଥିଲେ। ସେତେବେଳେ କଂଗ୍ରେସରୁ ଶରତ ରାଉତ ପ୍ରାର୍ଥୀ ହୋଇଥିଲେ। ତାଙ୍କର ପ୍ରଭାବ ସେତେଟା ଭଲ ନ ଥିବାରୁ କଂଗ୍ରେସ ଭୋଟ ବିଜେଡି ଆଡ଼କୁ ଯାଇଥିଲା ବୋଲି କୁହାଯାଇଥିଲା। ତାହା ନ ହୋଇଥିଲେ ପ୍ରୀତିରଞ୍ଜନଙ୍କ ଜିତିବା ଆହୁରି କଷ୍ଟକର ହୋଇଥାଆନ୍ତା ବୋଲି ଅଞ୍ଚଳ ସାରା ଆଲୋଚନା ହୋଇଥିଲା।

୨୦୨୪ ସାଧାରଣ ନିର୍ବାଚନରେ ସୁକିନ୍ଦାରୁ ଲଢ଼ିବା ଲାଗି ବିଜେଡିରୁ ପ୍ରୀତିରଞ୍ଜନ, ଭାଜପାରୁ ପ୍ରଦୀପ ଓ କଂଗ୍ରେସରୁ ଶରତ ରାଉତଙ୍କ ନାମ ଉଠୁଛି। ଏମାନଙ୍କ ବ୍ୟତୀତ ଅନ୍ୟ ଆଶାୟୀ ଦେଖାଯାଉ ନ ଥିବାରୁ ଆଗାମୀ ନିର୍ବାଚନରେ ଏହି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ଭିତରେ ଲଢ଼େଇ ହୋଇପାରେ ବୋଲି କୁହାଗଲାଣି। ଦୀର୍ଘ ଶାସନରେ ରହିଥିବା ଘଡ଼ାଇ ପିତା-ପୁତ୍ରଙ୍କ ପ୍ରତି ନିର୍ବାଚନମଣ୍ଡଳୀରେ ବିରୋଧ ବଢ଼ୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ପ୍ରୀତିରଞ୍ଜନ ଏଥର ଆଣ୍ଟି-ଇନକମ୍‌ବେନ୍ସି ବା ସରକାରୀ ବିରୋଧୀ ପବନର ସମ୍ମୁଖୀନ ହୋଇପାରନ୍ତି ବୋଲି କଥା ଉଠିଲାଣି। କାରଣ ୧୫ରୁ ଊର୍ଦ୍ଧ୍ୱ ଖଣି ଏବଂ ୧୦ରୁ ଅଧିକ ଶିଳ୍ପ କାରଖାନା କାର୍ଯ୍ୟକ୍ଷମ ଥିବା ସତ୍ତ୍ୱେ ସୁକିନ୍ଦାରେ ବେରୋଜଗାରି ମୁଖ୍ୟ ସମସ୍ୟା ହୋଇଯାଇଛି। ଏଥିସହିତ ରାଜ୍ୟ ବାହାରର ଏକାଧିକ ଠିକାଦାରଙ୍କୁ ଶିଳ୍ପ ଓ ଖଣିରେ କାର୍ଯ୍ୟଦେଇ ସ୍ଥାନୀୟ ଠିକାଦାର, ଶ୍ରମିକ ଏବଂ ଯୋଗାଣକାରୀମାନଙ୍କୁ ଅସନ୍ତୁଷ୍ଟ କରିବା ବିଧାୟକଙ୍କୁ କାଳ ହୋଇପାରେ। ଅପରପକ୍ଷରେ ଜିଲାର ଅନ୍ୟ ନିର୍ବାଚନମଣ୍ଡଳୀଗୁଡ଼ିକରେ ଏକାଧିକ ଭାଜପା ପ୍ରାର୍ଥୀ ଆଶାୟୀ ରହିଥିବାବେଳେ ସୁକିନ୍ଦା ଭାଜପାର ଏକମାତ୍ର ପ୍ରାର୍ଥୀ ଥିବାରୁ ପ୍ରଦୀପଙ୍କ ସାଙ୍ଗଠନିକ ଦକ୍ଷତା ତାଙ୍କୁ ଅଧିକ ଭୋଟ ସଂଗ୍ରହ କରିବାରେ ସାହାଯ୍ୟ କରିପାରେ ବୋଲି କୁହାଯାଉଛି। ୨୦୧୯ରେ ସେ ଅଳ୍ପ ବ୍ୟବଧାନରେ ହାରିଥିବାରୁ ଏଥର ପ୍ରୀତିରଞ୍ଜନଙ୍କୁ ପ୍ରଦୀପ କଡ଼ା ଟକ୍କର ଦେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି।

ଅନ୍ୟପକ୍ଷେ ନିର୍ବାଚନମଣ୍ଡଳୀରେ ଘଡ଼ାଇ ପରିବାର ପ୍ରତି ଲୋକପ୍ରିୟତା ହ୍ରାସ ପାଇଥିବା ନେଇ ଗୋଟେ 'ଘୋ' ଆରମ୍ଭ ହୋଇଯାଇଥିବାରୁ ପ୍ରୀତିରଞ୍ଜନ ଓ ତାଙ୍କ ବାପା ଅଭିଜ୍ଞ ରାଜନେତା ପ୍ରଫୁଲ୍ଲ ଘଡ଼ାଇ ଏଥର ଚିନ୍ତିତ ଥିବା ଭଳି ମନେହେଉଛି। ତଥାପି କଳେବଳେକୌଶଳେ ସୁକିନ୍ଦା ଗଡ଼କୁ ପୁଣି ହାତେଇବାକୁ ସେମାନେ ଯୋଜନା କରୁଥିବା ସୂଚନା ମିଳିଛି। ଏହା ଜଣାଶୁଣା ଯେ, ପ୍ରୀତିରଞ୍ଜନଙ୍କୁ ଜିତାଇବାକୁ ପ୍ରଫୁଲ୍ଲ ସବୁ ପ୍ରକାର ରଣନୀତି କରିଥାଆନ୍ତି। ଏଭଳି ସ୍ଥଳେ କଂଗ୍ରେସର ଶରତ ରାଉତ ଅଧିକ ବାଟ ଆଗକୁ ଯାଇପାରିବେ ବୋଲି ବିଶ୍ୱାସ ଏଇଥିପାଇଁ ହେଉନାହିଁ ଯେ, ନିର୍ବାଚନମଣ୍ଡଳୀରେ ତାଙ୍କ ସଙ୍ଗଠନ ସେଭଳି ମଜଭୁତ ଥିବା ଭଳି ଦୃଷ୍ଟିଗୋଚର ହେଉନାହିଁ। ୨୦୧୪ ପରେ ଶରତ ରାଉତ ନିର୍ବାଚନମଣ୍ଡଳୀକୁ ନ ଆସିବା, ବରିଷ୍ଠ କର୍ମୀମାନଙ୍କୁ ଅଣଦେଖା କରିବା, ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଦୁର୍ବଳ ହୋଇଯାଇଥିବା କଂଗ୍ରେସକୁ ସଜାଡି ବିଜେଡିକୁ କଡ଼ା ଟକ୍କର ଦେବା ସ୍ଥିତିକୁ ଆଣିଥିବା ବରିଷ୍ଠ ନେତା ଅମଳେନ୍ଦୁ ବେହୁରାଙ୍କୁ ଦଳରୁ ବିଦା କରିବା କଂଗ୍ରେସକୁ ମହଙ୍ଗା ପଡ଼ିଛି। ଏଥିସହିତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭିତିରିଆ ପ୍ରଫୁଲ୍ଲ ଘଡ଼ାଇଙ୍କୁ ସମର୍ଥନ କରିବା ପରେ ଶରତ ସୁକିନ୍ଦା ଜନସାଧାରଣଙ୍କ ଆସ୍ଥା ହରାଇଥିବା କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିଲା। ଫଳରେ କଂଗ୍ରେସ ଅମାନତ ହରାଇଥିଲା। ଖାଲି ସେତିକି ନୁହେଁ, ଉକ୍ତ ନିର୍ବାଚନର ବିଫଳତା ପରେ କଂଗ୍ରେସର ଅନେକ ନେତା ଓ କର୍ମୀ ଭାଜପାରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ତେଣୁ ୨୦୨୪ ନିର୍ବାଚନରେ କଂଗ୍ରେସ ସେତେଟା ସଫଳ ହେବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଏତେସତ୍ତ୍ୱେ ୧୯୮୦ ଓ ୧୯୮୫ରେ ଲଗାତର ବିଧାୟକ ହୋଇଥିବା ଶରତ ତାଙ୍କ ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଉଦ୍ୟମ କରିବେ ବୋଲି ଦଳୀୟ କର୍ମୀମାନେ କହୁଛନ୍ତି। କଂଗ୍ରେସ ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସ୍ୱଳ୍ପ ବ୍ୟବଧାନରେ ହାରି ବିଜେଡିର ଚୌକିକୁ ଦୋହଲାଇ ଦେଇଥିଲା। କିନ୍ତୁ ରାଜ୍ୟ ରାଜନୀତିର ପ୍ରଭାବଶାଳୀ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇଙ୍କ ଚତୁର ନିର୍ବାଚନୀ ଗୋଟିଚାଳନା ବିଜେଡିକୁ କ୍ଷମତାସୀନ ରଖିବାରେ ସଫଳ ହୋଇଥିଲା।

ରାଜନୀତିରେ କିଛି ଅସମ୍ଭବ ନୁହେଁ ବୋଲି କଥା ଅଛି। ସେହି ଦୃଷ୍ଟିରୁ ଦେଖିଲେ ସବୁକିଛି ସମୟ ଓ ଭୋଟରଙ୍କ ଉପରେ ନିର୍ଭର କରେ। ବର୍ତ୍ତମାନ ସୁକିନ୍ଦାରେ ହେଉଥିବା ଚର୍ଚ୍ଚାକୁ ନେଇ ସମୀକ୍ଷା କରାଗଲେ, ଏଠାରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ସୁନିଶ୍ଚିତ ବୋଲି ମନେହେଉଛି। ଏକଦା ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସାଜି ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ୩୬ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାତାଙ୍କ ସମର୍ଥନ ହାସଲ କରିଥିବା କଂଗ୍ରେସ ୨୦୧୯ ସାଧାରଣ ନିର୍ବାଚନରେ ୧୧ ପ୍ରତିଶତକୁ ଖସିଆସିଥିଲା। ଅନ୍ୟପକ୍ଷରେ ୨୦୧୯ରେ ପ୍ରଦୀପ ଭାଜପାରୁ ଲଢ଼ି ୬୦ ହଜାର ୭୮୦ ଭୋଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ଯଦି ଘଡ଼ାଇଙ୍କ ପରିବାର ରାଜନୀତିକୁ ଭୋଟର ସାମାନ୍ୟ ବିରୋଧ କରିବେ, ତାହା ହେଲେ ତାହାର ଫାଇଦା ପ୍ରଦୀପଙ୍କ କୋର୍ଟରେ ପଡ଼ିପାରେ।

# ସଭାସ୍ଥଳରେ ରୂପାଳୀଙ୍କୁ ବସିବାକୁ ବାରଣକଲା ପୋଲିସ



ନିଜ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ରୂପାଳୀ ଲେଙ୍କା।

କଟକ, ୧୭।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଧି ପଡ଼ିଆଠାରେ ୱେଲସ୍ପନ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ କମ୍ପ୍ଲେକ୍ସର ଶିଳାନ୍ୟାସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଯୋଗଦେବା ପାଇଁ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ଆଶାୟୀ ଥିବା ରୂପାଳୀ ଲେଙ୍କା ଚୌଦ୍ୱାର ନୁଆଁକିରି ଅଞ୍ଚଳରୁ ନିଜ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଯାଇ ପହଞ୍ଚିଥିଲେ। ସଭାସ୍ଥଳରେ ପ୍ରଥମେ ରୂପାଳୀଙ୍କୁ ବସିବା ପାଇଁ ଛଡ଼ାଯାଇଥିଲା। ହେଲେ କିଛି ସମୟ ମଧ୍ୟରେ ତାଙ୍କୁ ପୋଲିସ ବାହାରକୁ ଯିବା ପାଇଁ କହିଥିଲା। କ'ଣ ପାଇଁ ବାହାରକୁ ଯିବା ନିମନ୍ତେ କୁହାଯାଉଛି ବୋଲି ରୂପାଳୀ ପ୍ରଶ୍ନ କରିବାରୁ ଚୌଦ୍ୱାର-କଟକ ବିଧାୟକ ବାହାର କରିବା ପାଇଁ କହିଥିବା ପୋଲିସ କର୍ମଚାରୀ ପ୍ରକାଶ କରିଥିଲେ। ଏହାକୁ ନେଇ ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ହେଲେ ରୂପାଳୀ ତାଙ୍କ ସିଟ୍‌ରେ ବସି ରହିଥିଲେ। ଏ ନେଇ ରୂପାଳୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ଓଡିଶାର। ବ୍ୟକ୍ତିଗତ ଭାବେ ସେ କାହା ପାଇଁ ଆସିନାହାନ୍ତି। ଏହା ଏକ ସରକାରୀ କାର୍ଯ୍ୟକ୍ରମ। ଏଠାରେ ତାଙ୍କୁ ଚାଲିଯିବା ପାଇଁ ବିଧାୟକ କହିବା ଅତ୍ୟନ୍ତ ନିନ୍ଦନୀୟ।

ଅପରପକ୍ଷରେ ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, କାର୍ଯ୍ୟକ୍ରମ କିପରି ସୁରୁଖୁରୁରେ ହେବ, ତାହା ନଜରରେ ରହିଥିଲା। ଏପରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ମୁଖ୍ୟମନ୍ତ୍ରୀ ସାରା ଓଡ଼ିଶାବାସୀଙ୍କର। ତାଙ୍କ କାର୍ଯ୍ୟକ୍ରମରେ ସମସ୍ତେ ଉପସ୍ଥିତ ରହିବାର ଅଧିକାର ରହିଥିବା ସେ କହିଛନ୍ତି। ବିଧାୟକ ଏଭଳି କହି ସମ୍ପୃକ୍ତ ଘଟଣାକୁ ଏଡ଼ାଇ ଯାଇଥିବା କୁହାଯାଉଛି। ରୂପାଳୀ ସେଠାରୁ ଆଶାୟୀ ଥିବାରୁ ସୌଭିକ୍ ଜାଣିଶୁଣି ଏପରି କରିଥିବା ସଭାସ୍ଥଳରେ ଆଲେଚନା ଚାଲିଥିବା ଦେଖିବାକୁ ମିଳିଥିଲା।

# ଦେଶରେ ରାଜନୈତିକ ଅନ୍ୟାୟ ଚରମ ସୀମାରେ: କଂଗ୍ରେସ

ଭୁବନେଶ୍ୱର,୧୭।୨ (ଅନିଲ ଦାସ)

କେନ୍ଦ୍ରର ଭାଜପା ସରକାରଙ୍କ ୧୦ବର୍ଷ ଶାସନ କାଳରେ ଦେଶରେ ବିଭିନ୍ନ କ୍ଷେତ୍ରରେ ଅନ୍ୟାୟ ବୃଦ୍ଧି ପାଇଛି। ଦେଶର ଗରିବ ସାଧାରଣ ଜନତା,କୃଷକ, ମହିଳା,ଯୁବପିଢ଼ି, ସୈନ୍ୟବାହିନୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, କ୍ଷୁଦ୍ରଶିଳ୍ପ ଏପରିକି ଗଣମାଧ୍ୟମ ଅନ୍ୟାୟରୁ ବର୍ତ୍ତି ପାରିନାହାନ୍ତି। ରାଜନୈତିକ ଅନ୍ୟାୟ ଚରମ ସୀମାରେ ପହଞ୍ଚିଛି। ଏସବୁ ଅନ୍ୟାୟ ବିରୋଧରେ ରାଜ୍ୟ ସରକାର ଥରଟିଏ ବି ମୁହଁ ନ ଖୋଲି କେନ୍ଦ୍ର ସରକାରଙ୍କୁ ଖୋଲା ସମର୍ଥନ କରି ଆସୁଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି ମୁଖପାତ୍ର ଆଲୋକ ଶର୍ମା କହିଛନ୍ତି।

ଶନିବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶର୍ମା କହିଛନ୍ତି ଯେ ୨୦୧୩-୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମକୁ ପ୍ରସଙ୍ଗ କରି ଶାସନକୁ ଆସିବା ପରେ ଦରଦାମ ଆକାଶଛୁଆଁ ହୋଇଛି। ୪୧୦ ଟଙ୍କାର ସବ୍‌ସିଡି ସତ୍ତ୍ୱେ ରନ୍ଧନ ଗ୍ୟାସ ମୂଲ୍ୟ ୧୦୦୦ ଟଙ୍କାରୁ ଅଧିକ ହେଲାଣି। ସେହିପରି ବେକାରି ଦେଶର ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଛି। ୨୦୧୪ରେ ଦେଶରେ ପ୍ରାୟ ୧କୋଟି ଯୁବକ ବେକାର ଥିବାବେଳେ ଏବେ ଏହି ସଂଖ୍ୟା ୪ କୋଟି ଛୁଇଁଲାଣି। ଓଡ଼ିଶାର ଜନସଂଖ୍ୟାକୁ ଦେଖିଲେ ୨୧ରୁ ୨୨ ପ୍ରତିଶତ ଯୁବବର୍ଗ ବେକାର ଅଛନ୍ତି। ଏଥିପାଇଁ ରାଜ୍ୟ ନା କେନ୍ଦ୍ର ସରକାର ଦାୟୀ ବୋଲି ଶର୍ମା ପ୍ରଶ୍ନ କରିଛନ୍ତି। ଦେଶର କୃଷକମାନଙ୍କ ପାଇଁ ସ୍ୱାମୀନାଥନ କମିଶନଙ୍କ ରିପୋର୍ଟ ଲାଗୁ କରିବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଅନ୍ୟପକ୍ଷରେ ଚାଷ ପାଇଁ ବ୍ୟବହୃତ ବିଭିନ୍ନ କୀଟନାଶକ, ସାର ଓ ଅନ୍ୟାନ୍ୟ ସାମଗ୍ରୀରେ ଜିଏସ୍‌ଟି ଲାଗୁ କରି କୃଷକଙ୍କୁ ଶୋଷଣ କରାଯାଉଛି। ଯଦି ଏସବୁ ଅନ୍ୟାୟ ବିରୋଧରେ କୃଷକମାନେ ଆନ୍ଦୋଳନ କରୁଛନ୍ତି, ସେମାନଙ୍କୁ ଲାଠି, ପାଣି ଓ ଗୁଳିମାଡ଼ କରି ଦମନ କରାଯାଉଛି ବୋଲି ଶର୍ମା କହିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ଏଆଇସିସି ସମ୍ପାଦକ ଶରତ ରାଉତ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ମୁଖ୍ୟ ଡ.ବିଶ୍ୱରଞ୍ଜନ ମହାନ୍ତି, ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ ଓ ପ୍ରଶାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟି ମୁଖପାତ୍ର ଆଲୋକ ଶର୍ମାଙ୍କ ସହ ଦଳୀୟ ନେତୃବୃନ୍ଦ।

# କଂଗ୍ରେସ କ୍ଷମତାକୁ ଆସିଲେ ୨ଶହ ୟୁନିଟ୍ ମାଗଣା ବିଜୁଳି: ଶରତ



ଧାମରା ନିକଟସ୍ଥ କଇଥଖୋଲାଠାରେ ଅନୁଷ୍ଠିତ ମହାମିଶ୍ରଣ ପର୍ବରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତାମାନେ।

ଚାନ୍ଦବାଲି,୧୭।୨ (କିଷାନ ପାତ୍ର ଅଶୋକ କୁମାର ପଣ୍ଡା)

'ଭାରତ ଯୋଡ଼ୋ'ର ସଫଳ ରୂପାୟନ ପରେ ସାଧାରଣ ଜନତାଙ୍କର କଂଗ୍ରେସ ପ୍ରତି ଆସ୍ଥା ବଢ଼ୁଛି। ଦଳ କ୍ଷମତାକୁ ଆସିଲେ ରାଜ୍ୟରେ ପ୍ରତି ପରିବାରକୁ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ଯୋଗାଇ ଦେବ ବୋଲି ଭଦ୍ରକ ଜିଲା ଧାମରା ନିକଟସ୍ଥ କଇଥଖୋଲାଠାରେ ଶନିବାର ଅନୁଷ୍ଠିତ ମହାମିଶ୍ରଣ ପର୍ବରେ ଯୋଗଦେଇ ପିସିସି ସଭାପତି ଶରତ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି।

ଚାନ୍ଦବାଲିରୁ କଂଗ୍ରେସର ବାଇକ୍ ରାଲି ବାହାରି ମତୋ, ଦିଗଛିଆ, ଯଶୀପୁର ଓ ବାଂଶଡ଼ା ହୋଇ ଧାମରା ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରୁ ଜାଗୁଳା, ଦୋସିଙ୍ଗା, କରଞ୍ଜମାଳ, କରଣପଲ୍ଲୀ ଏବଂ ପଞ୍ଚୁଟିକ୍ରି ପଞ୍ଚାୟତ ପରିକ୍ରମା କରିବା ପରେ କଇଥଖୋଲାଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ବ୍ଲକ କଂଗ୍ରେସ ସଭାପତି ବୈଲୋଚନ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପିସିସି ସଭାପତି ପଟ୍ଟନାୟକ ଏବଂ ଅନ୍ୟତମ ଅତିଥି ଭାବେ ଅଖିଳ ଭାରତ କଂଗ୍ରେସ ସାଧାରଣ ସମ୍ପାଦକ ଖ୍ରିଷ୍ଟୋଫର ତିଳକ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଜିଲା ସଭାପତି ଅଶୋକ ଦାସ, ପିସିସି ଯୁବ ସମ୍ପାଦକ ମନୋଜ ବିଶ୍ୱାଳ, ମହିଳା ନେତ୍ରୀ ମଧୁମିତା ସେଠୀ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା ଅମିୟ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦିଗମ୍ବର ଦାସ, ସୁଲୋଚନା ନାୟକ, ଜିଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ସତ୍ୟାନନ୍ଦ ରାଉତ, ଉମେଶ ମହାକୁଡ଼, ଯୁବ କଂଗ୍ରେସ ବିଧାନସଭା ସଭାପତି ଶକ୍ତିପ୍ରତାପ ବିଶ୍ୱାଳ, ଆଶିଷ ମାହୁନ୍ତ, ବିଜୟ ବେହେରା, ନରେନ୍ଦ୍ର ମାଇତି, ପ୍ରଭୁରାମ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଧାମରାର ୮ ପଞ୍ଚାୟତର ୬ଶହରୁ ଊର୍ଦ୍ଧ୍ୱ ପରିବାର ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ପୂର୍ବରୁ କଂଗ୍ରେସ ଛାଡ଼ି ଭାଜପା ଓ ବିଜେଡିରେ ମିଶିଥିବା ଦଳୀୟ କର୍ମୀମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି।

**ସଂକ୍ଷେପରେ**

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ଲାଠୋର,୧୭।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା ମାଝିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜୋନ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ସମିତି ସଭ୍ୟା ରୁକ୍ମଣୀ ମଲ୍ଲିକ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ଗ୍ରାମ୍ୟ ରୋଜଗାର ସେବକ ସୁଜିତ ଦଣ୍ଡସେନା, ନୋଡାଲ ଅଫିସର ତପନ ମେହେର ଯୋଗଦେଇଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନା ସବୁକୁ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ପରେ ପାଲା, ସଙ୍କୀର୍ତ୍ତନ ଏବଂ ଘୋଡ଼ା ନାଚ ମାଧ୍ୟମରେ ଯୋଜନା ସମୂହ ବାବଦରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଯୋଗାଣ ସହାୟକ ଲଳିତ ତାଣ୍ଡି କରିଥିଲେ।

## ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ

**ଟିଟିଲାଗଡ଼,୧୭।୨(ଶରତ ମିଶ୍ର)**

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିଜେପୁର ଚଣ୍ଡୀ ମନ୍ଦିର ପରିସରରେ ଶନିବାର ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ହୃଷୀକେଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟ ଗୀତା ବିଶି, ଟିକି ପୋଢ଼, ସଞ୍ଜୟ ବେହେରା ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ନାଏବ ସରପଞ୍ଚ ତିଲୋତ୍ତମା ବରଗାଁ, ୱାର୍ଡ ସଭ୍ୟା ଅଞ୍ଜନା ରଣା, ପଦ୍ମିନୀ ଝଙ୍କର, କୁନି ଧାରୁଆ, ଶୁଭଶ୍ରୀ ସାହୁ, ଇଉମରାଜ ଭୋଇ, ବାଳକୃଷ୍ଣ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସରପଞ୍ଚ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଶରତ ବରଗାଁ ସଭା ପରିଚାଳନା କରିଥିଲେ। ପିଇଓ ସୁଶିଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଜେଡି ପଞ୍ଚାୟତ ସଭାପତି ବିପିନ ପୃଷ୍ଟି, ଉପସଭାପତି ବିରଞ୍ଚି ବେହେରା, ସତ୍ୟ ବରଗାଁ, ଦିଲୀପ ବରଗାଁ ଏଥିରେ ସହାୟତା କରିଥିଲେ । ସଭା ପ୍ରାରମ୍ଭ ତଥା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ମୁରିବାହାଲ ପଞ୍ଚାୟତରେ ଶଙ୍ଖ ଜନସମ୍ପର୍କ ପଦଯାତ୍ରା

**ମୁରିବାହାଲ, ୧୭।୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ଗ୍ରାମ ପଞ୍ଚାୟତରେ ଶୁକ୍ରବାର ବିଜେଡିର ଶଙ୍ଖ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଘଣ୍ଟବାହାଲରୁ ଆରମ୍ଭ ହୋଇଥିବା ପଦଯାତ୍ରାର ନେତୃତ୍ୱ ନେଇଥିଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୂପମା ମାଝି। ପଦଯାତ୍ରା ପ୍ରତ୍ୟେକ ଗ୍ରାମରେ ପହଞ୍ଚିବା ପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ସରକାର ସମୟରେ ହୋଇଥିବା ଲୋକାଭିମୁଖି ଯୋଜନାଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟ ହଂସରାଜ ଜୈନ, ବିଜେଡି ନେତା ଗିରିରାଜ ସିଂ ମାଝି, ମୁରିବାହାଲ ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ସୁନ୍ଦରମତି ବାଗ, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେମ୍ବ୍ରମ, ବରିଷ୍ଠ ନେତା ଦିଲୀପ ପୃଷ୍ଟି, ଅଭିଲାଷ ବଘାର, ଫାଲଗୁନି ହାତୀ, ଜୟକିଷାନ ବାଗ, ଦୁର୍ଯ୍ୟୋଧନ ବେହେରା, କଶ୍ୟପ ସରାଫ, ଯୁଧିଷ୍ଠିର ଭରା ସଗରିଆ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରସୂଦନ ମାଝି, ତୁରେକେଲା ବ୍ଲକ ବିଜେଡି ବ୍ଲକ ସଭାପତି ଆଶାଦୁଲ୍ଲା ଖାନ, ତୁରେକେଲା ବ୍ଲକ ବିଜେଡି ଉପସଭାପତି ବିଶ୍ୱନାଥ ସାହୁ, କଣ୍ଟାବାଞ୍ଜି ଏନଏସି ବିଜେଡି ସଭାପତି ଦେବାର ବାରିକ, କଣ୍ଟାବାଞ୍ଜି ଏନଏସି ବିଜେଡି ଯୁବ ସଭାପତି ବିଷ୍ଣୁ ପ୍ରସାଦ ଜୁଏଡ଼, ଶ୍ରୀଧର ମାଝି, ଦୈତାରୀ ଭୋଇ, ବିଟୁ ସାଘା, ଜଳନ୍ଧର ମହାନନ୍ଦ ଉପସ୍ଥିତ ଥିଲେ। ପଦଯାତ୍ରା ପଞ୍ଚାୟତ ଅନ୍ତର୍ଗତ ବନବାହାଲ, ତୁମ୍ବେରପଡା, ପଙ୍ଗନିଆ, ଗମ୍ଭାରିଖୋଲା, ସାଲେପାଡ଼ା, ବରାଯୁରା ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲା।

# ଯୋଜନା ସମ୍ପର୍କରେ ସଚେତନ ହୁଅ

**ଦେଓଗାଁ ୧୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**



ହାତିସରା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ
- ପାରମ୍ପରିକ ନୃତ୍ୟରେ ଦୁଲୁକିଲା ମଞ୍ଚ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୨୬ଟି ପଞ୍ଚାୟତରେ ଚାଲିଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି । ଏହିଦିନ ବ୍ଲକର ହାତିସରା ଓ ସାରସମାଲ ପଞ୍ଚାୟତରେ ଶେଷ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ହାତିସରା ପଞ୍ଚାୟତରେ ସରପଞ୍ଚ କେଲୋ ଡାଙ୍ଗଙ୍କ ସଭାପତିତ୍ୱ ତଥା ଇଓ ଗୋପାଳ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ବିଡିସିସି ସଭାପତି ଶୁଶିଲ କୁମାର ଚାନ୍ଦ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ସଂଘ ସମ୍ପାଦିକା ତଥା ବଡବାହାଲ ସରପଞ୍ଚ ଜ୍ୟୋସ୍ନାମୟୀ ରଣା, ଜରାସିଂହା ସରପଞ୍ଚ କୁଶମଣୀ ମେହେର, ଉପରଝର ସରପଞ୍ଚ ଯଶୋବନ୍ତୀ ନାଏକ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ସ୍ଥାନୀୟ ସମିତି ସଭ୍ୟ ବିଶ୍ୱଜିତ ପାତ୍ର ବକ୍ତବ୍ୟ ରଖି କହିଥିଲେ ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ସମବାୟ ଚିନିକଳର ପୁନଃଚାଲୁ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ପରେ ବେନାର ମୁହୁରିଆ କଳା ପରିଷଦ କଳାକାରଙ୍କ ପାରମ୍ପରିକ ନୃତ୍ୟରେ ଦୁଲୁକି ଉଠିଥିଲା ମଞ୍ଚ। ସେହିପରି ସାରସମାଲ ପଞ୍ଚାୟତରେ ସରପଞ୍ଚ ଗୋପାଳ ବାଗଙ୍କ ସଭାପତିତ୍ୱ ଏବଂ ବିପିଏମ ପ୍ରଦୀପ କୁମାର ଛତ୍ରିଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଖମାରୀ, ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ମହାଲିଙ୍ଗ, ପାକ୍ସ ସଭାପତି ଗୋପିନାଥ ବାଗ ମଞ୍ଚାସୀନ ରହି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ସମସ୍ତେ ସଚେତନ ରହିବା ପାଇଁ ଅହ୍ୱାନ ଦେଇଥିଲେ।



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଶନିବାର ଡ୍ରିଲ କ୍ଲାସ କରୁଛନ୍ତି।

# ଥାନାରେ ମାମଲା, ତଦନ୍ତ ଆରମ୍ଭ

**ଦେଓଗାଁ,୧୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

**ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ଜାତିଆଣ ଆକ୍ଷେପ ପ୍ରସଙ୍ଗ**

- ଅଭିଯୋଗକୁ ଭିତ୍ତିହୀନ, ରାଜନୈତିକ ଷଡଯନ୍ତ୍ର କହିଲେ ସରପଞ୍ଚ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତରେ ଗତ ୧୩ ତାରିଖରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅବସରରେ ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଥିଲା। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମେହେର କେତେକ ଲୋକଙ୍କୁ ଆପଣମାନଙ୍କ ପାଇଁ ଅଲଗା ଖାଇବା ବ୍ୟବସ୍ଥା ହୋଇଛି ବୋଲି କହି କୁଆଡେ ଜାତିଆଣ ଆକ୍ଷେପ କରିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ହରିଜନ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ସରପଞ୍ଚ ସ୍ଥାନୀୟ ହରିଜନ ବସ୍ତିର ବାସିନ୍ଦାଙ୍କୁ ଭୁଲ ମାଗିଥିଲେ। ଏ ନେଇ ହରିଜନ ସମ୍ପ୍ରଦାୟ ମଧ୍ୟରେ ଆଲୋଚନା ପରେ ଶନିବାର କରୁଆଁଝର ଗାଁର ଚୈତନ୍ୟ କୁମ୍ଭାର, କୁଞ୍ଜବିହାରୀ ସୁନା, ସାବିତ୍ରୀ ସୁନା, ଜପ ନାଗ, ଖୁଲା ସୁନା ଦେଓଗାଁ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ ୩୮/୨୪)ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ହରୀବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି। ସରପଞ୍ଚ ଜଗବନ୍ଧୁ ମେହେର ଅଭିଯୋଗକୁ ଭିତ୍ତିହୀନ ଏବଂ ଏହା ମୋ ବିରୋଧରେ ଏକ ରାଜନୈତିକ ଷଡଯନ୍ତ୍ର ବୋଲି କହିଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା

**ସଇଁତଲା,୧୭।୨(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ପଞ୍ଚାୟତ ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମନୀଷ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟିକା ତଥା ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଜେଡ଼ି ନେତା ଅଜୟ ଦାଶ, ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝି, ତରୁଣ ବେହେରା, ସମିତି ସଭ୍ୟା ଅମ୍ରିତା ଦୀପ, ନାଏବ ସରପଞ୍ଚ ସଂଯୁକ୍ତା ତାଣ୍ଡି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏମବିକେ ମାଳତୀ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ମନ୍ତ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ରାଜ୍ୟ ସରକାରଙ୍କ ଯୋଜନା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପିଇଓ ଭୀଷ୍ମ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ଜିଆରଏସ ସୋନୁ ସିଂ ବାବୁ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ର ବଦନ ପୁରୋହିତ, ଯୁବ ବିଜେଡ଼ି ନେତା ରାଜ କିଶୋର ଡ଼ାଙ୍ଗ, ଅମିତ ଦୀପ ଉପସ୍ଥିତ ଥିଲେ ।

# ଜାମଜୁରି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଲପଡ଼ା,୧୭।୨(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଜାମଜୁରୀ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯୁବରାଜ ବିଭାରଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ବିଣାପାଣି ହୋତାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ ବିଧାୟକ ସରୋଜ ମେହେର, ମୁଖ୍ୟବକ୍ତା ବିଇଓ ଅଭିନବ ମିଶ୍ର, ସମ୍ମାନୀତ ଅତିଥି ଅରୁଣ ପାଣିଗ୍ରାହୀ, ନୃସିଂହ ପଣ୍ଡା, ୱାର୍ଡସଭ୍ୟ କାର୍ତ୍ତିକ ସାହୁ, ସ୍କୁଲ କମିଟି ଅଧ୍ୟକ୍ଷ ନାରା ସାହୁ, ମୋ ସ୍କୁଲ କମିଟି ଅଧ୍ୟକ୍ଷ ଅକ୍ଷୟ ଫୁଟା ମଞ୍ଚାସୀନ ଥିଲେ। ସ୍କୁଲକୁ ଜମିଦାନ କରିଥିବା ଗ୍ରାମର ଗୌନ୍ତିଆ ପୁରଣ ସାହୁ ଓ ଲୁରଣ ସାହୁଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ବାର୍ଷିକ ଉତ୍ସବ ପାଳନ ପାଇଁ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ପ୍ରଧାନଶିକ୍ଷକ ଯୁବରାଜ ବିଭାରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଶ୍ରେଷ୍ଠ ପ୍ରଧାନଶିକ୍ଷକ ଓ ଜାମଜୁରୀ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଶ୍ରେଷ୍ଠ ସ୍କୁଲ ପୁରସ୍କାର ପ୍ରଦାନ କରାଯାଇଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ।



ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।

# ଆଲୋକ ପାଣିଗ୍ରାହୀ ବିଜେଡି ରାଜ୍ୟ ସମ୍ପାଦକ ମନୋନୀତ

**ପାଟଣାଗଡ,୧୭।୨(ସଚ୍ଚିଦାନନ୍ଦ ମହାକୁର)**



ଆଲୋକ କୁମାର ପାଣିଗ୍ରାହୀ।

ପାଟଣାଗଡ ବ୍ଲକର ଟାଣୁଆ ଯୁବନେତା ଆଲୋକ କୁମାର ପାଣିଗ୍ରାହୀଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ମନୋନୀତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ ବିଜ୍ଞପ୍ତିରେ ଏହା ସୂଚିତ କରାଯାଇଛି। ଏଥିପୂର୍ବରୁ ଆଲୋକ ପାଟଣାଗଡ ବ୍ଲକର ୨ ଥର ସଭାପତି ଭାବେ କାର୍ଯ୍ୟ କରିଥିଲେ। ନୂତନ ନିଯୁକ୍ତି ପରେ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ପଟ୍ଟନାୟ, ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବଲାଙ୍ଗୀର ଲୋକ ସଭା ସଦସ୍ୟ କଳିକେଶ ନାରାୟଣ ସିଂଦେଓଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ପାଣିଗ୍ରାହୀ ଏହି ପଦବୀ ପାଇଲା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ନିର୍ବାଚନକୁ ଅବାଧ, ନିରପେକ୍ଷ କରିବାକୁ ଗୁରୁତ୍ୱ




ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ପାଟଣାଗଡ,୧୭।୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସିସ୍ଥିତ ହରିଶଙ୍କର ସମ୍ମିଳନୀ କକ୍ଷରେ ନିର୍ବାଚନ ସମ୍ବନ୍ଧିତ ପ୍ରଶିକ୍ଷଣ ଶିବିର ଉପଜିଲାପାଳ ଅମିତ କୁମାର ନାୟକଙ୍କ ଆବାହକତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କମିଶନଙ୍କ ଗାଇଡ ଲାଇନ ଅନୁସାରେ ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ଉପରେ ଉପଜିଲାପାଳ ନାୟକ ଓ ସହକାରୀ ଜିଲାପାଳ ନିରୂପମା ଟେଟେ ଯୋର ଦେଇଥିଲେ। ବୈଠକରେ ନୋଡାଲ ଅଫିସର, ଡିଏଲଏମଟି, ଏଲଏମଟି, ସେକ୍ଟର ଅଫିସର ଓ ଇଏମଟିଙ୍କ ସହ ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ତହସିଲଦାର ରୁଦ୍ରମୋହନ ନାଏକ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ନାରାୟଣ ମିଶ୍ର, ବେଲପଡା ତହସିଲଦାର ବନ ହରପାଲ, ବିଡିଓ ରାଜେଶ ମେହେର, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚଣା, ମୁଗ ଫସଲ ନଷ୍ଟ କରୁଛନ୍ତି ବଣମଇଁଷି

**ଖପ୍ରାଖୋଲ, ୧୭।୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ରେଙ୍ଗାଲି ପଞ୍ଚାୟତ ଆମବାହାଲି ଓ ଲହଡୁଙ୍ଗୁରି ଅଞ୍ଚଳରେ ମାତିଛନ୍ତି ବଣ ମଇଁଷି ପଲ। ଚାଷୀଙ୍କ ଚଣା ଓ ମୁଗ ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ରାତିରେ ବଣ ମଇଁଷି ଗନ୍ଧମାର୍ଦ୍ଦନ ପାହାଡ଼ରୁ ଓହ୍ଲାଇ ଚାଷୀଙ୍କ ଫସଲ ନଷ୍ଟ କରୁଛନ୍ତି। ଟିଣ ବାଡେଇ ଘଉଡାଇବାକୁ ଚେଷ୍ଟା କଲେ ବି ମାନୁନାହାନ୍ତି ବଣ ମଇଁଷି। ପଲରେ ଛୋଟ ଛୁଆ ସହ ୫ଟି ବଣ ମଇଁଷି ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏନେଇ କ୍ଷତିଗ୍ରସ୍ତ ଚାଷୀ ଆମବାହାଲି ଗାଁର ତ୍ରିଲୋଚନ ମାଝି ଅଭିଯୋଗ କରିଛନ୍ତି। କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ ହରିଶଙ୍କର ଉପ ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ରଙ୍କୁ ପଚାରିବାରୁ ଆମ ରେଞ୍ଜ ଅଞ୍ଚଳରେ ୪ଟି ବଣ ମଇଁଷି ଥିବା ଆମ ପାଖରେ ସୂଚନା ଅଛି। ଫସଲ ନଷ୍ଟ କରୁଛନ୍ତି କି ନାହିଁ ତଦନ୍ତ ପରେ ଜଣାପଡ଼ିବ ବୋଲି କହିଛନ୍ତି।

## କୃଷକ ତାଲିମ ଶିବିର

**ଖପ୍ରାଖୋଲ, ୧୭।୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ କୃଷି କାର୍ଯ୍ୟାଳୟ ତାଲିମ ଗୃହଠାରେ କୃଷକ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ତାଲିମଦାତାଭାବେ ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ପାଟଣାଗଡ ବ୍ଲକ ସହକାରୀ କୃଷି ଅଧିକାରୀ ରଜେଶ୍ୱରି ଭୋଇ, ପ୍ରତୀକ୍ଷା ବାରିକ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ତାଲିମ ପ୍ରଦାନ କରିଥିଲେ। ଏହିଅବସରରେ ସମନ୍ୱିତ ରୋଗ ପୋକ ପରିଚାଳନା କଲେ ଚାଷୀ ଲାଭବାନ ହେବେ ବୋଲି ତାଲିମଦାତାମାନେ କହିଥିଲେ। ଜୈବିକ ପଦ୍ଧତିରେ କୃଷି କରିବା ସହ ଡାଲି ଜାତୀୟ, ତୈଳ ବୀଜ ଜାତୀୟ ଓ ପନିପରିବା ଫସଲର ସୁରକ୍ଷା, କପାଚାଷର ପରିଚାଳନା, ଅମଳ ପରବର୍ତ୍ତୀ ପରିଚାଳନା ଉପରେ କହିଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘର ମହିଳା ସମାବେଶ




ସମାବେଶରେ ମଞ୍ଚାସୀନ ଅତିଥି।

**ପାଟଣାଗଡ,୭।୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଯୋଗିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଡୁମେରପଦରଠାରେ କେନ୍ଦୁପତ୍ର ଶ୍ରମିକ ସଂଘ ପାଟଣାଗଡ ଡିଭିଜନ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଯାଇଛି। ଏହି ସମାବେଷରେ କେନ୍ଦୁପତ୍ର ଶ୍ରମିକ ଓ କର୍ମଚାରୀ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଶିବାନନ୍ଦ ପରିଛା ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଲାଗୁ କରିବାକୁ ଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କହିଥିଲେ। କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଲଗାଉଥିବା ଜିଏସ୍‌ଟି ଛାଡ କରିବା ପାଇଁ ସେ ଦାବି କରିଥିଲେ। ଏହି ସମାବେଶରେ ବିଜେଡ଼ି ରାଜ୍ୟ ସମ୍ପାଦକ ଆଲୋକ ପାଣିଗ୍ରାହୀ, ପ୍ରତାପ ମେହେର, ଯୁବରାଜ ମେହେର, ସନ୍ତୋଷ ସେଠ, ରିଙ୍କୁ ପୁରୋହିତ, ଶିବ ମେହେର, ମନୋଜ ସାହୁ, ନନ୍ଦିତା ମେହେର, ବିଂଝାଲୁ ସାହୁ ଯୋଗ ଦେଇଥିଲେ।

# ଜୟ ମହାକାଳ କ୍ରିକେଟ: ବାଲିପଟା ଚାମ୍ପିୟନ

**ଟିଟିଲାଗଡ଼,୧୭।୨(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ବିକେପୁର ଖେଳ ପଡିଆରେ ଆୟୋଜିତ ଜୟ ମହାକାଳ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ କାନ୍ଦୁଲଝର ଏବଂ ବାଲିପଟା ମଧ୍ୟରେ ହୋଇଥିଲା। ବାଲିପଟା ପ୍ରଥମେ ବ୍ୟାଟିଂ କରି ୧୫୩ରନ କରିଥିଲା। ଜବାବରେ କାନ୍ଦୁଲଝର ସମସ୍ତ ଉଇକେଟ ହରାଇ ମାତ୍ର ୬୭ ରନ କରି ପରାଜିତ ହୋଇଥିଲା। ବାଲିପଟାର ପ୍ରଦୀପ ମ୍ୟାନ ଅଫ ଦି ମ୍ୟାଚ ଓ ରଜତ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ବାଲିପଟାକୁ ଟ୍ରଫି ସହ ୫୧ହଜାର ଓ ଉପବିଜେତା କାନ୍ଦୁଲଝର ଦଳକୁ ଟ୍ରଫି ସହ ୩୧ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଅଜୟ ନାଏକ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟ ଗୀତା ବିଶି, ଟିକି ପୋଢ଼, ବିକେପୁର ସରପଞ୍ଚ ହୃଷୀକେଷ ବାଗ, ସମିତି ସଭ୍ୟା ରିତା ମଲ୍ଲିକ ବିନାୟକ ମିଶ୍ର ମଞ୍ଚାସୀନ ଥିଲେ। ଆୟୋଜକ କମିଟି ସଭାପତି ଉଦିତ ନାରାୟଣ ବେହେରା, ଉପସଭାପତି ଅମିତ ବେହେରା, ସମ୍ପାଦକ ଜନ୍ମ ପୋଢ଼, ସହ ସମ୍ପାଦକ ଭରତ ସାହୁ, ମେନେଜର ଥବିର ସାହୁ, ସହକାରୀ ମ୍ୟାନେଜର ଭୌତିକ ବରଗାଁ, କୋଷାଧ୍ୟକ୍ଷ ଅସିତ ମିଶ୍ର, ସହ କୋଷାଧ୍ୟକ୍ଷ ଅଶୋକ ରଣା, ସଂଯୋଜକ ଗୋବିନ୍ଦ ମାଝି, ସହ ସଂଯୋଜକ ମୁଖ୍ୟ ବାଗ, ବିପିନ ପୃଷ୍ଟି ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ । ଶିକ୍ଷକ ପାଣ୍ଡବ ବରଗାଁ ସଭା ସଂଯୋଜନା କରିଥିଲେ ।




ଚାମ୍ପିୟନ ଦଳକୁ ମନ୍ତ୍ରୀ ଟୁକୁନୀ ସାହୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

ପାଇକମାଳ,୧୭।୨(ବଡ ଶତପଥୀ): ବରଗଡ଼ ଜିଲା ପାଇକମାଳ ଛକ ନିକଟ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଲାଇନ ସଂଯୋଗ କରୁଥିବା ବେଳେ ତଳେ ପଡ଼ି ଲାଇନ ମ୍ୟାନ୍ କୁଦଣ୍ଡ ମଲ୍ଲିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ତେବେ ଶନିବାର ପରିବାର ଲୋକେ ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖରେ କୁଦଣ୍ଡଙ୍କ ମୃତଦେହ ରଖି କ୍ଷତିପୂରଣ ଦାବି କରିଥିଲେ। ପରେ ଏଚ୍.ଏସ. ପାୱାର କମ୍ପାନୀର ମୁଖ୍ୟ ସ୍ମୃତିରଞ୍ଜନ ଜେନା ମୃତକଙ୍କ ସ୍ତ୍ରୀଙ୍କୁ ପେନସନ, କ୍ଷତିପୂରଣ ବାବଦ ୨୧ ଲକ୍ଷ ଟଙ୍କା ଓ ପରିବାରର ଜଣକୁ ଚାକିରି ପ୍ରତିଶ୍ରୁତି ସହ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୪୦ ହଜାର ଟଙ୍କା ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଆମ ହସ୍ପିଟାଲ ଉଦ୍‌ଘାଟିତ

ବରପାଲି,୧୭।୨(ଚିତ୍ତରଞ୍ଜନ ସାହୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କରାଯାଇଥିବା ନୂତନ ଗୃହକୁ ଭର୍ଚୁଆଲ୍ ମୋଡ୍‌ରେ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସରକାରୀ ବାଳକ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ରୀତା ସାହୁ, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ଡାକ୍ତରଖାନା କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବରପାଲିର ତତ୍କାଳୀନ ଜମିଦାର ଜାଗା ଦେଇ ନିଜେ ଡାକ୍ତରଖାନା ଖୋଲିଥିଲେ। ସେ ତାଙ୍କ ପୁତ୍ର ମହେନ୍ଦ୍ରଙ୍କ ନାମରେ ମହେନ୍ଦ୍ର ଡିସ୍‌ପେନ୍‌ସରି ରଖିଥିଲେ। ବରପାଲି ସରକାରୀ ଡାକ୍ତରଖାନାକୁ ତାଙ୍କ ନାମରେ ନାମିତ କରାଗଲେ ଜମିଦାତାଙ୍କ ପ୍ରତି ଉଚିତ ସମ୍ମାନ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

### ସାମାଜିକ କର୍ମୀଙ୍କ ପରଲୋକ

ସରଣ୍ଡା,୧୭।୨(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ବ୍ଲକ ଖଇରପାଲି ଗ୍ରାମର ସାମାଜିକ କର୍ମୀ ପ୍ରଦୀପ କର୍ମୀ



ଓରଫ ବୁଲୁଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଛି। ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ବୁଲୁ ଅସୁସ୍ଥ ବିଶାଖାପାଟଣାରେ ଚିକିତ୍ସାଧୀନ ହେଉଥିଲେ। ଶୁକ୍ରବାର ହସ୍ପିଟାଲରୁ ଘରକୁ ଫେରିଥିଲେ। ବୁଲୁ ଜଣେ ଶିକ୍ଷାବିତ୍, ମେଳାପୀ ଯୁବକ ଥିଲେ। ସ୍ଥାନୀୟ ଲରାସରା ଉଚ୍ଚ ବିଦ୍ୟାଳୟ ଓ ନୂଆଁ ଖଇରପାଲି ସ୍ଥିତ କୋଶଳ ସ୍କୁଲର ପରିଚାଳନା କମିଟି ସଦସ୍ୟ ଥିଲେ। ସେ ବିଜେଡିର କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ଖବର ପାଇ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଭାଜପା ନେତା ମଧୁସୂଦନ ଶର୍ମା, ପୁଷ୍ପକ ଗାଇଗାରିଆ, ଜିଲା ପରିଷଦ ସଭ୍ୟ ରଣଜିତ ସାହୁ, ଖବରଦାତା ଯୁଧିଷ୍ଠିର ମହାପାତ୍ର, ସରପଞ୍ଚ କୀର୍ତ୍ତନ ସେଟ, ସମିତି ସଭ୍ୟ ମନୋରମା ଦେହେରି, ନାଏବ ସରପଞ୍ଚ ରୀନା ବାରିକ, ପ୍ରଧାନଶିକ୍ଷକ ମନବୋଧ ମାଝୀ, ପରିଚାଳନା କମିଟି ସଭାପତି ଦୀନେଶ ଗାଇଗାରିଆ, ପ୍ରଧାନଶିକ୍ଷକ ପ୍ରମୋଦ ମେହେର, କୋଶଳ ସ୍କୁଲର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ, ଅଧ୍ୟକ୍ଷ ରବିନ୍ଦ୍ର ନାଥ ବେହେରା, ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ରାଉତରାୟ ତାଙ୍କ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଝାଉଁଜୋର ନଦୀ ଘାଟରେ ମୃତଦେହ ଦାହ କରାଯାଇଥିଲା। ବୁଲୁଙ୍କ ଭଣଜା ନମନ କର୍ଣ୍ଣ ମୁଖାଗ୍ନି ଦେଇଥିଲେ।

# ୧୧ ଦଫା ଦାବିକଲା ଚାଷୀ ସଙ୍ଗଠନ

- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
- ଦାବି ସମୂହ ପୂରଣ କରା ନ ଗଲେ ଆନ୍ଦୋଳନ ତୀବ୍ର

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)



ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ବରଗଡ଼ ଜିଲାରେ ଚାଷ ଏବଂ ଚାଷୀ ସମସ୍ୟା ଅସମାହିତ ହୋଇରହିଛି। ଏଥିପାଇଁ ଚାଷୀମାନେ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ଏହାସତ୍ତ୍ୱେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ହିତ ପାଇଁ କିଛି ଠୋସ୍ ପଦକ୍ଷେପ ନେଉନାହାନ୍ତି। ଏଭଳି ଅଭିଯୋଗ କରି ଜିଲା ଚାଷୀ ସଙ୍ଗଠନର କର୍ମକର୍ତ୍ତା, ସଭ୍ୟମାନେ ଶନିବାର ଏକ ଶୋଭାଯାତ୍ରାରେ ଯାଇ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ୧୧ଦଫା ଦାବି କରାଯାଇଛି । ସେଥିମଧ୍ୟରେ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ, କୃଷିଋଣ ଛାଡ଼, କୃଷିକ୍ଷେତ୍ର ପାଇଁ ବିଦ୍ୟୁତ୍ ବିଲ୍ ଛାଡ଼, ବଜାର ବ୍ୟବସ୍ଥା ଓ ସଂରକ୍ଷଣ, ବକେୟା ଫସଲବୀମା ଓ ଇନ୍‌ପୁଟ୍ ସହାୟତା ପ୍ରଦାନ, କୃଷକ ପେନସନ ସହାୟତା, ସାର, ବିହନ ଯୋଗାଣ, ପ୍ରାକୃତିକ ଦୁର୍ବିପାକରୁ ସୁରକ୍ଷା ଆଦି ଦାବି ରହିଛି। ଦାବି ସମୂହ ପୂରଣ କରା ନ ଗଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି ।

ସ୍ମାରକପତ୍ର ଅନୁସାରେ, କୃଷିଜାତ ଦ୍ରବ୍ୟର ପ୍ରକୃତ ଉତ୍ପାଦନ ଖର୍ଚ୍ଚକୁ ନେଇ ମୂଲ୍ୟ ପ୍ରଦାନ ବ୍ୟବସ୍ଥା କରାଯାଉନାହିଁ। ଅନେକ କୃଷିଜାତ ଦ୍ରବ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନ ଥିବାରୁ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡ଼ୁଛି। ଓଡ଼ିଶା ବିଧାନସଭାରେ ୫ବର୍ଷ ତଳୁ ଧାନର ଏମ୍‌ଏସ୍‌ପି ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତ ସଂକଳ୍ପ ପାରିତ ହୋଇଥିଲା। ମାତ୍ର ଏବେ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କାରେ ସୀମିତ ରହିଛି । ଅନ୍ୟପଟେ ଭାଜପା ଶାସିତ ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ରହିଛି। କେନ୍ଦ୍ରରେ ମଧ୍ୟ ଭାଜପା ଶାସନରେ ରହିଥିବା ଯୋଗୁ ସର୍ବଭାରତୀୟ ସ୍ତରରେ ଧାନର ଏମ୍‌ଏସ୍‌ପି ସେତିକି ରଖିବାକୁ ସଂଘ ଦାବି କରିଛି ।

ସେହିପରି ବାରମ୍ବାର ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇ ଚାଷୀଙ୍କ ଫସଲ ଉଜୁଡ଼ି ଯାଉଛି। ଋଣ ପରିଶୋଧ ଦୂରର କଥା, ପରିବାର ଗୁଜୁରାଣ ମେଣ୍ଟାଇବା ଚାଷୀଙ୍କୁ କଷ୍ଟସାଧ୍ୟ ହୋଇ ପଡ଼ୁଛି। ଏଭଳି ସ୍ଥଳେ ଚାଷୀଙ୍କୁ କୃଷିଋଣ ଛାଡ଼ କରିବାକୁ ଦାବି ହୋଇଛି। ବିଦ୍ୟୁତ ଭିତ୍ତିକ ଜଳସେଚନ ଦ୍ୱାରା ଉତ୍ପାଦିତ ଦ୍ରବ୍ୟକୁ ଚାଷୀ ସମାନ ଦରରେ ବିକୁଛି। ଏଣୁ ସରକାର କୃଷିକ୍ଷେତ୍ର ପାଇଁ ବିଦ୍ୟୁତ୍ ବିଲ୍ ଛାଡ଼ କରି ନିଜେ ବିଦ୍ୟୁତ୍‌ଭିତ୍ତିକ ଜଳସେଚନର ଦାୟିତ୍ୱ ନେବାକୁ ସଂଘ ଦାବି କରିଛି। ଏଠାରେ ଏପର୍ଯ୍ୟନ୍ତ ବଜାର ଭିତ୍ତିଭୂମି କିମ୍ବା ଶୀତଳ ଭଣ୍ଡାର ହୋଇପାରିନାହିଁ। ଫଳରେ ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଉପଯୁକ୍ତ ବଜାର ବ୍ୟବସ୍ଥା ସହିତ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ଦାବି ହୋଇଛି। ଚାଷୀମାନେ ବାରମ୍ବାର ଫସଲକ୍ଷତିର ସମ୍ମୁଖୀନ ହେଉଛନ୍ତି। କିନ୍ତୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଠିକ୍‌ଭାବେ ଫସଲବୀମା କିମ୍ବା ଇନପୁଟ୍ ସବସିଡ଼ି ମିଳୁ ନ ଥିବା ଅଭିଯୋଗ ହୋଇଛି। ଫସଲକ୍ଷତି ବେଳେ ଠିଆଧାନକୁ ବିଚାରକୁ ନିଆଯାଉଥିବା ବେଳେ କଟାଧାନକୁ କାହିଁକି ସେଥିରୁ ବାଦ୍ ଦିଆଯାଉଛି ବୋଲି ସଂଘ ପ୍ରଶ୍ନ କରିଛି ।

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ମଧ୍ୟ ବାଟବଣା ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ ବୀମା କମ୍ପାନୀ ଲାଭ ଉଠାଉଥିବା ବେଳେ ବିଭିନ୍ନ ଆଳ ଦେଖାଇ ବୀମା ସହାୟତାରୁ ଚାଷୀଙ୍କୁ ବଞ୍ଚିତ କରାଯାଉଛି । ଅପରପକ୍ଷେ ଚାଷ ଆରମ୍ଭରୁ ଚାଷୀଙ୍କଠାରୁ ପ୍ରିମିୟମ ରାଶି ସଂଗ୍ରହ କରି ବୀମା କମ୍ପାନୀ ମାଲାମାଲ୍ ହେଉଥିବା ଅଭିଯୋଗ ହୋଇଛି । ସେହିପରି ରାଜନୈତିକ କ୍ଷେତ୍ରରେ ପେନଶନ ବ୍ୟବସ୍ଥା ଥିବାବେଳେ କୃଷକଙ୍କୁ କାହିଁକି ସେଭଳି ବ୍ୟବସ୍ଥାରୁ ବାଦ୍ ଦିଆଯାଉଛି ବୋଲି ପ୍ରଶ୍ନ ହୋଇଛି । ଏହାସହିତ ଜମି ବନ୍ଦୋବସ୍ତ କରାଯିବା, ବନ୍ଦ ହୋଇଥିବା ବରଗଡ଼ ସମବାୟ ଚିନିକଳକୁ ଆଖୁ, ଖୁଦ ଭିତ୍ତିକ ଇଥାନଲ ପ୍ରକଳ୍ପରେ ପରିଣତ କରିବାକୁ ସଂଘ ଦାବି କରିଛି। ଜିଲା ଚାଷୀ ସଙ୍ଗଠନର ଜୟକୃଷ୍ଣ ସାହୁ, ଅମୂଲ୍ୟ କୁମାର ପତି, ସରୋଜ କୁମାର ବହିଦାର, କିଶୋର ଚନ୍ଦ୍ର ଦେବତା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ୨୩ରେ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

ପଦ୍ମପୁର,୧୭।୨(ପ୍ରଦୀପ୍ତ ଦାଶ)

ଆସନ୍ତା ୨୩ ଓ ୨୪ତାରିଖ ଦୁଇଦିନ ବ୍ୟାପୀ ନବପ୍ରଭାତ ବୈଦିକ ବିଦ୍ୟାପୀଠ, ନୂଆପାଲିର ବାର୍ଷିକୋତ୍ସବ ଓ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ଉପଲକ୍ଷେ ୨୦୧ କୁଣ୍ଡୀୟ ଯଜୁର୍ବେଦ ପାରାୟଣ ମହାଯଜ୍ଞ ସ୍ୱାମୀ ବିବେକାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହେବାର ସ୍ଥିର ହୋଇଛି। ଏହି ଅବସରରେ ଡା. ସୁଭାଷ ନାୟକଙ୍କ ତତ୍ତ୍ୱାବଧାନରେ ଆୟୁର୍ବେଦିକ ଚିକିତ୍ସା ଶିବିର ସମେତ ବେଦଧର୍ମ, ନାରୀ ଉତ୍‌ଥାନ ଓ ରାଷ୍ଟ୍ର ନିର୍ମାଣ ସମ୍ମେଳନ, ଆଶ୍ରମର ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀମାନଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମମାନ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି।

### ଚତୁର୍ଥ ଦିନରେ ପାପକ୍ଷୟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ବିନିକା,୧୭।୨( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଚତୁର୍ଥ ଦିନରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଅବସରରେ ୫୬ ପ୍ରହର ନାମଯଜ୍ଞ, ଭାଗବତ ପଠନ, ପାରାୟଣ, ବିଶ୍ୱଶାନ୍ତି ଯଜ୍ଞ, ଭଜନ କୀର୍ତ୍ତନ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ମହୋତ୍ସବରେ ମୀନାବଜାର ସାଙ୍ଗକୁ ଦୋକାନ ବଜାର ପଡ଼ିଛି ।

## ଖବରକାଗଜ ବିତରକ ସଂଘ ପଞ୍ଜୀକୃତ



ସଂଘର କର୍ମକର୍ତ୍ତାମାନେ ପଞ୍ଜୀକରଣ ପ୍ରମାଣପତ୍ର ଧରିଛନ୍ତି ।

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଖବରକାଗଜ ବିତରକ ସଂଘ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ଅନୁସାରେ ପଞ୍ଜୀକୃତ ହୋଇଛି। ସଂଘର ପଞ୍ଜୀକରଣ ନଂ–୩୫୯୬/୧୯ ରହିଛି। ଏ ସମ୍ପର୍କୀତ ପଞ୍ଜୀକରଣ ପ୍ରମାଣପତ୍ର ପାଇବା ପରେ ସଂଘର କର୍ମକର୍ତ୍ତା, ସଦସ୍ୟମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ସଂଘ ସଭାପତି ଦେବ ନାରାୟଣ ଦାଶ, ଉପସଭାପତି ଜୟପ୍ରକାଶ କୁମ୍ଭାର, ସମ୍ପାଦକ ଗଙ୍ଗାଧର କନ୍ଧେର, ବରିଷ୍ଠ ସଭ୍ୟ ରମେଶ ଦାଶ, ନିବାସ ବାଗ ପ୍ରମୁଖ ଜିଲାପାଳଙ୍କ ଅଫିସକୁ ଯାଇ ପଞ୍ଜୀକରଣ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଦୀର୍ଘବର୍ଷରୁ ଉକ୍ତ ସଂଘ ଗଠନ ହୋଇଛି। ମାତ୍ର ସଂଘ ପଞ୍ଜୀକୃତ ହୋଇ ପାରି ନ ଥିଲା। ବର୍ତ୍ତମାନ ସଂଘ ପଞ୍ଜୀକୃତ ହୋଇଥିବାବେଳେ ସମସ୍ତ କର୍ମକର୍ତ୍ତା, ସଭ୍ୟ ସଙ୍ଗଠିତ ହୋଇ ସାମ୍ବିଧାନିକ ଭାବେ ସରକାରଙ୍କଠାରେ ନିଜର ହକ୍ ଦାବି କରିବେ ବୋଲି ସଭାପତି ଦାଶ କହିଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

ଉଲୁଣ୍ଡା,୧୭।୨(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଲସ୍ତଲାର ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଓ ଉଦେପଦର ପ୍ରମୋଦ ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି । ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଶିବାନୀ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପ୍ରମୋଦ ଉଦ୍ୟାନ ଫିତା କାଟି ଉଦ୍‌ଘାଟନ କରିଥିଲେ । ପରେ ଆୟୋଜିତ ସଚେତନତା ସଭାରେ ବିଧାୟକ ବେହେରା ମୁଖ୍ୟଅତିଥି , ସମ୍ମାନିତ ଅତିଥି ଭାବେ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବିଡ଼ିଓ କରିଷ୍ମା ବେସ୍ରା, ଏବିଡ଼ିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ, ଜିଲା ପରିଷଦ ସଭ୍ୟା ବିଜୟ ଲକ୍ଷ୍ମୀ ତରାଇ, ସହକାରୀ ଯନ୍ତ୍ରୀ ମୁକ୍ତେଶର ମାଝୀ, ଯନ୍ତ୍ରୀ ସୁପ୍ରିୟା ଗୁରୁ, ଯନ୍ତ୍ରୀ ସଂଯୁକ୍ତା ପଧାନ, ସମିତି ସଭ୍ୟ ମହେନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅତିଥିଗଣ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସିରିଶ ପୁରୋହିତ, ଉପେନ୍ଦ୍ର ପାଣିଗ୍ରାହୀ, ପ୍ରଫୁଲ୍ଲ ପୁଝାରୀ, କବି ଗୌର ଚନ୍ଦ୍ର ପରିଛା , ମେଡିକାଲ ଛାତ୍ର ସୌମ୍ୟକାନ୍ତ ଶୁଭ ଦର୍ଶନ ପୂଜାରୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଅମ୍ବରୀଶ ପାଣିଗ୍ରାହୀଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସିଆରପି, ଏମବିକେ, ଏସଏଚଜି ମହିଳା, ୱାର୍ଡ ସଭ୍ୟାସଭ୍ୟ, କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଜିପିଇଓ ଶରତ ମିଶ୍ର ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ ।

## ପଦ୍ମପୁରରେ ବିଜେଡି–ଭାଜପା ବାହାଘର

ପଦ୍ମପୁର,୧୭।୨(ପ୍ରଦୀପ୍ତ ଦାଶ)

ବିଜେଡି ଭାଜପାର ଭିତିରି ବୁଝାମଣା ଅଭିଯୋଗ କରି ଶନିବାର ପଦ୍ମପୁରଠାରେ କଂଗ୍ରେସ ତରଫରୁ ଉଭୟ ଦଳର ବିବାହ କରାଇଛି। ବରଗଡ଼ ଜିଲା ମହିଳା କଂଗ୍ରେସ ମହିଳା ସଭାନେତ୍ରୀ ମୌସୁମୀ ସାହୁଙ୍କ ନେତୃତ୍ୱରେ ବରଯାତ୍ରୀ ଆସିଥିବା ବେଳେ ପରମ୍ପରା ଅନୁସାରେ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ବାହାଘରରେ ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ ସାହୁ, ସନ୍ତୋଷ କୁମାର ଶତପଥୀ, ଦିଲୀପ ଦାନି, ଗଜାନନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ପଦ୍ମପୁରଠାରେ କଂଗ୍ରେସ ପକ୍ଷରୁ ବିବାହ ଉତ୍ସବ ।

## ରକ୍ସା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବରପାଲି,୧୭।୨(ଚିତ୍ତରଞ୍ଜନ ସାହୁ)



ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରପାଲି ବ୍ଲକ ରକ୍ସା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଇପ୍‌ସିତା ନନ୍ଦ, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ପୂର୍ବତନ ପ୍ରଧାନ ଶିକ୍ଷକ ଡ. ବିବେକାନନ୍ଦ ପଧାନ, ସମାଜସେବୀ ଶେଷଧର ସାହୁ ସମ୍ମାନିତ ଅତିଥି, ଡିଆଇ ପ୍ରସନ୍ନ କୁମାର ମିଶ୍ର, ସରପଞ୍ଚ ନୀଳିମା ରାଉତ ବକ୍ତା ଭାବେ ଯୋଗ ଦେଇଥିଲେ। ଆଜିର ଦିନରେ ଛାତ୍ରୀଛାତ୍ର ନିଜେ ନିଜର ପରିଚୟ ସୃଷ୍ଟି କରିବା ସହିତ ସମାଜରେ ଭଲ ମଣିଷର ପରିଚୟ ତିଆରି କରିବା ଦରକାର। ଛାତ୍ରୀଛାତ୍ରମାନେ ପାଠପଢ଼ା ସହିତ ଖେଳକୁଦ ରେ ମଧ ପାରଦର୍ଶିତା ରଖିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ପୋଲିସ ବିଭାଗର ସୁନୀଲ ପୁଟା, ସ୍ଥଳସେନାର ସୁନିଲ ବଗର୍ତ୍ତି, ସମାଜସେବୀ ଶଶଧର ସାହୁଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିବା ବେଳେ ଦୀପକ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରୁହାଁ ପୁଅ ନାଟକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଥାନାରେ ମାମଲା, ତଦନ୍ତ ଆରମ୍ଭ

**ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ଜାତିଆଣ ଆକ୍ଷେପ ପ୍ରସଙ୍ଗ**

- ଅଭିଯୋଗକୁ ଭିତ୍ତିହୀନ, ରାଜନୈତିକ ଷଡ଼ଯନ୍ତ୍ର କହିଲେ ସରପଞ୍ଚ

ଦେଓଗାଁ,୧୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତରେ ଗତ ୧୩ ତାରିଖରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅବସରରେ ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଥିଲା। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମେହେର କେତେକ ଲୋକଙ୍କୁ ଆପଣମାନଙ୍କ ପାଇଁ ଅଲଗା ଖାଇବା ବ୍ୟବସ୍ଥା ହୋଇଛି ବୋଲି କହି କୁଆଡେ ଜାତିଆଣ ଆକ୍ଷେପ କରିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ହରିଜନ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ସରପଞ୍ଚ ସ୍ଥାନୀୟ ହରିଜନ ବସ୍ତିର ବାସିନ୍ଦାଙ୍କୁ ଭୁଲ ମାଗିଥିଲେ। ଏ ନେଇ ହରିଜନ ସମ୍ପ୍ରଦାୟ ମଧ୍ୟରେ ଆଲୋଚନା ପରେ ଶନିବାର କରୁଆଁଝର ଗାଁର ଚୈତନ୍ୟ କୁମ୍ଭାର, କୁଞ୍ଜବିହାରୀ ସୁନା, ସାବିତ୍ରୀ ସୁନା, ଜପ ନାଗ, ଖୁଲା ସୁନା ଦେଓଗାଁ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ ୩୮/୨୪)ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ହରୀବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି। ସରପଞ୍ଚ ଜଗବନ୍ଧୁ ମେହେର ଅଭିଯୋଗକୁ ଭିତ୍ତିହୀନ ଏବଂ ଏହା ମୋ ବିରୋଧରେ ଏକ ରାଜନୈତିକ ଷଡଯନ୍ତ୍ର ବୋଲି କହିଛନ୍ତି।

## ଦେବହୁତି ସ୍ମୃତି ସମ୍ମାନ ସମାରୋହ

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)



ଦେବହୁତି ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି ।

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶନିବାର ଦେବହୁତି ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ଡା. ଜୟଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ପୂର୍ବତନ ବିଧାୟକ ସାଧୁ ନେପାକ ମୁଖ୍ୟ ଅତିଥି, ଡା. ଅରୂପାନନ୍ଦ ସାହୁ, ବୁଡ଼େଲକାନି ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଟେଲ, ଦୁତିଆ ମୁଣ୍ଡା, କୁଞ୍ଜବିହାରୀ ସାହୁ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ଅଭୟ ପ୍ରଧାନ, ଗୌରଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ଥାନୀୟ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀ ଜାଗୃତି ପଟେଲ, ବଧିର ବିଦ୍ୟାଳୟର ଛାତ୍ର ରାଜ ପଧାନ ଏବଂ ମାନସିକ ଅନଗ୍ରସର ବିଦ୍ୟାଳୟର ଛାତ୍ର ଶୁଭେନ୍ଦୁ ବୈଗାଙ୍କୁ ଦେବହୁତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅମରେଶ ଚନ୍ଦ୍ର ବାରିକ, ଆଶାବତୀ କୁମ୍ଭାର ସହଯୋଗ କରିଥିବା ବେଳେ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦୁପତ୍ର କର୍ମଚାରୀ ସଂଘର ମହିଳା ସମାବେଶ

ପାଟଣାଗଡ,୧୭।୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଯୋଗିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଡୁମେରପଦରଠାରେ କେନ୍ଦୁପତ୍ର ଶ୍ରମିକ ସଂଘ ପାଟଣାଗଡ ଡିଭିଜନ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଯାଇଛି। ଏହି ସମାବେଷରେ କେନ୍ଦୁପତ୍ର ଶ୍ରମିକ ଓ କର୍ମଚାରୀ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଶିବାନନ୍ଦ ପରିଛା ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଲାଗୁ କରିବାକୁ ଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କହିଥିଲେ। କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଲଗାଉଥିବା ଜିଏସ୍‌ଟି ଛାଡ କରିବା ପାଇଁ ସେ ଦାବି କରିଥିଲେ। ଏହି ସମାବେଶରେ




ସମାବେଶରେ ମଞ୍ଚାସୀନ ଅତିଥି।

ବିଜେଡ଼ି ରାଜ୍ୟ ସମ୍ପାଦକ ଆଲୋକ ପାଣିଗ୍ରାହୀ, ପ୍ରତାପ ମେହେର, ଯୁବରାଜ ମେହେର, ସନ୍ତୋଷ ସେଠ, ରିଙ୍କୁ ପୁରୋହିତ, ଶିବ ମେହେର, ମନୋଜ ସାହୁ, ନନ୍ଦିତା ମେହେର, ବିଂଝାଲୁ ସାହୁ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କ୍ରିକେଟ୍: ଫାଇନାଲରେ ବନ୍ଧମୁଣ୍ଡା

**ରାଉରକେଲା,୧୭।୨(ଦିନେଶ ମିଶ୍ର):** ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଖେଳ ପଡିଆରେ ଜିଏସ୍ଏ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ଶେଷ ହୋଇଛି । ଏଥିରେ ରାଉରକେଲା ବନ୍ଧମୁଣ୍ଡା ଟିମ୍ ବିଡିସିଟିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଆଜିର ଏହି ମ୍ୟାଚ୍‌ରେ ବନ୍ଧମୁଣ୍ଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୧ ରନ କରିଥିଲା। ଦଳ ପକ୍ଷରୁ କୁନାଲ ପଣ୍ଡା ମାତ୍ର ୩୯ ବଲ ଖେଳି ୪୧ ରନ ସଂଗ୍ରହ କରିଥିଲେ। ଜବାବରେ ବିଡିସିଟି ଦଳ ୮ ଉଇକେଟ ହରାଇ ମାତ୍ର ୧୩୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। କୁନାଲ ପଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଜଗବନ୍ଧୁ ବାରିକ ଓ ସରୋଜ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଜିଏସ୍ଏର ସଦସ୍ୟ ବିଶ୍ୱଜିତ ଚକ୍ରବର୍ତ୍ତୀ ରନ ତଦାରଖ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ବନ୍ଧମୁଣ୍ଡା ଓ ବୀରମିତ୍ରପୁର ମଧ୍ୟରେ ଖେଳାଯିବ ବୋଲି ସଭାପତି ଆଶିଷ ମିଶ୍ର ସୂଚନା ଦେଇଛନ୍ତି।

### ମାର୍ଚ୍ଚ ୯ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁନ୍ଦରଗଡ,୧୭।୨(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ୯ରେ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ୍ ଶୁଭଦର୍ଶୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ଅଦାଲତକୁ ପ୍ରାଧିକରଣର ସଚିବ ଶୁଭଶ୍ରୀ ପ୍ରଧାନ ପରିଚାଳନା କରିବେ। ପ୍ରତ୍ୟେକ ଜିଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାରବିଭାଗୀୟ କୋର୍ଟ ପରିସରରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରି, ମଟର ଦୁର୍ଘଟଣାଜନିତ କ୍ଷତି ପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ,ପାରିବାରିକ ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ସମାଧାନ ଆପୋସ ବୁଝାମଣା ମାଧ୍ୟମରେ କରାଯାଇପାରିବ। କେବଳ ବିଚାରାଧୀନ ମକଦ୍ଦମା ନୁହେଁ,ପ୍ରାକ୍ ମକଦ୍ଦମା ସ୍ତରୀୟ (କଚେରିରେ ଦାୟର ହୋଇଥିବା) ବିଚାର ହୋଇ ଉକ୍ତ ବିବାଦର ସମାଧାନ ହୋଇପାରିବ। ଦୀର୍ଘଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦ୍ ଉପଯୋଗ କରିବାକୁ ପ୍ରାଧିକରଣ ପକ୍ଷରୁ ସୂଚିତ କରାଯାଇଛି।

### କଂଗ୍ରେସର ପ୍ରତିବାଦ ସଭା

**ସୁନ୍ଦରଗଡ,୧୭।୨(ଜୟ ନାରାୟଣ ମେଣ୍ଡୁଲି) :** ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଶନିବାର ଜିଲା କଂଗ୍ରେସ କମିଟି ପକ୍ଷରୁ ବିଜେଡି ଓ ଭାଜପା ସରକାରଙ୍କ ଜନବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ସ୍ଥାନୀୟ ଡିଆର୍‌ଡିଏ ଛକଠାରେ ଶନିବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଉପସଭାପତି ଅଜିତ ପ୍ରସାଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଦଳୀୟ ନେତୃବୃନ୍ଦ ଯୋଗଦେଇ ବିଜେଡି ଓ ଭାଜପା ସରକାର ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ବୋଲି ଅଭିହିତ କରି ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ସକାଶେ ବିଜେଡିର ସମର୍ଥନ ଏହା ଏକ ପ୍ରମାଣ ବୋଲି କହି ସେମାନଙ୍କ ଜନ ବିରୋଧୀ କାର୍ଯ୍ୟକୁ ସମାଲୋଚନା କରିଥିଲେ। ବର୍ତ୍ତମାନ ସ୍ଥିତିରେ କଂଗ୍ରେସ ହିଁ ଏକ ମାତ୍ର ବିକଳ୍ପ ବୋଲି କହିଥିଲେ। କଂଗ୍ରେସ ସବୁବେଳେ ଗରିବ,ଆଦିବାସୀ ଦଳିତଙ୍କ ପାଇଁ ଲଢେଇ ଜାରିରଖିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ,ସୁଧାରାଣୀ ରାଉଡିଆ, ପର୍ଶୁରାମ ସରାଫ, କାଳୀପଦ ସାମଲ, ନେପାଳ ଚନ୍ଦ୍ର ସାହୁ, ସତ୍ୟ ନାରାୟଣ ସାହୁ, ଅରୁଣ ପୃଷ୍ଟେଠ,ରାଜା ପଟ୍ଟନାୟକ,କଳ୍ପନା ଆପଟ,ବିନିତା ନାଏକ,ଗେରୋଟୀ ଖେସ୍ ,ଜୀବେଶ୍ୱରୀ ପଟେଲ, ଭୁଷ ଦେବ ସିଂ,ରଞ୍ଜନ ସୋରେଙ୍ଗ, ଯୁବ କଂଗ୍ରେସର ବିଶ୍ୱଜୀତ ପଟ୍ଟନାୟକ,ବିକାଶ ରାଓ,ଶ୍ୟାମରଞ୍ଜନ ନନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସାୟିକ ଶତ୍ରୁତାରୁ ହତ୍ୟା ଚର୍ଚ୍ଚା

**ଖିରପାଣି ହିଲଟପ୍ ମାର୍କେଟ ହତ୍ୟା ଘଟଣା**

**ରାଉରକେଲା,୧୭।୨(ସଙ୍ଗୀତା ଜେନା)**


ହତ୍ୟାକାଣ୍ଡ ଘଟିଥିବା ସ୍ଥଳ।


ନୀହାର ରଞ୍ଜନ ଆଚାର୍ଯ୍ୟ।

ରାଉରକେଲା ଖିରପାଣି ଥାନା ଅଧୀନ ସେକ୍ଟର-୨୦ ହିଲଟପ୍ ମାର୍କେଟରେ ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟା ସମୟରେ ଗାଡି ବ୍ରୋକର ନିହାର ରଞ୍ଜନ ଆଚାର୍ଯ୍ୟ ହତ୍ୟା ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୩୩/୨୪)ରୁଜୁ କରିବା ସହ ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ତଦନ୍ତ ଶେଷ ହୋଇ ନ ଥିବାରୁ ଅଟକ ଅଭିଯୁକ୍ତ ଦ୍ୱୟଙ୍କୁ ରିପୋର୍ଟ ଲେଖା ହେବା ସୁଦ୍ଧା (ସନ୍ଧ୍ୟା ୭ଟା) କୋର୍ଟଚାଲାଣ କରାଯାଇନାହିଁ।

ଥାନାଧିକାରୀ ରବିନ୍ଦ୍ର ସାହୁଙ୍କ ସୂଚନା ଅନୁସାରେ, ମୃତକ ନିହାରଙ୍କ ସହ କୋଏଲନଗର ଡି ବ୍ଲକ ଅଞ୍ଚଳର କେୱଲ ସିଂହ(୫୧) ଓ ଅଶୋକ ପ୍ରସାଦ(୩୮)ଙ୍କର ପୂର୍ବରୁ ଚିହ୍ନାଜଣା ଥିଲା। ନିହାର ବନ୍ଧମୁଣ୍ଡା ଥାନା ବରଟୋଲି ଅଞ୍ଚଳରେ ସପରିବାର ରହୁଥିଲେ। ତାଙ୍କର ପୁରୁଣା ଗାଡ଼ି କିଣାବିକା ଓ ଜମି ବ୍ୟବସାୟ ରହିଥିଲା। ଏଥିପାଇଁ ସେ ବିଭିନ୍ନ ସ୍ଥାନରେ ଗ୍ୟାରେଜ ମେକାନିକମାନଙ୍କ ସମ୍ପର୍କରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ନିହାର ହିଲଟପ୍ ଛକକୁ ଯାଇଥିବା ବେଳେ କେୱଲ ମଧ୍ୟ ଆସିଥିଲେ। ସେଠାରେ ନିହାର କେୱଲଙ୍କୁ ଅଶୋକ ମରିଯାଇଥିବା ମିଛରେ କହିଥିଲେ। ଏହା ଶୁଣିବା ପରେ କେୱଲ ତୁରନ୍ତ ଅଶୋକଙ୍କ ସହ ଯୋଗାଯୋଗ କରି ନିହାର ତାଙ୍କ ନାମରେ ମିଛକଥା କହୁଥିବା ଜଣାଇଥିଲେ। ଏହାପରେ ଅଶୋକ ଘଟଣାସ୍ଥଳରେ ପହଞ୍ଚି ନିହାରଙ୍କ ସହ ଝଗଡ଼ା କରିବା ସହ ଚାପୁଡା ମାରିଥିଲେ। ଏହାକୁ କେନ୍ଦ୍ର କରି କେୱଲ ଓ ନିହାରଙ୍କ ମଧ୍ୟରେ ମାଡ଼ପିଟ୍ ହୋଇଥିଲା। ଏହି ସମୟରେ କେୱଲ ଏକ ଛୁରିରେ ନିହାରଙ୍କ ତଳିପେଟକୁ ବାରମ୍ବାର ଭୁଷିଥିଲେ। ଗୁରୁତର ଅବସ୍ଥାରେ ନିହାରଙ୍କୁ ଆର୍‌ଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ କେୱଲ ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ତଦନ୍ତ ପରେ ଅଶୋକ ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଜଣାପଡିବା ପରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି ବୋଲି ଥାନାଧିକାରୀ ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷେ ନିହାରଙ୍କ ବ୍ୟବସାୟ ଓ ଟଙ୍କା ଦେଣନେଣକୁ ନେଇ କେୱଲଙ୍କ ସହ ବିବାଦ ରହିଥିଲା। ସମ୍ଭବତଃ ଏଥିପାଇଁ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ନିହାରଙ୍କ ସ୍ତ୍ରୀ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟରତ ଅଛନ୍ତି। ଆସନ୍ତା ୨୭ ତାରିଖରେ ତାଙ୍କ ବଡ଼ପୁଅଙ୍କ ବ୍ରତଘର ଥିଲା।

# ଭିକାରିମୁକ୍ତ ହେଉନି ବେଦବ୍ୟାସ ପୀଠ

**ରାଉରକେଲା,୧୭।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରକୁ ଭିକାରୀମୁକ୍ତ କରିବା ଯୋଜନା ପ୍ରହସନରେ ପରିଣତ ହୋଇଛି। ସହରର ବେଦବ୍ୟାସ ଧର୍ମପୀଠରେ ଛୋଟ ଛୋଟ ପିଲାମାନେ ଭିକ୍ଷାବୃତ୍ତି କରୁଛନ୍ତି। ଏହି ପୀଠ ଆଖପାଖ ଅଞ୍ଚଳର ପିଲାମାନେ ସ୍କୁଲରେ ନାମ ଲେଖାଉଥିଲେ ମଧ୍ୟ ସ୍କୁଲକୁ ଯାଉନାହାନ୍ତି। ସେହିପରି ଶ୍ମଶାନରେ ମୃତଦେହ ଦାହ କାର୍ଯ୍ୟରେ ମଧ୍ୟ ସେମାନେ ନିୟୋଜିତ ହେଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ବେଦବ୍ୟାସ ପୀଠକୁ ଭିକାରୀମୁକ୍ତ କରିବାକୁ ଉଦ୍ୟମ କରାଯାଉଥିଲେ ମଧ୍ୟ ସେଭଳି ସୁଫଳ ମିଳିନାହିଁ।

ରାଉରକେଲା ସହରକୁ ଭିକାରୀମୁକ୍ତ ସହର କରିବାକୁ ୨୦୨୩ ଜାନୁୟାରୀ ୧ରୁ ଯୋଜନା କରାଗଲା। ଏହି ଯୋଜନାରେ ରେଳ ଷ୍ଟେଶନ, ମନ୍ଦିର, ମସଜିଦରେ ଭିକ୍ଷାବୃତ୍ତି କରୁଥିବା ଭିକ୍ଷାର୍ଥୀମାନଙ୍କୁ ଉଦ୍ଧାର କରି ଆଶ୍ରୟ ଦିଆଗଲା। ଏଥିସହ ରାଉରକେଲା ଶ୍ରମ ବିଭାଗ ତରଫରୁ ସହରର ବିଭିନ୍ନ ହୋଟେଲ, ଢାବା, ଗ୍ରୋସରୀ, ମଲ୍‌ମାନଙ୍କରୁ ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନ କରାଗଲା। ବିଭାଗ ପକ୍ଷରୁ ୨୦୨୩ ବର୍ଷରେ ମାତ୍ର ୭ଟି ମାମଲା ଦାୟର ହୋଇଥିଲା। ବେଦବ୍ୟାସ ଅଞ୍ଚଳରୁ କେବଳ ୧୫ ଭିକ୍ଷାର୍ଥୀ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଉକ୍ତ ପୀଠ ଭିକାରୀମୁକ୍ତ ହୋଇପାରିଲା ନାହିଁ।

ଏ ନେଇ ଗୁରୁକୁଳ ସଂସ୍କୃତ କଲେଜ ଅଧ୍ୟକ୍ଷ ଉମାକାନ୍ତ ପଣ୍ଡା କୁହନ୍ତି, ଏଥିପାଇଁ ପ୍ରଶାସନ ଯେତିକି ଦାୟୀ ତାଠାରୁ ଅଧିକ ଅଭିଭାବକ ଦାୟୀ। ଆଗରୁ ୮୮ ଜଣ ପିଲାଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଦ୍ୟାଳୟ ଗୁରୁକୁଳ ସଂସ୍କୃତ ବିଦ୍ୟାଳୟରେ ସାମିଲ କରାଯାଇଥିଲା। ତେବେ ୪୦ଭାଗ ପିଲା ପୁଣି ଏହି ବୃତ୍ତିକୁ ଆଦରି ନେଇଥିବା ସେ କହିଥିଲେ। ଏ ସମ୍ପର୍କରେ ରାଉରକେଲା ଡିଏଲ୍‌ଓ ଦିବ୍ୟଜିତ ନାୟକଙ୍କ ପଚାରିବାରୁ ସେ କହିଲେ, ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ଉଦ୍ଧାର ପାଇଁ ବିହିତ ପଦକ୍ଷେପ ନିଆଯାଉଛି। ବେଦବ୍ୟାସ ପୀଠରୁ ଭିକ୍ଷାବୃତ୍ତି କରୁଥିବା ପିଲା ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ଉଦ୍ଧାର କରି ଥଇଥାନ କରିବା ଦାୟିତ୍ୱ ଆର୍‌ଏମ୍‌ସିର ବୋଲି ନାୟକ କହିଥିଲେ।

# ରାଉରକେଲା ରନର୍ସ ଅପ୍

**ଅଲ୍ ଓଡ଼ିଶା ପୁରୁଷ କବାଡି ଚାମ୍ପିୟନଶିପ୍**

**ରାଉରକେଲା,୧୭।୨(ସଙ୍ଗୀତା ଜେନା)**


ଟ୍ରଫି ସହ ରାଉରକେଲା ପୁରୁଷ କବାଡି ଦଳ।

ସୁନ୍ଦରଗଡ଼ ଗାନ୍ଧୀ କ୍ଲବ ପକ୍ଷରୁ ଗତ ୭ତାରିଖରୁ ଆରମ୍ଭ ହୋଇଥିବା ଅଲ୍ ଇଣ୍ଡିଆ ପୁରୁଷ କବାଡ଼ି ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଭୁବନେଶ୍ୱର, ପିପିଲି, ଅନୁଗୁଳ, ସମ୍ବଲପୁର, ପୁରୀ, ଝାରସୁଗୁଡ଼ା ଓ ରାଉରକେଲା ଦଳ ଅଂଶଗ୍ରହଣ କରିଥିଲେ। ନକ୍ ଆଉଟ୍ ନିୟମରେ ଖେଳାଯାଉଥିବା ଉକ୍ତ ପ୍ରତିଯୋଗିତା ମ୍ୟାଟ୍ ଓ ରାତିରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଉରକେଲା ଦଳ ଅନୁଗୁଳ ଦଳକୁ ୫୮-୨୮ ପଏଣ୍ଟରେ ପରାଜିତ କରିଥିଲା। ସେହିପରି କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ଦଳକୁ ରାଉରକେଲା ଦଳ ୩୬-୧୯ ପଏଣ୍ଟରେ ପରାଜିତ କରିଥିଲା। ସେମିଫାଇନାଲରେ ଝାରସୁଗୁଡ଼ା ଦଳକୁ ୨୮-୧୮ରେ ପରାଜିତ କରି ଫାଇନାଲକୁ ରାଉରକେଲା ଦଳ ପ୍ରବେଶ କରିଥିଲା। ଫାଇନାଲରେ ରାଉରକେଲା ଭୁବନେଶ୍ୱର ଦଳଠାରୁ ୩ ପଏଣ୍ଟରେ ପରାଜିତ ହୋଇଥିଲା। ରାଉରକେଲା ଦଳକୁ ୨୦ ହଜାର ଟଙ୍କା ନଗଦ ରାଶି ଓ ରନର୍ସ ଅପ୍ ଟ୍ରଫି ମିଳିଥିଲା। ରାଉରକେଲା ପୁରୁଷ ଦଳରେ ନବୀନ ରତନ ଦାସ, ସଞ୍ଜୟ ତିର୍କୀ, ସର୍ମନ କିଣ୍ଡୋ, ସ୍ୱାଧୀନ ପ୍ରଧାନ, ସୌମ୍ୟରଞ୍ଜନ ମାଝୀ, ଅମ୍ରିତ ଲାକ୍ରା, ସନାତନ ନାଏକ, ବିଜୟ ନାଏକ, ସ୍ମୃତିରଞ୍ଜନ, ରୋହନ ତନ୍ତୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କବାଡ଼ି ପ୍ରଶିକ୍ଷକ ପ୍ରେମାନନ୍ଦ ଶତପଥୀ, ବିକ୍ରମ ପ୍ରଧାନ, କାମେଶ୍ୱର ସିଂହ, ଜାତୀୟ କବାଡି କୋଚ୍ ଶୁକ୍ରୁ ତନ୍ତୀ, କଳିଙ୍ଗ ସ୍ପୋର୍ଟସ ଫେଡେରେଶନର ସଞ୍ଜୟ ବାବୁଟା, ତିଲୋତ୍ତମା ଅଗ୍ରୱାଲ, ବନମାଳି ଜାମକିଆର, ଭ୍ରମରବର ମହାନ୍ତି, ସୁନ୍ଦରଗଡ଼ କବାଡି ଡେଭଲପମେଣ୍ଟ ସୋସାଇଟିର ଅମରେଶ ପ୍ରଧାନ, ଆକାଶ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଆଖଣ୍ଡଳମଣି ମନ୍ଦିରର ବାର୍ଷିକୋତ୍ସବ ଉଦ୍‌ଯାପିତ

**ରାଉରକେଲା,୧୭।୨(ଦିନେଶ ମିଶ୍ର):** ଉଦିତନଗର ସ୍ଥିତ ଶ୍ରୀଶ୍ରୀ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଆଖଣ୍ଡଳମଣି ମନ୍ଦିର ପରିଚାଳନା ସମିତି ପକ୍ଷରୁ ୪୮ତମ ବାର୍ଷିକୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମନ୍ଦିରର ମୁଖ୍ୟ ପୂଜକ କାଶିନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଗୋପୂଜା, ମନ୍ଦିର ପାର୍ଶ୍ୱଦେବଦେବୀ ପୂଜା କରାଯାଇଥିଲା। ପରେ ମନ୍ଦିର ପ୍ରାଙ୍ଗଣରେ ସମିତି ପକ୍ଷରୁ ଆୟୋଜିତ ହରିନାମ ସଙ୍କୀର୍ତ୍ତନ ଅଷ୍ଟପ୍ରହର ନାମଯଜ୍ଞର ନଗର ସଙ୍କୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ ଓ ଯମୁନା ସ୍ନାନ ହୋଇଥିଲା। ସମିତିର ଉପଦେଷ୍ଟା ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବୈଲୋଚନ ବୈଜ, ଶରତ ଚନ୍ଦ୍ର ପଲାଇ, ଏସ୍.ଏସ୍. ପାଣି, ମନୁ ଦାସ, ମନ୍ଧର ମାଝୀ, ପ୍ରସନ୍ନ କୁମାର ନାୟକ, ସରୋଜ କୁମାର ମହାନ୍ତି, ପ୍ରସନ୍ନ କୁମାର ନାୟକ, ଜ୍ଞାନ ପାଣି ସହଯୋଗ କରିଥିଲେ।

# ଅଭିନବ ପ୍ରତିବାଦ ଜଣାଇଲା କଂଗ୍ରେସ


ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଅଭିନବ ପ୍ରତିବାଦ କରୁଛନ୍ତି।

**ରାଉରକେଲା,୧୭।୨(ସଙ୍ଗୀତା ଜେନା)**

ବିଜେଡ଼ି ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରି ରାଜ୍ୟ ସଭାକୁ ପଠାଇବା ତଥା ରାଜ୍ୟରେ ଭାଜପା ଓ ବିଜେଡ଼ିର ଅଘୋଷିତ ମେଣ୍ଟକୁ ନେଇ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଶନିବାର ଅଭିନବ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ସଭାପତି ରବି ରାୟଙ୍କ ନେତୃତ୍ୱରେ ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ଓ ବିଜେଡ଼ିର ପ୍ରତୀକାତ୍ମକ ବିବାହ ଆୟୋଜନ ପରେ ପ୍ରଧାନମନ୍ତ୍ରୀ ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ସଭାପତି ରାୟ କହିଥିଲେ, ବୈଷ୍ଣବଙ୍କୁ ପୁଣିଥରେ ରାଜ୍ୟ ସଭା ପଠାଇବା କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ। ବର୍ତ୍ତମାନ ରେଳ ମନ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଭାଜପାକୁ ବିଜେଡ଼ି ପ୍ରଚ୍ଛଦପଟ୍ଟରେ ସହଯୋଗ କରୁଛି। ଏଥିରେ ରାଜ୍ୟବାସୀଙ୍କ ସହ ବିଶ୍ୱାସଘାତ ପ୍ରତୀତ ହେଉଛି। ଉଭୟ ସରକାର ଯୁବ ସମାଜ ପ୍ରତି ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି। ବେକାରୀ, ବେରୋଜଗାରୀ, ଅସମାଜିକ କାର୍ଯ୍ୟକଳାପ ଆଦି ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଦେଶର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିକ୍ରି, ଲାଭକରୀ ସଂସ୍ଥାଗୁଡ଼ିକର ଘରୋଇକରଣ ଦ୍ୱାରା ଦେଶର ଅର୍ଥନୀତି ଦୁର୍ବଳ ହେଉଛି। ନବନିଯୁକ୍ତ ରାଜ୍ୟ କଂଗ୍ରେସର ପ୍ରଭାରୀ ଡ. ଅଜୟ କୁମାର ବିଜେଡ଼ି ଓ ଭାଜପାର ବିବାହ ସମ୍ପନ୍ନ କରାଇଥିବା ବେଳେ ଶନିବାର ଏହି ବିବାହ ପୁଣି ଆୟୋଜନ ହେଉଛି। ଲୁଚାଛପା ପ୍ରେମ ବଦଳରେ ଖୁଲମଖୁଲା ଗଠବନ୍ଧନ ସରକାର ସାର୍ବଜନୀନ ହେଉ ବୋଲି ରାୟ କହିଥିଲେ। କର୍ମକର୍ତ୍ତାମାନେ ବିଜେଡ଼ି ଓ ଭାଜପାର ଅସାଧୁ କାର୍ଯ୍ୟକଳାପ ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଉପସଭାପତି ସନ୍ତୋଷ ବିଶ୍ୱାଳ, ଆର୍. ପି. ସିଂହ, ଦେବବ୍ରତ ବିହାରୀ, ବାଦଲ ଶ୍ରୀଚନ୍ଦନ, ବରିୟମ ସିଂହ, ଗଣେଶ ପ୍ରଧାନ, ସବୀର ହୁସେନ୍, ଧୁସା ନାୟକ, ସରୋଜ ଲେଙ୍କା, ନିହାର ଦାସ, ଜ୍ଞାନେନ୍ଦ୍ର ଦାସ, ରଘୁନାଥପଲ୍ଲୀ ଯୁବ କଂଗ୍ରେସ ସଭାପତି ସୁମୀତ କଂସାରୀ, ରମେଶ ଗୁପ୍ତା, ଗୀତା ସିଂହ, ଲତା ନାଏକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ରାଉରକେଲାରେ ଆମ ହସ୍ପିଟାଲ୍ ଲୋକାର୍ପିତ

**ରାଉରକେଲା,୧୭।୨(ସଙ୍ଗୀତା ଜେନା)**



ମୋ ହସ୍ପିଟାଲ ଲୋକାର୍ପଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

'ଆମ ହସ୍ପିଟାଲ' ରୂପାନ୍ତରଣରେ ଶନିବାର ସୁନ୍ଦରଗଡ଼ ଜିଲାରେ ୭ଟି ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ଚିକିତ୍ସାଳୟକୁ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ଲୋକାର୍ପଣ କରିଛନ୍ତି। ଏହି କ୍ରମରେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଏହାକୁ ଲୋକାର୍ପିତ କରାଯାଇଥିଲା। ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ରାଉରକେଲା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣୀ, ପାନପୋଷ ଉପଜିଲାପାଳ ବିଜୟ ନାୟକ, ଆର୍‌ଜିଏଚ୍ ନିର୍ଦ୍ଦେଶକ ଡା. ଗଣେଶ ପ୍ରସାଦ ଦାସ, ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧାରାଣୀ ପ୍ରଧାନ, ଡା. ପଣ୍ଡିତ ସାହୁ, ମ୍ୟାନେଜର ମୋହିତ ଶ୍ରୀବାସ୍ତବ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଦକ୍ଷିଣ ରାଉରକେଲା ଫର୍ଟିଲାଇଜର ବାଲିଯୋଡି ପ୍ରାଥମିକ ଚିକିତ୍ସାକେନ୍ଦ୍ରକୁ ମଧ୍ୟ ଲୋକାର୍ପିତ କରାଯାଇଥିଲା।

### କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

**ପାଇକମାଳ,୧୭।୨(ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ଛକ ନିକଟ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଲାଇନ ସଂଯୋଗ କରୁଥିବା ବେଳେ ତଳେ ପଡ଼ି ଲାଇନ ମ୍ୟାନ୍ କୁଦଣ୍ଡ ମଲ୍ଲିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ତେବେ ଶନିବାର ପରିବାର ଲୋକେ ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖରେ କୁଦଣ୍ଡଙ୍କ ମୃତଦେହ ରଖି କ୍ଷତିପୂରଣ ଦାବି କରିଥିଲେ। ପରେ ଏଚ୍.ଏସ. ପାୱାର କମ୍ପାନୀର ମୁଖ୍ୟ ସ୍ମୃତିରଞ୍ଜନ ଜେନା ମୃତକଙ୍କ ସ୍ତ୍ରୀଙ୍କୁ ପେନସନ, କ୍ଷତିପୂରଣ ବାବଦ ୨୧ ଲକ୍ଷ ଟଙ୍କା ଓ ପରିବାରର ଜଣକୁ ଚାକିରି ପ୍ରତିଶ୍ରୁତି ସହ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୪୦ ହଜାର ଟଙ୍କା ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଆମ ହସ୍ପିଟାଲ ଉଦ୍‌ଘାଟିତ

**ବରପାଲି,୧୭।୨(ଚିତ୍ତରଞ୍ଜନ ସାହୁ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କରାଯାଇଥିବା ନୂତନ ଗୃହକୁ ଭର୍ଚୁଆଲ୍ ମୋଡ୍‌ରେ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସରକାରୀ ବାଳକ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ରୀତା ସାହୁ, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ଡାକ୍ତରଖାନା କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବରପାଲିର ତତ୍କାଳୀନ ଜମିଦାର ଜାଗା ଦେଇ ନିଜେ ଡାକ୍ତରଖାନା ଖୋଲିଥିଲେ।

### ଦେବହୁତି ସ୍ମୃତି ସମ୍ମାନ ସମାରୋହ

**ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶନିବାର ଦେବହୁତି ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ଡା. ଜୟଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ପୂର୍ବତନ ବିଧାୟକ ସାଧୁ ନେପାକ ମୁଖ୍ୟ ଅତିଥି, ଡା. ଅରୂପାନନ୍ଦ ସାହୁ, ବୁଢ଼େଲକାନି ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଟେଲ, ଦୁତିଆ ମୁଣ୍ଡା, କୁଞ୍ଜବିହାରୀ ସାହୁ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ଅଭୟ ପ୍ରଧାନ, ଗୌରଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ଥାନୀୟ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀ ଜାଗୃତି ପଟେଲ, ବଧିର ବିଦ୍ୟାଳୟର ଛାତ୍ର ରାଜ ପଧାନ ଏବଂ ମାନସିକ ଅନଗ୍ରସର ବିଦ୍ୟାଳୟର ଛାତ୍ର ଶୁଭେନ୍ଦୁ ବୈଗାଙ୍କୁ ଦେବହୁତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅମରେଶ ଚନ୍ଦ୍ର ବାରିକ, ଆଶାବତୀ କୁମ୍ଭାର ସହଯୋଗ କରିଥିବା ବେଳେ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।


ଦେବହୁତି ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି ।

# ଆର୍‌ଏସ୍‌ପି ଯୁବ ପ୍ରବନ୍ଧକଙ୍କୁ ଡିଆଇସି ଟ୍ରଫି ପୁରସ୍କାର

**ରାଉରକେଲା,୧୭।୨(ବିପ୍ଳବ ରଞ୍ଜନ ଦାଶ)**


ଯୁବ ପ୍ରବନ୍ଧକ ଟ୍ରଫି ସହିତ ପୁରସ୍କୃତ ହୋଇଛନ୍ତି।

ଆର୍‌ଏସ୍‌ପି ଡିଆଇସି ସଚିବାଳୟ ମନ୍ଥନ ସମ୍ମିଳନୀ ହଲରେ ଯୁବ ପ୍ରବନ୍ଧକମାନଙ୍କୁ ଡିଆଇସି ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଛି। ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଅଧ୍ୟକ୍ଷତା କରି ପ୍ରବନ୍ଧକମାନଙ୍କୁ ଡିଆଇସି ଟ୍ରଫି ସହିତ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ ଏବଂ ବହୁ ସିଜିଏମ୍ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଦାନ କରାଯାଇଥିବା ପୁରସ୍କାର ଇଏସ୍‌ଜିରେ ସ୍ଥାୟୀ ଭବିଷ୍ୟତ ସୃଷ୍ଟି ; ସେଲ୍ ପାଇଁ ଆହ୍ୱାନ ଓ ଆଗାମୀ ଭବିଷ୍ୟତ ଉପରେ ଉଦ୍ଦିଷ୍ଟ ଥିବାବେଳେ ଭୌମିକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାସହ ପ୍ରତିଯୋଗିତାର ପରବର୍ତ୍ତୀ ରାଉଣ୍ଡ ପାଇଁ ଶୁଭେଚ୍ଛା ଜଣାଇଥିଲେ। ତେବେ ପୁରସ୍କୃତ ହୋଇଥିବା ଯୁବ ପ୍ରବନ୍ଧକମାନଙ୍କ ମଧ୍ୟରୁ ସି ଏଣ୍ଡ ଆଇଟି ବିଭାଗର ଏଜିଏମ ଭି. ପି. ଆର୍ଯ୍ୟା, ଏଚ୍‌ଆରଡି ବିଭାଗର ଏଜିଏମ କେ.କେ. ଯଶୱାଲ ଏବଂ ସି ଏଣ୍ଡ ଆଇଟି ବିଭାଗର ଏଜିଏମ ସଞ୍ଜୟ ଗୌତମଙ୍କୁ ନେଇ ଗଠିତ ବିଜେତା ଦଳକୁ ଟ୍ରଫି ଏବଂ ପ୍ରମାଣପତ୍ର ସହ ୧୫ହଜାର ଟଙ୍କା ପୁରସ୍କୃତ କରିଥିଲେ। ଏଚ୍‌ଏସ୍‌ଏମ୍-୨ ବିଭାଗର ମ୍ୟାନେଜର ଅନୁପ ଅଗ୍ରୱାଲ, ଜଳ ପ୍ରବନ୍ଧନ ବିଭାଗର ମ୍ୟାନେଜର ଦୀପକ ଗର୍ଗ, ଆର ଏଣ୍ଡ ସି ଲ୍ୟାବ ବିଭାଗର ଡେପୁଟି ମ୍ୟାନେଜର ବଟକୃଷ୍ଣ ଗିରିଙ୍କୁ ନେଇ ଗଠିତ ପ୍ରଥମ ରନର୍ସ ଅପ୍ ଦଳକୁ ଟ୍ରଫି, ପ୍ରମାଣପତ୍ର ସହ ନଗଦ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଚ୍‌ଏସ୍‌ଏମ୍-୨ ବିଭାଗ ସିନିୟର ମ୍ୟାନେଜର ଜ୍ୟୋତିର୍ମୟ ଜେନା, ଅର୍ଥ ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ମହାନନ୍ଦା ସାହୁ ଓ ଏଚ୍‌ଏସ୍‌ଏମ୍- ୨ ବିଭାଗର ଡେପୁଟି ମ୍ୟାନେଜର ପ୍ରୀତି ରଞ୍ଜନ ସାହୁଙ୍କୁ ନେଇ ଗଠିତ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ଟ୍ରଫି ଏବଂ ପ୍ରମାଣପତ୍ର ସହ ୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଚ୍‌ଆରଡି ବିଭାଗର ଏଜିଏମ କେ. କେ. ଯଶୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ସଂକ୍ଷେପରେ**

## କାଠଫାଳିଆରେ ଆକ୍ରମଣ, ଯୁବକଙ୍କ ମୃତ୍ୟୁ

**ସମ୍ବଲପୁର,୧୭।୨(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ କୁସୁମପଡ଼ାରେ ଶନିବାର କାଠ ଫାଳିଆରେ ଆକ୍ରମଣ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆ ଘୁନଘୁଟିପଡ଼ାର ରିଙ୍କୁ ନନ୍ଦ। ପୋଲିସ ସୂଚନା ଅନୁସାରେ ପୂର୍ବାହ୍ନରେ କୁସୁମପଡାର ଆକୁଳ ବନଛୋର କୌଣସି କାରଣରୁ ରିଙ୍କୁଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସଦର ଡାକ୍ତରଖାନା ଓ ପରେ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆକ୍ରମଣର ପ୍ରକୃତ କାରଣ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ସ୍ଥାନୀୟ ଲୋକଙ୍କ କହିବା କଥା ରିଙ୍କୁଙ୍କ ପୁତୁରା ସହ ଆକୁଳଙ୍କ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ରିଙ୍କୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ହଠାତ୍ ଆକୁଳ ରିଙ୍କୁ ଦେଖି କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏଥିରେ ରିଙ୍କୁଙ୍କ ମୁଣ୍ଡ ଫାଟିବାରୁ ସେ ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ସଦର ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ଭିମ୍ସାର ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଆକ୍ରମଣକାରୀ ଆକୁଳ ଫେରାର ଅଛନ୍ତି। ତାଙ୍କ ନାମରେ ପୂର୍ବରୁ କ୍ଷେତରାଜପୁର ଥାନାରେ ମାମଲା ରହିଥିବା ବେଳେ ପୋଲିସ ଧରିବା ପାଇଁ ଉଦ୍ୟମ ଚଳାଇଛି। ଘଟଣାକୁ ନେଇ କୁସୁମପଡା ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଥିବାରୁ ପୋଲିସ ମୁତୟନ ହୋଇଥିବା ସେ କହିଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ନାକଟିଦେଉଳ,୧୭।୨(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ପାଣିମୁରା ଗ୍ରା.ପ. କାର୍ଯ୍ୟାଳୟ ପରିସରରେ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି, ପାଣିମୁରା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀରୋଦ କୁମାର ସାହୁ ମୁଖ୍ୟବକ୍ତା ଓ ପାଣିମୁରା ପଞ୍ଚାୟତର କୃଷି ବିଭାଗ କର୍ମଚାରୀ ମଞ୍ଜୁବାଳା ଦେହୁରି ସମ୍ମାନିତ ଅତିଥି ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହାସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ଯେପରି ପହଞ୍ଚିପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଦୁଷ୍ମନ୍ତ କୁମାର ଦେହୁରି ପରିଚାଳନା କରିଥିବା ବେଳେ ଜିଆର୍‌ଏସ୍ ଅମରେଶ ବିଶି ସହଯୋଗ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କିତ ପାଲା ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିବିରରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସିଆର୍‌ପି,ଏମ୍‌ବିକେ, ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ସମେତ ସାଧାରଣ ଲୋକ ଯୋଗଦେଇଥିଲେ।

# ଶ୍ରମିକଙ୍କ ସମସ୍ୟା ଶୀଘ୍ର ସମାଧାନ କର

- ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିରରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଶ୍ରମମନ୍ତ୍ରୀ
- ୬୦୩ ହିତାଧିକାରୀଙ୍କୁ ୪ କୋଟି ସହାୟତା ବଣ୍ଟନ

**ସମ୍ବଲପୁର,୧୭।୨(ଭବାନୀ ଶଙ୍କର ଭୋଇ)**



ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ ଅବସରରେ ଶ୍ରମମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତର ନୀଳଡୁଙ୍ଗୁରିଠାରେ ଥିବା ଉଦ୍ୟାନ ଓ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଶନିବାର ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର କୋଠାବାଡ଼ି ଏବଂ ନିର୍ମାଣ ଶ୍ରମିକଙ୍କ ପାଇଁ ଆରମ୍ଭ କରିଥିବା ଯୁଗାନ୍ତକାରୀ ଯୋଜନା ବିଷୟରେ କହିଥିଲେ। ଶ୍ରମିକମାନଙ୍କ ସମସ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ସହ ଶ୍ରମ ବିଭାଗର ଅଧିକାରୀଙ୍କ ଫୋନ୍ ନମ୍ବର ଶ୍ରମିକମାନଙ୍କ ପାଖରେ ଉପଲବ୍ଧ କରାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଶ୍ରମିକମାନଙ୍କ ପାଖରେ ପହଞ୍ଚିବା ଦିଗରେ ଅଧିକାରୀମାନଙ୍କ ଦାୟିତ୍ୱ ରହିଛି। ତେଣୁ ନିର୍ମାଣ ଶ୍ରମିକ ସରକାରୀ ଯୋଜନା ବିଷୟରେ ଜାଣିବା ସହ କିଭଳି ତା'ର ସୁଫଳ ପାଇପାରିବେ ସେ ଦିଗରେ ବିଭାଗୀୟ ଅଧିକାରୀ ବ୍ୟବସ୍ଥା କରିବାକୁ ଶ୍ରମମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ୬୦୩ ହିତାଧିକାରୀଙ୍କୁ ମୋଟ ୪କୋଟି ୧ଲକ୍ଷ ୪୪ହଜାର ଟଙ୍କାର ସହାୟତା ବଣ୍ଟନ କରାଯାଇଥିଲା। ଏହା ମଧ୍ୟରେ ୧୦୨ ହିତାଧିକାରୀଙ୍କୁ ୨କୋଟି ୧ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୯୩ ଜଣଙ୍କୁ ୪ ଲକ୍ଷ ୬୫ ହଜାର ଟଙ୍କାର ଅନ୍ତ୍ୟେଷ୍ଟି କ୍ରିୟା ସହାୟତା, ୩୯୬ ଜଣଙ୍କୁ ୧ କୋଟି ୯୪ ହଜାର ଟଙ୍କାର ବିବାହକାଳୀନ ସହାୟତା, ୪ ଜଣଙ୍କୁ ୯୯ ହଜାର ଟଙ୍କାର ଶିକ୍ଷା ସହାୟତା, ୮ ଜଣଙ୍କୁ ୮୦ ହଜାର ଟଙ୍କାର ପ୍ରସୂତିକାଳୀନ ସହାୟତା ବଣ୍ଟନ କରାଯାଇଥିଲା। ଏହାସହ ୧୦୦ ଜଣ ନୂତନ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁ କଲ୍ୟାଣ ବୋର୍ଡ ତରଫରୁ ଦିଆଯାଉଥିବା ବିଭିନ୍ନ ସହାୟତା ଏବଂ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ଉପଦେଷ୍ଟା ସୌଭାଗ୍ୟ ନାୟକ, କାଳିଆ ଯୋଜନାର ଉପଦେଷ୍ଟା ସଞ୍ଜୟ ବାବୁ, ଯୁଯୁମୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ସଏ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନୂଆଦେଇ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶ୍ରମ ଅଧିକାରୀ ବ୍ରଜେଶ କୁମାର ହୋତା, ଲିପ୍ସାରାଣୀ ପ୍ରଧାନ, ପ୍ରଭାତ କୁମାର ମୁଣ୍ଡଚିନା, ଯୋଗେଶ୍ୱର ବିଶି, ସଂଯୋଜକ ସୌମ୍ୟରଞ୍ଜନ ସାହୁ, ତ୍ରିଲୋଚନ ବାରିକ, ଅଜିତ କୁମାର ପ୍ରଧାନ, ଅମରେଶ ଚନ୍ଦ୍ର ପଣ୍ଡା, ଅତାଉର ଖାଁ, ଗୋବର୍ଦ୍ଧନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।


କୁଚିଣ୍ଡା ଅଞ୍ଚଳରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି ଅତିଥି।

## ସରକାରଙ୍କ ଯୋଜନା ଅବଗତ କଲେ ଲୋକପ୍ରତିନିଧି, ଅଧିକାରୀ

**କୁଚିଣ୍ଡା,୧୭।୨(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ସାଲେଭାଡି, କୁ.ଜମନକିରା, ବାଙ୍କେ ଓ କୁନ୍ତରା ପଞ୍ଚାୟତରେ ଶୁକ୍ରବାର ଓ ଶନିବାର ଆମ ଓଡିଶା ନବୀନ ଓଡିଶା ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାଲେଭାଡି ପଞ୍ଚାୟତରେ ଏବିଡିଓ ସହଦେବ ନନ୍ଦ, ସରପଞ୍ଚ ଧନୁର୍ଜୟ ନାଏକ, ସମିତିସଭ୍ୟା ସନ୍ତୋଷ ନାଏକ, କନିଷ୍ଠ ଯନ୍ତ୍ରୀ ରୁଦ୍ରନାରାୟଣ ନାୟକ, ପିଇଓ ମନୋଜ ପଟେଲ ଯୋଗଦେଇଥିଲେ। କୁ. ଜମନକିରା ପଞ୍ଚାୟତରେ ବିଧାୟକ ନାଏକଙ୍କ ସମେତ ଜିପିଡ଼ିଓ ମସ୍ତରାମ ପ୍ରଧାନ ଓ ଯୋଗାଣ ଅଧିକାରୀ ପ୍ରସନ୍ନ ଦେହୁରି, ସରପଞ୍ଚ ପବିତ୍ର କିଷାନ, ସମିତିସଭ୍ୟା ଭାନୁମତି କିଷାନ, ପିଇଓ ଲଳିତା ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ବାଙ୍କେ ଓ କୁନ୍ତରା ପଞ୍ଚାୟତରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ ନାଏକ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଙ୍କେରେ ଆକାଉଣ୍ଟ ଅଫିସର ଅଜୟ ବାଗେ, ସରପଞ୍ଚ ପିଙ୍କି ନାଏକ, ସମିତିସଭ୍ୟ ସମିର କଉଡି, ପିଇଓ ଯଶୋବନ୍ତ ବିଶ୍ୱାଳ ଏବଂ କୁନ୍ତରାରେ ବିଧାୟକ ନାଏକଙ୍କ ସମେତ ବ୍ଲକ ଅଧ୍ୟକ୍ଷ କିଷାନ, ଜିପିଡ଼ିଓ ମସ୍ତରାମ ପ୍ରଧାନ, ସରପଞ୍ଚ ସୁନିତା କିଷାନ, କନିଷ୍ଠ ଯନ୍ତ୍ରୀ ଅଶିତ ପଟେଲ ଓ ପିଇଓ କୁଞ୍ଜବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ପରେ ଯୋଜନା ସମ୍ପର୍କିତ ସଚେତନତା ପାଲା ପରିବେଷଣ କରାଯାଇଥିଲା। ଆମ ପଞ୍ଚାୟତ ବିକାଶ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରି ଲୋକଙ୍କୁ ବଣ୍ଟନ କରିଥିଲେ। ଏହି ଅବସରରେ ନୂତନ ହିତାଧିକାରୀଙ୍କୁ ଭତ୍ତା, ଖେଳାଳିଙ୍କୁ ପୋଷାକ ଏବଂ ରାଶନକାର୍ଡଧାରୀଙ୍କୁ ଝୋଟ ବ୍ୟାଗ ବଣ୍ଟନ କରାଯାଇଥିଲା।

## ସରକାରୀ ଯୋଜନାକୁ ନେଇ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୧୭।୨(ଭବାନୀ ଶଙ୍କର ଭୋଇ)**

ଯୁଯୁମୁରା ବ୍ଲକ ମେଘପାଳଠାରେ ଶନିବାର ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଘପାଳ ସରପଞ୍ଚ ମମତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା୧୫ ଯୋଜନା ବିଷୟରେଜନସାଧାରଣଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ରାଜ୍ୟର ଅନେକ ବିକାଶ ଘଟିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଫିସର ସନାତନ କେହ୍ଲୁ, ଛାମୁଣ୍ଡା ସରପଞ୍ଚ ବନିତା ଭୋଇ, ଗଡଲୋଇସିଂହ ସରପଞ୍ଚ ଖୁଲଣା ବେହେରା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, କେଶାପାଲି ସରପଞ୍ଚ ରିତାଞ୍ଜଳି ନାଏକ, ନାଏବ ସରପଞ୍ଚ ଅଜୟ କାଣ୍ଡକନା ପ୍ରମୁଖ ଯୋଗ ଦେଇ ବିକାଶ ସଂପର୍କରେ କହିଥିଲେ। ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ସେଠୀ କୃଷି ଓ କୃଷକର ଉନ୍ନତି ପାଇଁ ସରକାର କରିଥିବା କାଳିଆ ଯୋଜନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜନସଚେତନତା ପାଇଁ ପାଲା ପରିବେଷିତ ହୋଇଥିଲା। ସେହିପରି ମେଘପାଳ ହାଇସ୍କୁଲ ଓ ଲିଟିଲ୍ ଫ୍ଲାୱାର ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମର ହିତାଧିକାରୀଙ୍କ ସହ ଜନପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ବାରିକ ଧନ୍ୟବାଦ ଦେଇଥିଲେ।

## ଜିଲାର ୪ ହସ୍ପିଟାଲ 'ଆମ ହସ୍ପିଟାଲ' ଯୋଜନାରେ ସାମିଲ

**ସମ୍ବଲପୁର,୧୭।୨(ଭବାନୀ ଶଙ୍କର ଭୋଇ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଅଭାସୀ ଜରିଆରେ ସମ୍ବଲପୁର ଜିଲାର ସମ୍ବଲପୁର, କୁଚିଣ୍ଡା, ରେଢାଖୋଲ, ଠେମରା ଆଦି ୪ ଡାକ୍ତରଖାନାକୁ 'ଆମ ହସ୍ପିଟାଲ' ଯୋଜନାରେ ସାମିଲ କରି ଲୋକାର୍ପିତ କରିଛନ୍ତି। ଏହାସହିତ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ନୂତନ ଉପଖଣ୍ଡସ୍ତରୀୟ ଡାଏଲିସିସ୍ କେନ୍ଦ୍ର ଲୋକାର୍ପଣ କରିଛନ୍ତି। ଲୋକାର୍ପଣ ଉତ୍ସବରେ କୁଚିଣ୍ଡା ଡାକ୍ତରଖାନାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ


ସମ୍ବଲପୁରଠାରେ ଆମ ହସ୍ପିଟାଲ ଲୋକାର୍ପଣ ଉତ୍ସବରେ ଅତିଥିବୃନ୍ଦ।

ଅଶୋକ ଦାସ ଯୋଗ ଦେଇଥିବା ବେଳେ ସମ୍ବଲପୁରରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଲେଖ ମହାପାତ୍ର ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ।

## ସମ୍ବଲପୁରୀ କବିତା ପାଠୋତ୍ସବ


କବିତା ପାଠୋତ୍ସବ ଓ କବି ସମ୍ମିଳନୀରେ ଅତିଥିମାନେ।

**ସମ୍ବଲପୁର,୧୭।୨(ବି.ଶଙ୍କର)**

ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଅଇଁଠାପାଲିସ୍ଥିତ ବିର୍ସା ମଇଦାନ ( ପିଏଚ୍‌ଡି ପଡିଆ)ଠାରେ ସମ୍ବଲପୁରୀ କବିତା ପାଠୋତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମହୋତ୍ସବ କମିଟି ଆବାହକ ଅଧ୍ୟାପକ ତୁଷାର ରଞ୍ଜନ ବାରିକ ଓ କବି ଡ. ନିତ୍ୟାନନ୍ଦ ଖମାରୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଶିଷ୍ଟ କବି ତଥା ଶିକ୍ଷାବିତ ସୁଶୀଲ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ସାହିତ୍ୟିକ ଅନନ୍ତରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ ସଦାନନ୍ଦ ପଣ୍ଡା, ମାନସ କୁମାର ଷଡଙ୍ଗୀ, ଗୋପୀନାଥ ଷଡଙ୍ଗୀ ମଞ୍ଚାସୀନ ଥିଲେ। ସମ୍ବଲପୁର ସମେତ ବରଗଡ, ଝାରସୁଗୁଡ଼ା, ବଲାଙ୍ଗୀର, ସୋନପୁର ଅଞ୍ଚଳରୁ ଶତାଧିକ କବି ଓ ଲେଖକ ଯୋଗଦାନ କରିଥିଲେ । ସମ୍ବଲପୁର ସାଂସ୍କୃତିକ ପରିଷଦର ଜୟଶ୍ରୀ ପୁରୋହିତ, ଆୟୁଷ ବଢେଇ, ଯତୀନ୍ଦ୍ର ନାଏକ, ଅନିଶ ଷଡଙ୍ଗୀ, ଚିରଞ୍ଜିବୀ ପ୍ରଧାନ ଓ ତନ୍ମୟ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଗୋଲବଜାର ଛକରେ ଜିଲା କଂଗ୍ରେସର ବିକ୍ଷୋଭ



ବିକ୍ଷୋଭ ସମାବେଶରେ ଦଳୀୟ କର୍ମୀ ଓ ନେତା।

**ସମ୍ବଲପୁର,୧୭।୨(ବି.ଶଙ୍କର)**

କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ମୌଳିକ ସବିଧା ଯୋଗାଇବାରେ ବିଫଳ ହୋଇଛନ୍ତି । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ଜନ ହିତକର ଯୋଜନା କରାଯାଉଛି ବୋଲି ଭୁଆଁ ବୁଲାଉଛନ୍ତି। ପ୍ରକୃତ ପକ୍ଷେ ଭାଜପା ଓ ବିଜେଡି ମଧ୍ୟରେ ଅଘୋଷିତ ମେଣ୍ଟ ରହିଛି। ଆଗାମୀ ନିର୍ବାଚନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ। ଶନିବାର ସମ୍ବଲପୁର ଗୋଲବଜାର ଛକଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶରେ ନେତୃମଣ୍ଡଳୀ ଏହା କହିଛନ୍ତି । ଜିଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ନେତା ଓ କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଗୋଲ ବଜାର ଛକଠାରେ ପହଞ୍ଚିଥିଲେ। ବରିଷ୍ଠ କଂଗ୍ରେସ ନେତା ସୁରେଶ୍ୱର ମିଶ୍ର, ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ମନୋରଞ୍ଜନ ଦାସ, ଚନ୍ଦ୍ରକାନ୍ତ ମହାନ୍ତି, ବିଜିତେନ୍ଦ୍ର ପ୍ରଧାନ, ରାଜ୍ୟ ସମ୍ପାଦକ ଅମିତ ଗୁରୁ, ପ୍ଲାବନ ବହିଦାର, ଆଶୁତୋଷ ସ୍ୱାଇଁ, ବିଜୟଲକ୍ଷ୍ମୀ ବେହେରା, ମହମ୍ମଦ ଗୁବେର, ମହମ୍ମଦ ଚୌଧୁରୀ, ଜିତେନ୍ଦ୍ର ପ୍ରଧାନ, ସଞ୍ଜିବ ଗର୍ଡିଆ ପ୍ରମୁଖ ସାମିଲ ଥିଲେ ।

## ଭାରତୀୟ ମାନକ ବ୍ୟୁରୋର ପ୍ରଶିକ୍ଷଣ ଶିବିର


କାବେରୀ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

**ସମ୍ବଲପୁର,୧୭।୨(ବି.ଶଙ୍କର)**

ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖା ପକ୍ଷରୁ ସମ୍ବଲପୁରସ୍ଥିତ କାବେରୀ ସମ୍ମିଳନୀ କକ୍ଷଠାରେ ଶନିବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟୁରୋ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ବୈଜ୍ଞାନିକ ଅକ୍ଷୟ କୁମାର ପୁରୋହିତ, ଅମ୍ରିତା ପଟ୍ଟନାୟକ, ସଞ୍ଜୀବ କୁମାର ନାଏକ, ସ୍ୱାପିନାଲ ପ୍ରତାପ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଦ୍ୟାଳୟରେ ମାନକ କ୍ଲବର ଆବଶ୍ୟକତା ଓ ଏହାର କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ଶିବିରରେ ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ଝାରସୁଗୁଡ଼ା ଜିଲାର ୩୮ଜଣ ମାନକ ବ୍ୟୁରୋ କ୍ଲବର ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକ ତାଲିମ ନେଇଥିଲେ। ଦଳଗତ ପ୍ରଦର୍ଶନ ମାଧ୍ୟମରେ

**ଯୋଗଦେଲେ ୪ ଜିଲାର ୩୮ ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକ**

ବରଗଡ଼ ଜିଲାର ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ସିମେଣ୍ଟର ମାନକ, ସମ୍ବଲପୁର ଜିଲାର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞାଶ୍ରୀ ରାଉତ ଗ୍ୟାସ୍ ସିଲିଣ୍ଡରର ମାନକ, ଝାରସୁଗୁଡା ଜିଲାର ବିଜ୍ଞାନ ଶିକ୍ଷୟିତ୍ରୀ ରିଙ୍କି ପ୍ରଧାନ ଶିଶୁମାନଙ୍କୁ ଦିଆଯାଉଥିବା ପ୍ୟାକେଟ କ୍ଷୀରର ମାନକ, ଦେବଗଡ଼ ଜିଲାର ଅନୀଲ କୁମାର ହେଲମେଟର ମାନକ ଓ ବିଜ୍ଞାନ ଶିକ୍ଷକ ଗିରିଧାରୀ ସାହୁ ବଜାରରେ ବିକ୍ରି ହେଉଥିବା ପାନୀୟ ଜଳ ଓ ସେଥିପାଇଁ ବ୍ୟବହୃତ ପ୍ଲାଷ୍ଟିକ ବୋତଲର ମାନକ ସମ୍ବନ୍ଧୀୟ ସୂଚନା ଉପସ୍ଥାପନ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ଓ ଆଇଟିଆଇ ମଧ୍ୟରେ ଏମ୍‌ଓୟୁ

**ସମ୍ବଲପୁର, ବରଗଡ଼, କଳାହାଣ୍ଡି, ସୁନ୍ଦରଗଡ଼ ଜିଲା ସାମିଲ**

**ସମ୍ବଲପୁର,୧୭।୨(ବି.ଶଙ୍କର)**

ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ପଶ୍ଚିମ ଓଡିଶା ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ପଶ୍ଚିମ ଓଡ଼ିଶାର ଚାରି ଗୋଟି ପ୍ରତିଷ୍ଠିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ସହିତ ଚୁକ୍ତିନାମା (ଏମ୍‌ଓୟୁ) ସ୍ୱାକ୍ଷର କରିଛି। କମ୍ପାନୀର ବୁର୍ଲାସ୍ଥିତ ମୁଖ୍ୟ କର୍ପୋରେଟ କାର୍ଯ୍ୟାଳୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। କମ୍ପାନୀ ସହିତ ବରଗଡ଼ ଜିଲାର ଭେଡେନ, ସମ୍ବଲପୁର ଜିଲାର ହୀରାକୁଦ, ସୁନ୍ଦରଗଡ଼ ଜିଲାର ରାଉରକେଲା ଓ କଳାହାଣ୍ଡି ଜିଲାର ଭବାନୀପାଟଣାସ୍ଥିତ ଆଇଟିଆଇ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହା ଦ୍ୱାରା ଆଇଟିଆଇ ମହାବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ଉଭୟ ପାଠ୍ୟକ୍ରମ ଓ ବ୍ୟବହାରିକ ଜ୍ଞାନର ସୁବିଧା ପାଇବେ। କମ୍ପାନୀ ସିଇଓ ଇଂ ଗଜାନନ କାଲେ ଏବଂ ଉକ୍ତ ଚାରି ଗୋଟି ଆଇଟିଆଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ମିଶ୍ର, ଶିବ ପ୍ରସାଦ ମହାନ୍ତି, ଧନଞ୍ଜୟ ଖୁରା ଓ ରୀତା ପରିଡ଼ାଙ୍କ ମଧ୍ୟରେ ଏହି ଚୁକ୍ତିନାମ ସ୍ୱାକ୍ଷର ହୋଇଛି। ଏହି ସମୟରେ କମ୍ପାନୀର ସିଏଫ୍‌ଓ ସତୀଶ କୁମାର, ମୁଖ୍ୟ ବାଣିଜ୍ୟିକ ସେବା ଅଧିକାରୀ ସୁନୀଲ କୁମାର ଶର୍ମା, କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ କସମୋସ ଲାକ୍ରା ଉପସ୍ଥିତ ଥିଲେ। ଏହି ଚୁକ୍ତିନାମା ଅନୁଯାୟୀ କମ୍ପାନୀ ପକ୍ଷରୁ ଉକ୍ତ ଚାରି ଗୋଟି ଆଇଆଇଟି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିଦ୍ୟୁତ ପ୍ରସାରଣ, ବିତରଣ ଏବଂ ସୁରକ୍ଷା କ୍ଷେତ୍ରରେ ଗୁଣାତ୍ମକ ତାଲିମ ପ୍ରଦାନ କରାଯିବ।



ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟରେ ଏମ୍‌ଓୟୁ ସ୍ୱାକ୍ଷର କରାଯାଉଛି।

## ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀର ଅଧିକାର

**ଜିଲା କୃଷକ ସୁରକ୍ଷା ସଂଗଠନ ବୈଠକରେ ଦାବି**

**ସମ୍ବଲପୁର,୧୭।୨(ଭବାନୀ ଶଙ୍କର ଭୋଇ)**

ବରେଇପାଲି ମାର୍କେଟଠାରେ ଶନିବାର ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ସୁରକ୍ଷା ସଂଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦେଶରେ ଚାଲିଥିବା କୃଷକ ଆନ୍ଦୋଳନ ବିଷୟରେ ଆଲୋଚନା କରାଯାଇଥିଲା। ସାରା ଦେଶକୁ ଖାଦ୍ୟ ଯୋଗାଉଥିବା ଚାଷୀ ପାଇଁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବା ମୌଳିକ ଅଧିକାର ବୋଲି


କୃଷକ ସୁରକ୍ଷା ସଂଗଠନ ବୈଠକରେ କର୍ମକର୍ତ୍ତାବୃନ୍ଦ।

ଚାଷୀମାନେ ମତ ଦେଇଥିଲେ। ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା। ଉଭୟ ସରକାର ଚାଷୀଙ୍କ ବିକାଶ ନେଇ ଅନେକ ଯୋଜନା କରୁଥିବା କହୁଛନ୍ତି। ହେଲେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ସାମ୍ବିଧାନିକ ସ୍ୱୀକୃତି ଦେବାରେ ପଛଘୁଞ୍ଚା ଦେଉଛନ୍ତି। ଏଭଳି ଚାଷୀମାରଣ ନୀତି ବିରୋଧରେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରିବାକୁ ବୈଠକରେ ଚାଷୀମାନେ ମତ ଦେଇଥିଲେ। ସଭାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ସଂଯୋଜକ ବ୍ୟୋମକେଶ ଠାକୁର, ହରିଶଙ୍କର ପୁରୋହିତ, ଦୋଳଗୋବିନ୍ଦ ନାୟକ, ଅଶ୍ୱିନୀ ହୋତା, ରାଧେଶ୍ୟାମ ପଣ୍ଡା, ଏମ୍. ଗୋବିନ୍ଦୁ, ବିପିନ ଭୋଇ, ସୁଶାନ୍ତ ପଣ୍ଡା, ସୁବ୍ରତ ପଧନ, ଗଣେଶ ମହନ୍ତମ, ଦିଲୀପ ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ। ଶେଷରେ ସମ୍ପାଦକ ଦେବେନ୍ଦ୍ର ପଧନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ଥୁଆମୂଳ ରାମପୁର,୧୭।୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ପାଡେପଦର ପଞ୍ଚାୟତ ଅଧୀନସ୍ଥ ଦୁରେଶପଦର ଗ୍ରାମରେ ଶନିବାର ଅପରାହ୍ନରେ ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଗ୍ରାମର ସୁରେଶ ନାଏକଙ୍କ ପୁଅ ଅସ୍ମିନ(୬) ଏବଂ ଈଶ୍ୱର ନାଏକଙ୍କ ପୁଅ ଶାନ୍ତନୁ। ଅପରାହ୍ନ ପ୍ରାୟ ୪ଟାରେ ଘରଠାରୁ ଅଳ୍ପ ଦୂରରେ ଥିବା ପୋଖରୀକୁ ଦୁଇ ନାବାଳକ ସାଙ୍ଗ ହୋଇ ଗାଧୋଇବାକୁ ଯାଇଥିଲେ। ପରିବାର ଲୋକେ ପୋଖରୀକୁ ଯାଇଥିବା ସମ୍ପର୍କରେ ଜାଣି ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ପୋଖରୀକୁ ଯାଇଥିବା ସନ୍ଦେହ କରି ପରିବାର ଲୋକେ ସେଠାକୁ ଯାଇଥିଲେ। ଦୁଇ ନାବାଳକ ପୋଖରୀ ମଝିରେ ଭାସୁଥିବା ଦେଖି ଉଦ୍ଧାର କରି କୂଳକୁ ଆଣିଥିଲେ। ସେତେବେଳକୁ ଦୁଇ ନାବାଳକଙ୍କ ମୃତ୍ୟୁ ଘଟି ସାରିଥିଲା।

### ଇନ୍ଦ୍ରାବତୀ ମୁଖ୍ୟ କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

ଭବାନୀପାଟଣା,୧୭।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖୀଗୁଡା ଇନ୍ଦ୍ରାବତୀ ମୁଖ୍ୟ କେନାଲର ଏଚଆର ଗେଟ ନିକଟରେ ଶନିବାର ଜଣେ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ମୃତ ବୃଦ୍ଧଙ୍କ ନାମ କୁଞ୍ଜ ବିହାରୀ ସିଂ। ତାଙ୍କ ଘର ମୁଖିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପତିଗୁଡ଼ା ଗ୍ରାମ ବୋଲି ଜଣାପଡିଛି। ଶୁକ୍ରବାର ଠାରୁ କୁଞ୍ଜ ନିଖୋଜ ଥିଲେ। ହେଲେ ଦିନକ ପରେ ତାଙ୍କ ମୃତଦେହ ମିଳିଛି।

### ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ସିନାପାଲି,୧୭।୨(ମନଫୁଲ ମେହେର)

ସିନାପାଲି ବ୍ଲକ ଅନ୍ତର୍ଗତ ଚଟିଆଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଆମ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଂଗୀତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତି ସଭ୍ୟ ବସନ୍ତ ମାଝୀ, ନାଏବ ସରପଞ୍ଚ ବିରବାହୁ ମାଝୀ, ପୂର୍ବତନ ସରପଞ୍ଚ ମହେଶ୍ୱର ମାଝୀ, ପ୍ରଧାନ ଶିକ୍ଷକ ହେରାମ୍ବ ଭୋଇ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ବେହେରା ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ଯୋଗାଣ ସହାୟକ ମନୋଜ ପାତ୍ର ସହଯୋଗ କରିଥିଲେ। ମଞ୍ଚାସୀନ ଅତିଥି ବୃନ୍ଦ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇବା ସହ ଯୋଜନାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଚଟିଆଗୁଡା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ପୁରୁଷ ମହିଳା ତଥା ଜନସାଧାରଣ ଉପସ୍ଥିତ ଥିଲେ।

# ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳସେଚନ

ଭବାନୀପାଟଣା,୧୭।୨(ଉତ୍ତମ କୁମାର ଦାଶ)

- ଏବେ ୪୫ ପ୍ରତିଶତରେ ଜଳ ଭଣ୍ଡାରର ଜଳସ୍ତର
- ଅନ୍ତିମ ପର୍ଯ୍ୟାୟରେ ଜଳସେଚନ ପାଇଁ ଅନ୍ତରାୟ ସୃଷ୍ଟି ହୋଇପାରେ
- ଏବେଠାରୁ ଚାଷୀଙ୍କ ମଧ୍ୟରେ ଆଶଙ୍କା


ଇନ୍ଦ୍ରାବତୀ କେନାଲରେ ଜଳସେଚନ।

କଳାହାଣ୍ଡି ଜିଲା ପାଇଁ ବିଗତ ୨୫ବର୍ଷ ଧରି କୃଷି କ୍ଷେତ୍ରରେ ଏକ ନୂତନ ସମ୍ଭାବନା ତିଆରି କରିଥିବା ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଚଳିତ ରବି ଜଳସେଚନ କ୍ଷେତ୍ରରେ ଆଶଙ୍କା ଉପୁଜି କରି ସାରିଲାଣି । ଚଳିତ ରବିରେ ଇନ୍ଦ୍ରାବତୀ ଜଳ ଭଣ୍ଡାର ମଧ୍ୟରେ ଜଳ ସଂରକ୍ଷଣ ଗତବର୍ଷ ତୁଳନାରେ ଦୁଇ ମିଟର କମ ଥିବା ସତ୍ତ୍ୱେ ୭୧ ହଜାର ହେକ୍ଟର ଜମିରେ ଜଳସେଚନ ଦିଆଯାଉ ଥିବାରୁ ଅନ୍ତିମ ପର୍ଯ୍ୟାୟରେ ଜଳସେଚନ ପାଇଁ ଅନ୍ତରାୟ ସୃଷ୍ଟି ହୋଇପାରେ ବୋଲି ଏବେଠାରୁ ଚାଷୀଙ୍କ ମଧ୍ୟରେ ଆଶଙ୍କା ଉପୁଜି ହୋଇ ସାରିଲାଣି। ବିଭାଗର ଘୋଷଣା ମୁତାବକ ପର୍ଯ୍ୟାୟ କ୍ରମେ ଜଳସେଚନର ବ୍ୟବସ୍ଥା ଗ୍ରହଣ ନ କଲେ ଆଗାମୀ ଦିନରେ ସୁରକ୍ଷିତ ଜଳସେଚନ କ୍ଷେତ୍ରରେ ବ୍ୟାହତ ସୃଷ୍ଟି ହୋଇପାରେ ବୋଲି ଅଭିଜ୍ଞ ମହଲରେ ଆଲୋଚନା ଆରମ୍ଭ ହେଲାଣି। ଚଳିତ ରବି ଜଳସେଚନ ଜାନୁଆରୀ ୮ ତାରିଖରୁ ମଙ୍ଗଳପୁର ସ୍ଥିତ ହାତୀ ବେରେଜରୁ ବାମ ଦକ୍ଷିଣ ଓ ମେଗା ଲିଫ୍ଟ କେନାଲର ୭୧, ୨୭୪ ହେକ୍ଟର ଜମିରେ ଜଳସେଚନ ଆରମ୍ଭ କରାଗଲା। ଗତ ବର୍ଷ ଏହି ଦିନରେ ୬୩୮.୨୦୫ ମିଟର ଜଳସ୍ତର ଥାଇ ୫୨୦୦୦ହେକ୍ଟର ଜମିରେ ଜଳସେଚନ କରାଯାଇ ଥିବାବେଳେ ଚଳିତ ବର୍ଷ ୬୩୬.୪୫ ମିଟର ଅର୍ଥାତ ଦୁଇ ମିଟର କମ ପାଣି ଗଚ୍ଛିତ ଥାଇ ୭୧, ୨୭୪ ହେକ୍ଟର ଅର୍ଥାତ ହାରାହାରି ୨୦ହଜାର ହେକ୍ଟର ଅଧିକ ଜମିରେ ଜଳ ସେଚନ ଲକ୍ଷ ରଖାଯାଇଛି। ଇନ୍ଦ୍ରାବତୀର ଅନ୍ତଃ ସ୍ରୋତ କ୍ରମଶଃ କମି ଆସୁଥିବାରୁ ଜଳସ୍ତର ୬୩୨ ମିଟରକୁ ପହଞ୍ଚିବା ପରେ ପରବର୍ତ୍ତୀ ସମୟରେ ଜଳସେଚନ ସମସ୍ୟା ଦେଖାଦେଇ ପାରେ ବୋଲି ଆଲୋଚନା ହେଉଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ ସୀମା ୬୪୨ ମିଟର ଅର୍ଥାତ ୧,୪୮, ୫୫୦ ହେକ୍ଟର ମିଟର ଥିବା ବେଳେ ବର୍ତ୍ତମାନ ସ୍ଥିତିରେ ଜଳଭଣ୍ଡାରର ଜଳସ୍ତର ୬୩୪.୨୬୫ ମିଟର ଅର୍ଥାତ ୬୮୦୭୧ହେକ୍ଟର ମିଟରକୁ ଛୁଇଁ ୪୫ ପ୍ରତିଶତରେ ପହଞ୍ଚି ସାରିଥିବା ସୂଚନା ମିଳିଛି। ଜଳ ଭଣ୍ଡାରରୁ ଜଳସେଚନ ପାଇଁ ୬୨୫ ମିଟର ପର୍ଯ୍ୟନ୍ତ ସର୍ବନିମ୍ନ ସ୍ତର ରଖାଯାଇ ଥିବା ବେଳେ ବାସ୍ତବରେ ୬୨୭ ମିଟର ପହଞ୍ଚିବା ପର୍ଯ୍ୟନ୍ତ ଜଳସେଚନ ଦିଆଯାଇ ପାରିବ ବୋଲି ସୂଚନା ମିଳିଛି । ସର୍ବନିମ୍ନ ସ୍ତରରୁ ୬୨୭ ମିଟର ପର୍ଯ୍ୟନ୍ତ ୧୭, ୩୦୭ ହେକ୍ଟର ମିଟର ପାଣି ସଂରକ୍ଷିତ ରହୁଥିବା ସତ୍ତ୍ୱେ ସାଂପ୍ରତିକ ସ୍ଥିତିରେ ମୋଟ ୬୮,୦୭୧ ହେକ୍ଟର ପାଣି ଗଚ୍ଛିତ ରହିଛି। ଏଠାରେ ଚାଷ ଉପଯୋଗୀ ପାଣିର ପରିମାଣ ମାତ୍ର ୫୦, ୭୬୪ ହେକ୍ଟର ମିଟର ରହିଥିବା ସୂଚନା ମିଳିଛି। ଅନ୍ୟ ପଟରେ ଜଳଭଣ୍ଡାର ମଧ୍ୟକୁ ଅନ୍ତଃ ସ୍ରୋତ ଭାବରେ ୨୮ କ୍ୟୁମାକ୍ସ ପାଣି ପ୍ରବେଶ କରୁଥିବା ସୂଚନାରୁ ପ୍ରକାଶ। ଏଭଳି ସ୍ଥିତିରେ ଜଳ ସମ୍ପଦ ବିଭାଗ କୌଣସି ସ୍ଥିତିର ବଶବର୍ତ୍ତୀ ହୋଇ ଅଧିକ ଜମିରେ ଜଳସେଚନ ଦେଇ ଅଦୂରଦର୍ଶିତାର ପରିଚୟ ଦେଇ ସାରିଥିବା ବେଳେ ଚାଷକୁ ସୁରକ୍ଷିତ ରଖିବା ପାଇଁ ପର୍ଯ୍ୟାୟ କ୍ରମେ ଜଳସେଚନର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ଆଲୋଚନା ହେଉଛି।

# ମହିଚଲା ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ଚୋରି

ଭବାନୀପାଟଣା/ଜୁନାଗଡ,୧୭।୨
(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)



- ତାଲା ଭାଙ୍ଗି ଦୁର୍ବୃତ୍ତ ନେଇଗଲେ ୧୨ ଲକ୍ଷ ୬୦ ହଜାର
- ସାଇଣ୍ଟିଫିକ୍ ଟିମ୍ ସହ ପୋଲିସର ତଦନ୍ତ ଆରମ୍ଭ

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ମହିଚଲା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ଏକ ବଡଧରଣର ଚୋରି ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ବ୍ୟାଙ୍କରେ ଥିବା ୧୨ଲକ୍ଷ ୬୦ହଜାର ସମେତ କମ୍ପ୍ୟୁଟରର ମନିଟର, ୟୁପିଏସ ଆଦି ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏହା ସହ ବ୍ୟାଙ୍କରେ ଲାଗିଥିବା ସିସିଟିଭିକୁ ଦୁର୍ବୃତ୍ତମାନେ ଭାଙ୍ଗିଦେଇଥିବା ଦେଖିବାକୁ ମିଳିଛି। ଶନିବାର ସକାଳେ ବ୍ୟାଙ୍କ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ଖୋଲିବା ପରେ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ବ୍ୟାଙ୍କ ପରିଚାଳକ ଜୁନାଗଡ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୮/୨୪) ରୁଜୁ କରି ଘଟଣା ସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ସହ ଆସି ତଦନ୍ତ କରି ଫେରିଛନ୍ତି। ପ୍ରକାଶ ଯେ, ଗତ କିଛି ବର୍ଷ ତଳେ ମଧ୍ୟ ଏହି ବ୍ୟାଙ୍କରୁ ଚୋରି ହୋଇଥିଲା। ସେତେବେଳେ ମଧ୍ୟ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଅନେକ କିଛି ଚୋରି କରିନେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ବ୍ୟାଙ୍କଟି ୨୬ ନଂ. ଜାତୀୟ ରାଜପଥ କଡରେ ଥିଲେ ମଧ୍ୟ ଦୁଇ ଦୁଇ ଥର ଚୋରି ହେବା ସ୍ଥାନୀୟ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁର୍ବୃତ୍ତମାନେ ଗତ ଥର ଭଳି ଏଥର ମଧ୍ୟ ବ୍ୟାଙ୍କ ପଛ ପଟ ଫାଟକର ଗ୍ରିଲ କବାଟକୁ କାଟି ଚୋରି କରିଥିବା ଦେଖିବାକୁ ମିଳିଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ


ଅତିଥି ଗହଣରେ ନୃତ୍ୟ ପ୍ରତିଭାମାନ।

ନୂଆପଡା/କୋମନା,୧୭।୨
(ମକାରୁ ବେମାଲ/ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା, ପୋଏର ଓ ଦେଓଦର୍ହା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ ମୁଖ୍ୟ ଅତିଥି, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ବେମାଲ, ବୃନ୍ଦିକୋମନା ସରପଞ୍ଚ ପ୍ରତିନିଧି ଭୁବନ ବାଗ, ଗୋବର୍ଦ୍ଧନ ନାଏକ, ନାଏବ ସରପଞ୍ଚ ଡୁମେରବତି ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ପ୍ରତି ପଞ୍ଚାୟତରେ ଶିବିର ମାନ କରି ଲୋକମାନଙ୍କୁ ସଚେତନ କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତରେ ନୂତନ ଭାବରେ ପାଇଥିବା ୧୨ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଅଞ୍ଚଳ ତଥା ବିଦ୍ୟାଳୟଗୁଡ଼ିକରୁ ଆସିଥିବା ଯୁବତୀ, ଯୁବକ, ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ନିମିଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସେହିପରି ପୋଏର ପଞ୍ଚାୟତଠାରେ ସରପଞ୍ଚ ପୁଷ୍ପାଞ୍ଜଳି ନାଗଙ୍କ ସଭାପତିତ୍ୱରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ, କୁରେଶ୍ୱର ସରପଞ୍ଚ ବିଜୟଲକ୍ଷ୍ମୀ ବରାଲ, ଠିକପାଲି ସରପଞ୍ଚ ସନ୍ତୋଷି ସୁନା, ଟିକ୍ରାପଡା ସରପଞ୍ଚ ଯମୁନା ତାଣ୍ଡି, କୋନାବିରା ସରପଞ୍ଚ ମିଥିଳା ନାଏକ, ମଥୁରା ଶଗରିଆ, ଶ୍ରୀକାନ୍ତ ରାଉତ, ବଳଭଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପିଇଓ ଗିରିଧାରି ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ସେହିପରି କୋମନା ବ୍ଲକ ଦେଓଦର୍ହା ପଞ୍ଚାୟତ ଠାରେ ମଧ୍ୟ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗୋମତି ମାଝିଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଦସ୍ୟ ମୁରଲିଧର ଭୋଇ ମୁଖ୍ୟ ଅତିଥି, ସମିତି ସଭ୍ୟ ଶୋଭାରାମ ମାଝି, ନାଏବ ସରପଞ୍ଚ ହରିସିଂ ଧରଦୁଆ,ଢୋର୍ଲାମୁଣ୍ଡା ପୂର୍ବତନ ସରପଞ୍ଚ ସାନ ମହାନନ୍ଦ, ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ସାମାଜିକ କର୍ମୀ ମହେନ୍ଦ୍ର ଦୀପ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଘନେଶ୍ୱର ତାଣ୍ଡି, ଶୋଭାଚନ୍ଦ୍ର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଯତିଶ ରୌଉତି ମଞ୍ଚ ପରିଚାଳନା କରିଥିଲେ। ଦେବସିଂ ଇମାଝି ଓ ସମସ୍ତ ୱାର୍ଡ ମେମ୍ବର ପ୍ରମୁଖ ସହଯୋଗ କରିଥିଲେ ।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ଲାଞ୍ଜିଗଡ଼,୧୭।୨(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତରେ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବିଶ୍ୱନାଥପୁର ଗୋପବନ୍ଧୁ ହାଇସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ ତହସିଲଦାର ତଥା ଭାରପ୍ରାପ୍ତ ବିଡଓ କିରଣ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ବ୍ଲକ ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଲାଞ୍ଜିଗଡ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆ, ନାଏବ ସରପଞ୍ଚ ଉତ୍ତରା ନାଏକ, ସରପଞ୍ଚ ସଂଘ ସଭାପତି ସାନ୍ଦରୁ ମାଝୀ, ସମିତି ସଭ୍ୟ ସଭାପତି ଜଗଦୀଶ ବେନିଆ, ଜିଲା ପରିଷଦ ପ୍ରତିନିଧି ବନମାଳୀ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ବିଶ୍ୱନାଥପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥି ମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡିକ ଉପରେ ମାର୍ଗଦର୍ଶନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଉପରେ ଜନ ସଚେତନତା ସୃଷ୍ଟି କରାଯାଉଛି । ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀସମ୍ପଦ, ବିଦ୍ୟୁତ ବିଭାଗର ଷ୍ଟଲମାନ ଖୋଲା ଯାଇଥିଲା।

### ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ କରିବାକୁ ଜିଲାପାଳଙ୍କୁ ଦାବିପତ୍ର

ଖଡ଼ିଆଳ,୧୭।୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଲୋକଦୃଷ୍ଟି କଲେଜର ଛାତ୍ରୀମାନେ ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ କରିବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାର ଅନେକ ଡିଗ୍ରୀ କଲେଜ ଛାତ୍ରୀଛାତ୍ର ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିବା କାରଣରୁ ମେଧାବୃତ୍ତି ବାବଦକୁ ୧୦ ହଜାର ଟଙ୍କାରୁ ବଞ୍ଚିତ ରହିଯାଉଛନ୍ତି। ସେହିପରି ଖଡିଆଳ ଡିଗ୍ରୀ ମହିଳା କଲେଜ, ଲୋକଦୃଷ୍ଟି କଲେଜ ଏବଂ ଜିଲାର ଅନେକ କଲେଜର ଛାତ୍ରୀଛାତ୍ର ବଞ୍ଚିତ ହେଉଥିବାରୁ ହକ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ହେମକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ


ବିଚାରକ ମଣ୍ଡଳୀ ବୃନ୍ଦ।

ନୂଆପଡ଼ା,୧୭।୨ (ମକାରୁ ବେମାଲ)

ସ୍ଥାନୀୟ ନେହେରୁ ଯୁବ କେନ୍ଦ୍ର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆପଡା ଜିଲା ସମେତ ରାୟଗଡା, ନବରଙ୍ଗପୁର, ଗଜପତି, ସମ୍ବଲପୁର ଆଦି ଜିଲାର ଶତାଧିକ ଯୁବତୀ ଯୁବକ ଆଭାଷି ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ନେହେରୁ ଯୁବ କେନ୍ଦ୍ର ନୂଆପଡା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ନ୍ୟାସନାଲ କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ଦାସ, ଶ୍ରୀସାଇ କଲେଜ କୁରୁମପୁରି ଘାଟିପଡା ଅଧ୍ୟକ୍ଷ ବିଦ୍ୟୁତ୍ କୁମାର ନାଏକ, ଅବସରପ୍ରାପ୍ତ ଅଧ୍ୟାପକ ଭୂଖନ ରାମ ଅହିର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ସହକାରୀ ଶିକ୍ଷକ ଶଙ୍କର୍ଷଣ ପୁରୋହିତ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଓାରତୋଳା ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ବେହେରା ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଶୀର୍ଷକ ପ୍ରସଙ୍ଗରେ ଯୁବତୀଯୁବକ ବକ୍ତୃତା ମାଧ୍ୟମରେ ପ୍ରଦାନ କରିଥିଲେ। ପ୍ରତି ଜିଲାରୁ ୨ ଜଣ ଲେଖାଏଁ ପ୍ରତିଭାଗୀଙ୍କୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଭାବରେ ଚୟନ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହୋଇଥିବା ପ୍ରତିଭାଗୀ ମାନେ ଆଗାମୀ ଦିନରେ ରାଜ୍ୟସ୍ତରରେ ଭାଗ ନେବା ପାଇଁ କାର୍ଯ୍ୟକ୍ରମ ରହିଛି। ଲେଖପାଳ ଦ୍ୱିତୀୟା ବନଛୋର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଫଳ ରୂପାୟନ ପାଇଁ ମୁକେଶ ପାଣ୍ଡେ, ଭାରତୀ ଭୋଇ, ପୁରୁଷୋତ୍ତମ ଶବର, କବିତା ଶବର, ଭଞ୍ଜ କିଶୋର ନାଏକ ପ୍ରମୁଖ ଯୋଗ କରିଥିଲେ ।

# ବିଜୁ ଯୁବ ଛାତ୍ର ଦଳ ପକ୍ଷରୁ ସମାବେଶ

କୋକସରା,୧୭।୨(ଦୁଷ୍ମନ୍ତ କୁମାର ପାଟଯୋଷୀ)

**ମୁଁ ବି ହେବି ନବୀନ ଓଡ଼ିଶାର ସାରଥି**

ଆଗକୁ ବିଧାନସଭା ଓ ଲୋକସଭା ନିର୍ବାଚନ ଆସୁଛି। ରାଜ୍ୟ ବିଜେଡି ପକ୍ଷରୁ ଯୁବ କର୍ମକର୍ତ୍ତାଙ୍କୁ କ୍ରିୟାଶୀଳ କରିବା ପାଇଁ ଦଳୀୟ ନେତୃବୃନ୍ଦଙ୍କ ନେତୃତ୍ୱରେ ସମାବେଶ ଆୟୋଜନ କରାଯାଉଛି। ଶନିବାର କଳାହାଣ୍ଡି ବିଜୁ ଜନତା ଦଳ ପକ୍ଷରୁ ମୁଁ ବି ହେବି ନବୀନ ଓଡିଶାର ସାରଥୀ ଏକ ଯୁବ ଛାତ୍ର ସମାବେଶ କୋକସରା ବ୍ଲକ କାଉଡୋଳା ଧାନ ମଣ୍ଡି ଠାରେ ଅନୁଷ୍ଠିତ ହୋଇଥିଲା। କୋକସରା ଜଗନ୍ନାଥ ମନ୍ଦିର ନିକଟରୁ ଶତାଧିକ ଯୁବ କର୍ମକର୍ତ୍ତା ଏକ ରାଲିରେ ବାହାରି ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ନାରାବାଜି କରି ଅନୁଷ୍ଠିତ ସଭାସ୍ଥଳ ସମାବେଶରେ ପହଞ୍ଚିଥିଲେ। ମୁଁ ବି ହେବି ନବୀନ ଓଡିଶାର ସାରଥୀ କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ସୁଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ନବୀନ ଓଡ଼ିଶାର ଜିଲା ସଂଯୋଜକ ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସରଞ୍ଜନ ବାଗ, ବ୍ଲକ ଯୁବ ସଭାପତି ତଥା ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଛାତ୍ର ଯୁବ ସଭାପତି ମାନସ ବେହେରା, ଯୁବ ଆଦିବାସୀ ନେତା ରତୁରାଜ ମାଝୀ, ବ୍ଲକ ଯାଦବ ସମାଜ ସଭାପତି ବିନୋଦ ବିହାରୀ ରାଉତ ପ୍ରମୁଖ ଉପସ୍ଥିତ ରହି ୨୨ ପଞ୍ଚାୟତରୁ ଯୋଗଦେଇଥିବା ଯୁବ, ଛାତ୍ର କର୍ମକର୍ତ୍ତାଙ୍କୁ ରାଜ୍ୟ ସରକାର ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ଲକ ସମ୍ପାଦକ ପଙ୍କଜ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।



ବିଜୁ ଛାତ୍ର ଯୁବ ସମାବେଶ।

# ୪ ସରକାରୀ ଡାକ୍ତରଖାନା ଆମ ହସ୍ପିଟାଲରେ ରୂପାନ୍ତରିତ

ଭବାନୀପାଟଣା,୧୭।୨ (ଉତ୍ତମ କୁମାର ଦାଶ)



ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଅତିଥି, ଅଧିକାରୀ।

**କଳାହାଣ୍ଡି ଜିଲା**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଅପରାହ୍ନରେ ଆଭାସି ମାଧ୍ୟମରେ 'ଆମ ହସ୍ପିଟାଲ' ଯୋଜନାର ଲୋକାର୍ପିତ କରିଛନ୍ତି। ଏହି ଯୋଜନାରେ କଳାହାଣ୍ଡି ଜିଲାକୁ ସାମିଲ କରି ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। 'ଆମ ହସ୍ପିଟାଲ ଯୋଜନା'ରେ କଳାହାଣ୍ଡି ଜିଲାର ୪ ଟି ସରକାରୀ ହସ୍ପିଟାଲ ରୂପାନ୍ତରିତ ହୋଇଛି। ତାହାହେଲା ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା, ଧର୍ମଗଡ ସରକାରୀ ଉପଖଣ୍ଡ ଚିକିତ୍ସାଳୟ, ଧର୍ମଗଡ଼, ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ଚାରିଟି ରୂପାନ୍ତରଣ ଡାକ୍ତରଖାନାମାନଙ୍କରେ ପଞ୍ଜୀକରଣ କେନ୍ଦ୍ର, ଔଷଧ ବିତରଣ କେନ୍ଦ୍ର, ସହାୟତା କେନ୍ଦ୍ର, ରୋଗୀଙ୍କ ଅପେକ୍ଷା ଗୃହ, ଶୌଚାଳୟ, ପାର୍କିଂ ବ୍ୟବସ୍ଥା, ପିଇବା ପାଣି, ମିଶନ ଶକ୍ତି କଫେ, ଏଲଇଡି ବ୍ୟବସ୍ଥା, କର୍ମଚାରୀମାନଙ୍କ ଉପସ୍ଥାପନ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା, ଆଇଭିଆର୍ ପଦ୍ଧତିରେ ରୋଗୀଙ୍କ ମତାମତ ସଂଗ୍ରହ ସହ ଧର୍ମଗଡ଼ ଏମସିଏଚ କୋଠାର ସମ୍ପୂର୍ଣ୍ଣ ଓ ଅନ୍ୟ ବିଭାଗର ମରାମତି ଓ ନୂତନ କୋଠାର ନିର୍ମାଣ ସହ ରୁପାନ୍ତିକରଣ କରାଯାଇଛି। ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ଲୋକାର୍ପଣ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୂଚେତା ପାଣି, ପୌରାଧ୍ୟକ୍ଷ ସଂଯୁକ୍ତା ବେହେରା, ଏଡିପିଏଚଓ ଡାକ୍ତର ରଞ୍ଜନ କୁମାର ମିତ୍ର, ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଡିଆଇପିଆରଓ ମନୋଜ ବେହେରା ସମେତ, ସହରର ବିଶିଷ୍ଟ ବ୍ୟକ୍ତି, ଜନପ୍ରତିନିଧି, ଏସ୍ଏଚଜି, ମିଶନ ଶକ୍ତି ମହିଳା, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର ନିଜ ବକ୍ତବ୍ୟରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ, ମେଡିକାଲ କଲେଜ, କ୍ୟାନ୍ସର ହସପିଟାଲ ଉଲ୍ଲେଖ କରି ଜିଲାବାସୀ ଉନ୍ନତମାନର ସ୍ୱାସ୍ଥ୍ୟସେବାର ସୁଯୋଗ ପାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ସଂକ୍ଷେପରେ

### ଦଳିତ ଛାତ୍ରଙ୍କୁ ଜାତିଆଣ ଆକ୍ଷେପ: ଥାନାରେ ଅଭିଯୋଗ

କନ୍ଧମାଳ,୧୭।୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଜଣେ ଦଳିତ ଛାତ୍ରଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ଗତ ସରସ୍ୱତୀ ପୂଜା ଅବସରରେ ଭୋଜି ଚାଲୁଥିବା ବେଳେ ଜଣେ ଦଶମ ଶ୍ରେଣୀର ଦଳିତ ଛାତ୍ର ଡାଲି ଓ ଖଟା ବାଲଟି ଛୁଇଁ ଦେଇଥିଲେ। ଫଳରେ ଉକ୍ତ ଖାଦ୍ୟ ସାମଗ୍ରୀ ଫିଙ୍ଗି ଦିଆଯିବା ନେଇ ବିଦ୍ୟାଳୟରେ ଉତ୍ତେଜନା ଦେଖା ଦେଇଥିଲା । ପରଦିନ ସମ୍ପୃକ୍ତ ଛାତ୍ରଙ୍କ ବାପା ବିଦ୍ୟାଳୟକୁ ଆସି ଅଭିଯୋଗ କରିଥିଲେ । ବିଦ୍ୟାଳୟ ଭଳି ଭେଦଭାବ ଶୂନ୍ୟ ଅଞ୍ଚଳରେ ଦଳିତ ଛାତ୍ରଙ୍କ ପ୍ରତି ଏଭଳି ଆଚରଣ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଘଟଣାକୁ ନେଇ ଶନିବାର ଛାତ୍ରଙ୍କ ବାପା ସମାଜର କେତେଜଣ ସଦସ୍ୟଙ୍କ ସହ ଯାଇ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାରେ ସଂପୃକ୍ତ ଶିକ୍ଷୟିତ୍ରୀ ଓ ଅନ୍ୟ ଦୁଇଜଣ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

### ଡୁଙ୍ଗୁରିପାଲି ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

ଡୁଙ୍ଗୁରିପାଲି,୧୭।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଭାଜପା ପକ୍ଷରୁ ବ୍ଲକରେ ଦୀର୍ଘ ବର୍ଷ ଧରି ଅବସ୍ଥାପିତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ନେଇ ରାଜ୍ୟପାଳ, ଓଡିଶା ନିର୍ବାଚନ କମିଶନ ଓ ସୁବର୍ଣ୍ଣପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ବ୍ଲକରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଥିବା କେତେଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଛନ୍ତି । ଫଳରେ ଉନ୍ନୟନ କାମରେ ଦୁର୍ନୀତି ହେବା ସହ ହିତାଧିକାରୀମାନଙ୍କୁ ହଇରାଣ ହେବାକୁ ପଡୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବ୍ଲକର ଏବିଡ଼ିଓ, ବିପିସି, ଏଇ, ସିଡିପିଓ, ଏକାଉଣ୍ଟ ଅଧିକାରୀ , ବିଭିନ୍ନ ପଞ୍ଚାୟତର ଜେଇ, ପିଇଓ ଓ ବ୍ଲକର ଅନ୍ୟାନ୍ୟ କର୍ମଚାରୀଙ୍କୁ ବଦଳି ପାଇଁ ଦାବି କରାଯାଇଛି । ବିଡିଓ ରୋହିତ ଭୋଇଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଡୁଙ୍ଗୁରିପାଲି ଭାଜପାର ହେମନ୍ତ ବିଶ୍ୱାଳ, ପ୍ରବୀଣ କୁମାର ସାହୁ, ବାସୁଦେବ ନାଏକ,ସୁରେଶ ପଧାନ, ଦେବରାଜ ବେହେରା,ଅମିତାଭ ବଚନ ଗୁରୁ, ଅକ୍ଷୟ କୁମାର ପଧାନ, ନେହେରୁ ପଧାନ, ଧିରେନ କୁମାର ପଧାନ, ଅଣାକାର ବିଶେଶ୍ୱର,ଉତ୍ତର ପଧାନ, ରାକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ୨ ଭାଇଙ୍କୁ ଭେଟିଲା ପ୍ରଶାସନ

ସୋନପୁର,୧୭।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କେନ୍ଝିରିଆପାଲି ଗ୍ରାମର ଅସହାୟ ଦୁଇଭାଇ ହେମନ୍ତ ଖେତି(୧୩) ଓ ସୁମନ୍ତ ଖେତି(୧୧)ଙ୍କୁ ସହାୟତା ପାଇଁ ପ୍ରଶାସନ ସହାୟତାରା ହାତ ବଢାଇଛି ।

ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ପ୍ରଶାସନର ଏକ ଟିମ୍ ଏହି ଦୁଇ ଭାଇ ଏବେ ଆଶ୍ରୟ ନେଇଥିବା ତାଙ୍କ ପିଉସୀ ଘର ଉଲୁଣ୍ଡା ବ୍ଲକର କଳାପଥର ଗାଁକୁ ଯାଇଥିଲା। ପିଉସୀ ରୁକ୍ମଣୀ ମହାକୁଡଙ୍କ ଘରକୁ ଯାଇ ଦୁଇଭାଇଙ୍କ ସମସ୍ୟା ସମ୍ପର୍କରେ ସେମାନେ ଅବଗତ ହୋଇଥିଲେ। ଏହି ଟିମ୍‌ରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଶିଶୁ ସୁରକ୍ଷା ଅଧିକାରୀ(ଅନୁଷ୍ଠାନ) ବିଜୟ କୁମାର ବିଶ୍ୱାଳ ଓ ପରାମର୍ଶଦାତା ପ୍ରଶାନ୍ତ ମହକୁଡ ସାମିଲ ଥିଲେ। ପିଉସୀ ଓ ସମ୍ପର୍କୀୟଙ୍କ ସହିତ ସେମାନେ ଦୁଇ ଭାଇଙ୍କ ଭବିଷ୍ୟତ ଓ ପାଠପଢା ନେଇ ଆଲୋଚନା କରିଥିଲେ। ରହିବା ପାଇଁ ଘର ଓ ପରିବାରର ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ଦୁଇ ଭାଇଙ୍କୁ କିଛି ମାସ ଅନୁଷ୍ଠାନରେ ରଖି ପାଠ ପଢାଇବାର ବ୍ୟବସ୍ଥା କରାଇବାକୁ ରୁକ୍ମଣୀ ଅନୁରୋଧ କରିଥିଲେ। ପରେ ଦୁଇଭାଇଙ୍କୁ ଶିଶୁ ମଙ୍ଗଳ ସମିତିର ସଭ୍ୟ ଶାନ୍ତନୁ କର୍ଣ୍ଣଙ୍କ ସହ ସାକ୍ଷାତ କରାଯାଇଥିଲା। ସମିତିର ନିର୍ଦ୍ଦେଶ ଅନୁଯାୟୀ ସୋମବାର ଠାରୁ ଅସହାୟ ଦୁଇ ଭାଇ ସୁବର୍ଣ୍ଣପୁର ଉତ୍କଳ ବାଳାଶ୍ରମରେ ରହି ପାଠପଢିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କହିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେନ୍ଝିରିଆପାଲି ଗ୍ରାମରେ ହେମନ୍ତ ଓ ସୁମନ୍ତଙ୍କ ଘର। ସେମାନଙ୍କ ମା’ ସନ୍ତୋଷିନୀ ୩ ବର୍ଷ ପୂର୍ବରୁ ଦୁଇ ଭାଇଙ୍କୁ ଛାଡି କେଉଁ ଆଡେ ଚାଲି ଯାଇଛନ୍ତି। ବାପା ଶମ୍ଭୁ ଖେତିଙ୍କ ୨ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଛି। ଜେଜେମା ଦୁଇ ଭାଇଙ୍କ ଆଶ୍ରା ଥିଲେ। ନିକଟରେ ଜେଜେମା ସେମାନଙ୍କୁ ଛାଡି ଆରପାରିକୁ ଚାଲିଗଲେ। ଘର କି ଜମିବାଡି କିଛି ନ ଥିଲା। ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମର ପିଉସୀ ରୁକ୍ମଣୀ ମହାକୁଡଙ୍କ ଘରେ ଗତ କିଛି ଦିନ ହେବ ଦୁଇ ଭାଇ ରହୁଛନ୍ତି। ସୋନପୁର ବ୍ଲକ ବିଶେଶ୍ୱରପାଲିସ୍ଥିତ ଭୀମଭୋଇ ଶିଶୁ ସଦନରେ ରହି ହେମନ୍ତ ଅଷ୍ଟମ ଶ୍ରେଣୀରେ ଓ ସୁମନ୍ତ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ଜେଜେମାଙ୍କ ଶୁଦ୍ଧିକ୍ରିୟା ପାଇଁ ସେମାନେ ଘରକୁ ଆସିଥିଲେ। ଏହାପର ଠାରୁ ପିଉସୀଙ୍କ ଘର କଳାପଥର ଗ୍ରାମରେ ରହୁଛନ୍ତି। ବିଧବା ପିଉସୀ ରୁକ୍ମଣୀ ଦୁଇ ଭାଇଙ୍କୁ କିଭଳି ଖାଇବାକୁ ଦେବେ ଓ ପାଠ ପଢାଇବେ ଚିନ୍ତାରେ ଥିଲେ। ଏ ସମ୍ପର୍କରେ ଗତ ୧୬ ତାରିଖରେ ଅସହାୟ ୨ ଭାଇଙ୍କୁ ଦଇବ ସାହା ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା।



ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଓ କର୍ମଚାରୀ କଳାପଥର ଗାଁକୁ ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି।

**ଧରିତ୍ରୀ ପ୍ରଭାବ**

**ଉତ୍କଳ ବାଳାଶ୍ରମରେ ରହି ପାଠ ପଢ଼ିବେ**

# ପ୍ରଲୋଭନ, ଆକର୍ଷଣରୁ ଦୂରେଇ ରହିବା ଜରୁରୀ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକବୃନ୍ଦ।

ସୋନପୁର,୧୭।୨(ମୃତ୍ୟୁଞ୍ଜୟ ଶତପଥୀ)

■ସାଇବର ଅପରାଧ ଓ ସୁରକ୍ଷା ଆଲୋଚନାଚକ୍ର
■ଇଙ୍କ୍‌ଫେଷ୍ଟ୍‌ର ଚତୁର୍ଥ ସନ୍ଧ୍ୟା

ସୁବର୍ଣ୍ଣପୁରର ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ୍‌ର ଚତୁର୍ଥ ସନ୍ଧ୍ୟାରେ ଶନିବାର ସାଇବର କ୍ରାଇମ୍ ଓ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ରୟାଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସ୍ମାର୍ଟଫୋନ, ଫେସବୁକ୍, ହ୍ୱାଟ୍ସଅପ୍ ଆଦିର ବ୍ୟାପକ ବ୍ୟବହାର ଅନିବାର୍ଯ୍ୟ ହୋଇଯାଇଛି। ଏସବୁର ଭଲ ଦିଗ ଯେତିକି ଅଛି ଖରାପ ଦିଗ ମଧ୍ୟ ସେତିକି ରହିଛି। ତେବେ ସତର୍କତାର ସହିତ ଏସବୁର ବ୍ୟବହାର ସାଙ୍ଗକୁ ମୋବାଇଲ୍‌ରେ ଆସୁଥିବା ବିଭିନ୍ନ ଆପ୍ ମେସେଜ୍ ଓ କଲର ପ୍ରଲୋଭନ ଓ ଆକର୍ଷଣ ଠାରୁ ନିଜକୁ ଦୂରେଇ ରଖିବା ନିହାତି ଆବଶ୍ୟକ ବୋଲି ଆଲୋଚକ ମାନେ ମତପୋଷଣ କରିଛନ୍ତି। ଗୋବିନ୍ଦ ମହାରଣାଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ କହିଥିଲେ,ସାଇବର ଅପରାଧର ପରିସର ବ୍ୟାପକ। ସାରା ବିଶ୍ୱ ଏବେ ସାଇବର ଅପରାଧ ଜାଲରେ ବିଚଳିତ। ଏଥିପାଇଁ ଜନସଚେତନା ଜରୁରି। କୌଣସି ସମୟରେ ବି ଅପରିଚିତ ଲୋକଙ୍କୁ ନିଜର ଗୋପନୀୟ ତଥ୍ୟ କିମ୍ବା ପାସୱାର୍ଡ କାହାକୁ ଦିଅନ୍ତୁ ନାହିଁ ବୋଲି କହିଥିଲେ। ସୋନପୁର କଲେଜ କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପକ କ୍ୟାପଟେନ୍ ଆଶିଷ ଅଗ୍ରୱାଲ ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ କି କି ପ୍ରକାର ସାଇବର ଅପରାଧ ସାଧାରଣତଃ ସଂଗଠିତ ହୋଇଥାଏ ଓ ସେଥିରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀଧର ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଭାପତି ସ୍ୱାଧୀନ ମେହେର, ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ, ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ପାଣ୍ଡିଆ, ପ୍ରଭୁଦତ୍ତ ରଥ, ବେଣୁଧର ପ୍ରଧାନ, ରଘୁମଣି ଦେହୁରୀ, ଶିବ ନାରାୟଣ ମହାକୁଡ, ଡ. ଇତିଶ୍ରୀ ଦାସ, ଦେବଦାସ ମହାପାତ୍ର, ଗଦାଧର ବାରିକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି, କବି, ସାହିତ୍ୟିକ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ମାନସିକ ଏକାଗ୍ରତା ଶୈକ୍ଷିକ ସ୍ତର ବୃଦ୍ଧି କରେ



କୁମାରକେଲି ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀମାନଙ୍କ ନୃତ୍ୟ ପରିବେଷଣ ।

ଅମରପାଲି,୧୭।୨(ପୀତାମ୍ବର ସାହୁ)

**କୁମାରକେଲି ୟୁପି ସ୍କୁଲରେ ବାର୍ଷିକ ଉତ୍ସବ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମହଦା ପଞ୍ଚାୟତର କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ବିଦ୍ୟାଳୟର ଉନ୍ନତି ନିମନ୍ତେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଉଲୁଣ୍ଡା ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ପିଲାଙ୍କ ଶୈକ୍ଷିକ ସ୍ତର ବୃଦ୍ଧିର ବିଭିନ୍ନ କୌଶଳ ଉପରେ ଅନେକ ଉପାଦେୟ ତଥ୍ୟ ଦେବା ସହିତ ମାନସିକ ଏକାଗ୍ରତା ଶୈକ୍ଷିକ ସ୍ତର ବୃଦ୍ଧି କରେ ବୋଲି ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ମହଦା ସରପଞ୍ଚ ଆନନ୍ଦିନୀ ଶତପଥୀ, ସ୍ୱେଚ୍ଛାସେବୀ କୁର୍ତ୍ତିବାସ ମିଶ୍ର ଓ ପ୍ରଦୀପ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନରୁଚି ଭୋଇ ଯୋଗଦାନ କରିଥିଲେ। ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ ଓ ଅଧ୍ୟାପିକା ଦେବଯାନୀ ମେଶୁଆଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ ପଧାନ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷକ ହୃଷିକେଶ ଚାନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୁମାରକେଲି ଗାଁର ସ୍ୱେଚ୍ଛାସେବୀ ସରୋଜ ସେଠୀ, ଫିରୋଜ ବେହେରା ଓ ଅଙ୍କିତା ପଧାନ ପିଲାଙ୍କୁ ଶିକ୍ଷାଦାନ କରୁଥିବାରୁ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦିବ୍ୟାଂଶୁ ପଧାନଙ୍କୁ ଶ୍ରେଷ୍ଠ ଛାତ୍ର,ସିକିତା ପଧାନ ଶ୍ରେଷ୍ଠ ସ୍ୱେଚ୍ଛାସେବୀ , ସୁନିତା ସାହୁ ସର୍ବୋତ୍ତମ ଶୃଙ୍ଖଳିତ ଛାତ୍ରୀ, ତ୍ରିଲୋଚନ ପେରାଙ୍କୁ ମେଧାବୀ ଛାତ୍ର, ପ୍ରିନସି ପଧାନଙ୍କୁ ଶ୍ରେଷ୍ଠ ସମୟାନୁବର୍ତ୍ତୀ ଛାତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହିତ ସ୍କୁଲର ବାର୍ଷିକ କ୍ରୀଡାରେ ବାଳକ ଚାମ୍ପିୟନ ଚିକୁ ବେହେରା ଓ ବାଳିକା ଚାମ୍ପିୟନ ଅଞ୍ଜଳି ବେହେରାଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣରେ ଶିକ୍ଷକ ନରେନ୍ଦ୍ର ନାଗ,ଶିବରାମ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଭରତ ହରିପାଲ ଓ ବାମଦେବ ମେହେର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାଚୀର ପତ୍ରିକା ’ମହକ’କୁ ଉନ୍ମୋଚନ କରାଯାଇଥିଲା । ଅନୁଷ୍ଠାନର ଛାତ୍ରୀଙ୍କ ଦ୍ୱାରା ସଚେତନ ଧର୍ମୀ ନାଟକ ’ନିଶା ’ ମଞ୍ଚସ୍ଥ ହୋଇଥିଲା । ପରିଚାଳନା କମିଟି ସଦସ୍ୟ ବିନୋଦ, ପ୍ରମୋଦ , ପଙ୍କଜ, ଛବିଳ, ତରଣୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ୮୦ ଲିଟର ମଦ ଜବତ: ୪ ଜଣଙ୍କୁ କୋର୍ଟଚାଲାଣ

ଡୁଙ୍ଗୁରିପାଲି,୧୭।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଜିଲା ଅବକାରୀ ମୋବାଇଲ ଟିମ୍ ଓ ବିନିକା ଟିମ୍ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮୦ ଲିଟର ମଦ ଜବତ କରିଥିବା ଜଣାଯାଇଛି । ପ୍ରକାଶ ଯେ, ଏହି ଟିମ୍ ଡୁଙ୍ଗୁରିପାଲି ବ୍ଲକର ବେହେରାମାଲ ପଞ୍ଚାୟତ ଲଙ୍ଗଳକଟା ଗ୍ରାମରେ ଚଢ଼ାଉ କରି ବୃନ୍ଦାବନ ସେଠଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ସେହିପରି ସହଲା ପଞ୍ଚାୟତ ଗାଁର ଉମ୍ଭରୁ ମହାଲିଙ୍ଗଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇ ଏହି ଘଟଣାରେ ତାଙ୍କୁ ଗିରଫ କରିଥିଲେ । ଚେରୁପାଲି ଗାଁର ରାଜା ସେଠଙ୍କ ଠାରୁ ୨୨ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ସହଲା ଗାଁର ଅର୍ଜୁନ ମହାଲିଙ୍ଗଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସୋନପୁର ଜେଲ ହାଜତକୁ ପଠାଯାଇଥିବା ସୋନପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରକାଶ କୁମାର ସା ସୂଚନା ଦେଇଛନ୍ତି । ଏହି ଚଢ଼ାଉ ବେଳେ ଇନ୍ସପେକ୍ଟର ସାଙ୍କ ସମେତ ଏଏସଆଇ ପିଣ୍ଟୁ ସାହୁ, ଏଏସଆଇ ଦୋଳମଣି ପଧାନ, ଏଏସଆଇ ରିତାଞ୍ଜଳୀ ମିଶ୍ର, କନଷ୍ଟେବଲ ଗୋପାଳ ଝାଙ୍କର, ରିଙ୍କି ସେଠ, ସୀତାରାମ ପଧାନ ସାମିଲ ଥିଲେ ।

# ବୌଦ୍ଧ ବ୍ଲକ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ପରେ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

ବାଉଁଶୁଣୀ,୧୭।୨(ଦେବାଶିଷ ନେପାକ)

ଶନିବାର ଦିନ ମୁର୍ଚ୍ଛୁଣି ୧ ସ୍ଥିତ ବ୍ଲକ କାର୍ଯ୍ୟାଳୟ ଠାରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ପରେ ଶନିବାର ଦିନ ତାଙ୍କୁ ମୁର୍ଚ୍ଛୁଣି ୧ ସ୍ଥିତ ବ୍ଲକ କାର୍ଯ୍ୟାଳୟଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବରିଷ୍ଠ ବିଜେଡି ନେତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ସୁବୋଧ କୁମାର୍ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଭାତ ଚନ୍ଦ୍ର ପ୍ରଧାନ, ପୟୋଧର ମହାକୁଡ ଓ ଅନ୍ୟ ଦଳୀୟ ନେତୃବୃନ୍ଦ ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଉଫୁଲାକୁ ହରାଇ ମୁର୍ଚ୍ଛୁଣି ଚାମ୍ପିୟନ

ଅମରପାଲି,୧୭।୨(ପୀତାମ୍ବର ସାହୁ)

**୧୫ତମ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ ଗ୍ରାମରେ ହେଉଥିବା ୧୫ତମ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ରେ ଉଫୁଲାକୁ ହରାଇ ମୁର୍ଚ୍ଛୁଣି ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ୧୨-୧୨ ଓଭର ବିଶିଷ୍ଟ ହୋଇଥିବା ବେଳେ ଦ୍ୱିତୀୟ ଫର୍ମାଟ ୮-୮ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମ ଫର୍ମାଟରେ ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ମୁର୍ଚ୍ଛୁଣି ଦଳ ୧୦ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ୧୧୧ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଉଫୁଲା ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୫୬ ରନ କରିଥିଲା। ଜବାବରେ ମୁର୍ଚ୍ଛୁଣି ଦଳ ୪.୧ ଓଭରରେ ଆବଶ୍ୟକ ୫୭ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ମୁର୍ଚ୍ଛୁଣି ଚାମ୍ପିୟନ ହୋଇଥିଲା। ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଏବଂ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, କ୍ରୀଡାବିତ ପଙ୍କଜ ଧଳ, ରବୀନ୍ଦ୍ର ମାଝୀ, ବିପିନ ସାହୁ, ସୁରେନ୍ଦ୍ର ସାହୁ ଓ ଲୋଚନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଚଣ୍ଡାର ନିତ୍ୟାନନ୍ଦ ପ୍ରଧାନଙ୍କୁ ଶ୍ରେଷ୍ଠ କ୍ୟାଚ, ଉଫୁଲାର ଅନିଲ ଭୋଇଙ୍କୁ ଶ୍ରେଷ୍ଠ ବୋଲର, ମୁର୍ଚ୍ଛୁଣିର ସାଗର ନାଏକଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ ଦି ସିରିଜ ଏବଂ ଶେଖର ସିଂଙ୍କୁ ଶ୍ରେଷ୍ଠ ସିକ୍ସର ଓ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ମୁର୍ଚ୍ଛୁଣି ଦଳକୁ ନଗଦ ୧୨ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଉଫୁଲା ଦଳକୁ ୮ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ଅନନ୍ତ ମାଝୀ ଓ ଟିକୁନ ସାହୁ ଅମ୍ପାୟାର,ସରୋଜ ସାହୁ ସ୍କୋରର ଏବଂ ବିଦ୍ୟାଧର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ମୁର୍ଚ୍ଛୁଣି ଦଳ।

# ରାମଧୁନ କ୍ଲବ ସୁବର୍ଣ୍ଣପୁର ଫାଇନାଲରେ

ସୋନପୁର,୧୭।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀପଡିଆରେ ଚାଲିଥିବା ୧୫ତମ ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଟୁର୍ନାମେଣ୍ଟ ଆୟୋଜକ ସୁବର୍ଣ୍ଣପୁର ରାମଧୁନ କ୍ଲବ ୧-୦ ଗୋଲରେ ସୁନାବେଡା ପିୱାଇସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫଳରେ ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ ସୁବର୍ଣ୍ଣପୁରର ରାମଧୁନ କ୍ଲବ ଓ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହେବ। ରାମଧୁନ କ୍ଲବର ବଣ୍ଟି ମୁଣ୍ଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ରେଫେରି ସଞ୍ଜିବ୍ ସାହୁ ପରିଚାଳନା କରିଥିଲା ବେଳେ ଦିଲୀପ ରାଉତ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ରୀୟ ଥନାପତି ଓ ସଲିଳ ବେହେରା ସହଯୋଗ କରିଥିଲେ। ଭୁକୁଲୁ ବକ୍ସି ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ମଧୁସୂଦନ ପୂଜାହାରୀ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ବଲାଙ୍ଗୀର ଜିଲା କ୍ରୀଡା ଅଧିକାରୀ ପରାସର ବାଗ, ପ୍ରାକ୍ତନ ସନ୍ତୋଷ ଟ୍ରଫି ଖେଳାଳି ଅଭିମନ୍ୟୁ ପାଣ୍ଡେ, ଗୁଣନିଧି ମେହେର, ବିକାଶ ମିଶ୍ର, ବଳରାମ ପଣ୍ଡା ଓ ସୁଷମା ଦଳେଇ ପ୍ରମୁଖ ଯୋଗଦାନ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ସଞ୍ଜୟ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୁନ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ୍ ଟୁର୍ନାମେଣ୍ଟ**

■ଜଗା ୟୁନାଇଟେଡ୍ ଓ ରାମଧୁନ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଜଣେ ମୃତ

**ଲହୁଣୀପଡା, ୧୭।୨(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣିପଡ଼ା ଥାନା ବରସୁଆଁ ପୂର୍ତ୍ତ ବିଭାଗ ରାସ୍ତାର ଦଲମକୁଚା ନିକଟରେ ଶନିବାର ଅପରାହ୍ନ ୩ଟାରେ ଟ୍ରକ ଓ କାର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ଼ ରାଇପୁର ଅଞ୍ଚଳର ମନୋହର ଲାଲ ବାସୁ(୪୫)। ଏଥିସହ କାର ଚାଳକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ମୃତଦେହକୁ ବଣାଇଁ ମର୍ଗ ହାଉସରେ ରଖିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଲୁହାପଥର ବୋଝେଇ ଟ୍ରକଟି ଲହୁଣୀପଡା ପଡେ ଆସୁଥିବା ବେଳେ କଲେଇପୋଷ ପଟୁ ବରସୁଆଁ ପଟେ ଯାଉଥିବା କାର୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଟ୍ରକ ଚାଳକଙ୍କ କ୍ୟାବିନ ଭିତରେ ଚାପିହୋଇ ମୃତ୍ୟୁ ଘଟିଥିଲା।

### ଦଳିତ ଛାତ୍ରଙ୍କୁ ଜାତିଆଣ ଆକ୍ଷେପ: ଥାନାରେ ଅଭିଯୋଗ

**କଣ୍ଟାମାଳ, ୧୭।୨(ଆଦିତେଶ୍ୱର ମିଶ୍ର):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଜଣେ ଦଳିତ ଛାତ୍ରଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ଗତ ସରସ୍ୱତୀ ପୂଜା ଅବସରରେ ଭୋଜି ଚାଲୁଥିବା ବେଳେ ଜଣେ ଦଶମ ଶ୍ରେଣୀର ଦଳିତ ଛାତ୍ର ଡାଲି ଓ ଖଟା ବାଲଟି ଛୁଇଁ ଦେଇଥିଲେ। ଫଳରେ ଉକ୍ତ ଖାଦ୍ୟ ସାମଗ୍ରୀ ଫିଙ୍ଗି ଦିଆଯିବା ନେଇ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା । ପରଦିନ ସମ୍ପୃକ୍ତ ଛାତ୍ରଙ୍କ ବାପା ବିଦ୍ୟାଳୟକୁ ଆସି ଅଭିଯୋଗ କରିଥିଲେ । ବିଦ୍ୟାଳୟ ଭଳି ଭେଦଭାବ ଶୂନ୍ୟ ଅଞ୍ଚଳରେ ଦଳିତ ଛାତ୍ରଙ୍କ ପ୍ରତି ଏଭଳି ଆଚରଣ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଘଟଣାକୁ ନେଇ ଶନିବାର ଛାତ୍ରଙ୍କ ବାପା ସମାଜର କେତେଜଣ ସଦସ୍ୟଙ୍କ ସହ ଯାଇ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାରେ ସଂପୃକ୍ତ ଶିକ୍ଷୟିତ୍ରୀ ଓ ଅନ୍ୟ ଦୁଇଜଣ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

### ବୌଦ୍ଧ ବ୍ଲକ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବାଉଁଶୁଣୀ, ୧୭।୨(ଦେବାଶିଷ ନେପାକ)** ଶନିବାର ଦିନ ମୁର୍ଶୁଣି୧ ସ୍ଥିତ ବ୍ଲକ କାର୍ଯ୍ୟାଳୟ ଠାରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ପରେ ଶନିବାର ଦିନ ତାଙ୍କୁ ମୁର୍ଶୁଣି ୧ ସ୍ଥିତ ବ୍ଲକ କାର୍ଯ୍ୟାଳୟଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବରିଷ୍ଠ ବିଜେଡି ନେତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ସୁବୋଧ କୁମାର୍ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଭାତ ଚନ୍ଦ୍ର ପ୍ରଧାନ, ପୟୋଧର ମହାକୁଡ ଓ ଅନ୍ୟ ଦଳୀୟ ନେତୃବୃନ୍ଦ ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।




ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ନିଖିଳ ଓଡିଶା କେନ୍ଦୁପତ୍ର ଶ୍ରମିକ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# କନିକା ରେଞ୍ଜ ଅଫିସ ଘେରିଲେ କେନ୍ଦୁପତ୍ର ତୋଳାଳି

**ହେମଗିର, ୧୭।୨(ଚୈତନ୍ୟ ପଟେଲ)**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ସଂଘ ତରଫରୁ ବିଭିନ୍ନ ଦାବି ନେଇ ଶନିବାର କନିକା ବଜାର ଦାଣ୍ଡଠାରୁ ଏକ ଶୋଭାଯାତ୍ରା ବାହାରି କନିକା ସ୍ଥିତ କେନ୍ଦୁପତ୍ର ରେଞ୍ଜ ଅଫିସ ଘେରାଉ କରାଯାଇଥିଲା। ଏହି ଅବସରରେ ସଂଘର ଶ୍ରମିକ ନେତା ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଶତାଧିକ ତୋଳାଳୀ ରେଞ୍ଜ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଶ୍ରମିକ ନେତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସରକାର କିଛି ବର୍ଷ ପୂର୍ବରୁ ପ୍ରଥମେ ତୋଳାଳୀଙ୍କ ସୁବିଧା କାଟିଲେ ଓ ବର୍ତ୍ତମାନ ଯେଉଁ ଘୋଷଣା କଲେ ତାହା ପୂର୍ବ ପ୍ରଚଳିତ ସୁବିଧାରୁ ବହୁତ କମ୍ ବୋଲି କହିଥିଲେ। ପୂର୍ବରୁ ପ୍ରଚଳିତ ୧୦୦ ପ୍ରତିଶତ ବୋନସ ଓ ଶିକ୍ଷା ସହାୟତା କାହିଁକି ବନ୍ଦ କରାଗଲା ବୋଲି ପ୍ରଶ୍ନ କରିଥିଲେ। ଦାବି ମଧ୍ୟରେ କେନ୍ଦୁପତ୍ର ବ୍ୟବସାୟ ପାଇଁ ରାଜ୍ୟ ବଜେଟରେ ଅର୍ଥର ବ୍ୟବସ୍ଥା, ତୋଳାଳିଙ୍କୁ ଶିଳ୍ପ ଶ୍ରମିକ ମାନ୍ୟତା, ୧୦୦ ପ୍ରତିଶତ ବୋନସ ଓ ଗ୍ରାଚ୍ୟୁଟି ବ୍ୟବସ୍ଥା, ବିଡି ଶ୍ରମିକଙ୍କ ପରି କଲ୍ୟାଣ ମୂଳକ ଯୋଜନାକୁ ଓଇଏସଆଇ ଚିକିତ୍ସାଳୟ ପ୍ରଦାନ, ୬୦ ବର୍ଷ ପରେ ୫୦୦୦ ଟଙ୍କା ପେନସନ, ପ୍ରତିବର୍ଷରେ ଥରେ ଚପଲ ପାଣି ବୋତଲ ଓ ତ୍ରିପାଲ ପ୍ରଦାନ, ୨ଟିଝିଅକୁ ୧ ଲକ୍ଷ ଟଙ୍କା ଲେଖାଏଁ ବିବାହ ସହାୟତା, ପୂର୍ବପରି ପଞ୍ଚମ ଶ୍ରେଣୀରୁ ଶିକ୍ଷା ସହାୟତା ପ୍ରଦାନ, ତୋଳାଳୀଙ୍କୁ ୨ ଟି ସନ୍ତାନ ନିମନ୍ତେ ୫୦,୦୦୦ ଟଙ୍କା ହିସାବରେ ପ୍ରସୂତି କାଳୀନ ଭତ୍ତା ପ୍ରଦାନ, କେନ୍ଦୁପତ୍ର ବ୍ୟବସାୟକୁ ସଂପୂର୍ଣ୍ଣ ଜିଏସଟି ମୁକ୍ତ କରିବା, ବିସ୍ଥାପିତ କେନ୍ଦୁପତ୍ର ତୋଳାଳୀ ପରିବାରଙ୍କୁ ଜୀବନ ଜୀବିକା ସୁରକ୍ଷା ପାଇଁ ଏକକାଳୀନ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀଙ୍କୁ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ତରଫରୁ ମଧ୍ୟ ସ୍ୱତନ୍ତ୍ର ଶିକ୍ଷା ବୃତ୍ତି ପ୍ରଦାନ ଆଦି ରହିଛି। ଅନ୍ୟମାନଙ୍କ ମଧ୍ୟରେ ମମତା ସା , ବିମଳା ଭୋଇ , ତରୁଲତା ଭୋଇ, ପୁଷ୍ପା ସା, ସୁଶିଳା ଗର୍ଡିଆ, ରାଧେଶ୍ୟାମ ଗର୍ଡିଆ, ସୁକଦେବ ପଧାନ, ବଂଶିଧର କଉଡି, ନରେଶ ମେହେର, ରିଷିଚନ୍ଦ୍ର ବାରିକ, ନରେନ୍ଦ୍ର ତାଜନ, ରଞ୍ଜିତ ଭୋଇ ଓ ପ୍ରଦୀପ ମହାନନ୍ଦିଆ ପ୍ରମୁଖ ରହିଥିଲେ।

# ପଞ୍ଚାୟତ ସ୍ତରୀୟ ବିଜେଡି କର୍ମୀ ବୈଠକ

**ବଡ଼ଗାଁ, ୧୭।୨(ଅଶୋକ ଷଡ଼ଙ୍ଗୀ)**

**ଦଳରେ ଯୋଗଦେଲେ ୪**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶନିବାର ୧୫ ପଞ୍ଚାୟତର ବିଜେଡି କର୍ମୀ ଓ କର୍ମକର୍ତ୍ତାଙ୍କୁ ନେଇ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ଡ. ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ମୁକେଶ ପୁରୋହିତ, ଜିଲା ସମ୍ପାଦକ ଅଜୟ ପାଣିଗ୍ରାହୀ, ଧରଣୀଧର ସା, ଅମିୟ ମୁଦୁଲି, ବଡ଼ଗାଁ ବ୍ଲକ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ମିଶନ ଶକ୍ତିର ବ୍ଲକ ସଭାନେତ୍ରୀ ଯାଜ୍ଞସେନୀ ସାରପଟିଆ, ସମିତି ମେମ୍ବର ସାରିକା କେର୍‌କେଟା, ବିଜେଡି କର୍ମକର୍ତ୍ତା ଗୋବିନ୍ଦ ମହାନନ୍ଦିଆ, ଉମାଶଙ୍କର ରାଉତ, ବୀରେନ୍ଦ୍ର ରାଉତରାୟ, ଭଗବାନ ଲାକ୍ରା, ଭୋଳାନାଥ ଦାସ, ଦେବେନ୍ଦ୍ର ସାହୁ, ସମିତି ମେମ୍ବର ପ୍ରଭା ସୋରେଙ୍ଗ, ପାର୍ବତୀ ଟପ୍ପୋ ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନ ଉପରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ବିନୟ ଟପ୍ପୋଙ୍କୁ ଦଳ ଟିକେଟ ଦେବ ବୋଲି ଅତିଥିମାନେ ଆଶା ପ୍ରକଟ କରିଥିଲେ। କର୍ମକର୍ତ୍ତାମାନେ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ କହିବା ସହ ବୁଥ୍ କମିଟି ଗଠନ ଓ ନୂତନ କର୍ମୀ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ବିନୟ ଟପ୍ପୋଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟଗୁଡିକୁ ବଖାଣି ସେ ବିଧାୟକ ହେଲେ ଆହୁରି ଅଧିକ କାମ ହେବ ବୋଲି କର୍ମକର୍ତ୍ତାମାନେ କହିଥିଲେ। ଏହି କର୍ମୀ ବୈଠକରେ କଣ୍ଟିଆମୁରା ଗ୍ରାମର କଳାକାର ପଙ୍କଜ ମାଝି, ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ବେହେରା, ଅବସରପ୍ରାପ୍ତ ପୋଷ୍ଟାଲ କର୍ମଚାରୀ ଚମାର ନାଏକ, ଗୋପାଳ ସାହୁ, ଗୌରାଙ୍ଗ ପୃଷ୍ଟେଠ ବିଜେଡିରେ ଯୋଗଦେଇଥିଲେ। ତାଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହି ବୈଠକକୁ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଆସିବେ ବୋଲି କୁହାଯାଇଥିଲା ମଧ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆସି ନ ଥିଲେ।

# କଂଗ୍ରେସ କଲା ଭାଜପା-ବିଜେଡି ବାହାଘର



**ବାଲିଶଙ୍କରା, ୧୭।୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ସୁଧାଂଶୁ ପଶାୟତଙ୍କ ନେତୃତ୍ୱରେ ବିଜେଡି ଓ ଭାଜପା ବାହାଘର ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ରୀତିନୀତି ଅନୁସାରେ ଶନିବାର କରାଯାଇଛି। ବିଜେଡି କନ୍ୟା ଓ ଭାଜପା ବର ହୋଇଥିଲା। ବ୍ଲକ ସମ୍ମୁଖରୁ ଆଦିବାସୀ ବାଜା, ନୃତ୍ୟର ତାଳେ ତାଳେ ରୋଶଣି ସହ ଗ୍ରାମ ପରିକ୍ରମାକରି ଦୁର୍ଗା ମଣ୍ଡପ ପରିସରରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଭାଜପା ବରର ପିତା ଦେବେନ୍ଦ୍ର ଭିତ୍ରିଆ ଓ ବିଜେଡି କନ୍ୟାର ପିତା ନଗେନ୍ଦ୍ର ସିଂ ହୋଇଥିଲେ। ଏହି ବାହାଘର କାର୍ଯ୍ୟକ୍ରମରେ କଂଗ୍ରେସ ନେତା କୁଟିଆ ତିର୍କୀ, ବଳରାମ ନାଏକ, ସୁନ୍ଦରମଣୀ ପଟେଲ, ମଳୟ ପ୍ରଧାନ, ବ୍ରହ୍ମାନନ୍ଦ ମାଝି, ଏମ୍‌ଡି ହସିନ, ଉଦିତ ପ୍ରତାପ ଦେଓ, ଏମ୍‌ଡି ଓଦାନୀ, ପୀଟର କୁଲୁ, ନେତ୍ର ଭୋଇ, ଭବାନୀ ଭୋଇ, ଜିତେନ୍ଦ୍ର ସାହୁ, ବିଷ୍ଣୁ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଅସହାୟ ୨ ଭାଇଙ୍କୁ ଭେଟିଲା ପ୍ରଶାସନ

**ଉତ୍କଳ ବାଳାଶ୍ରମରେ ରହି ପାଠ ପଢ଼ିବେ**

**ସୋନପୁର, ୧୭।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କେନ୍ଦ୍ରିଆପାଲି ଗ୍ରାମର ଅସହାୟ ଦୁଇଭାଇ ହେମନ୍ତ ଖେତି(୧୩) ଓ ସୁମନ୍ତ ଖେତି(୧୧)ଙ୍କୁ ସହାୟତା ପାଇଁ ପ୍ରଶାସନ ସହାୟତାରା ହାତ ବଢାଇଛି ।

ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ପ୍ରଶାସନର ଏକ ଟିମ୍ ଏହି ଦୁଇ ଭାଇ ଏବେ ଆଶ୍ରୟ ନେଇଥିବା ତାଙ୍କ ପିଉସୀ ଘର ଉଲୁଣ୍ଡା ବ୍ଲକର କଳାପଥର ଗାଁକୁ ଯାଇଥିଲା। ପିଉସୀ ରୁକ୍ମଣୀ ମହାକୁଡଙ୍କ ଘରକୁ ଯାଇ ଦୁଇଭାଇଙ୍କ ସମସ୍ୟା ସମ୍ପର୍କରେ ସେମାନେ ଅବଗତ ହୋଇଥିଲେ। ଏହି ଟିମ୍‌ରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଶିଶୁ ସୁରକ୍ଷା ଅଧିକାରୀ(ଅନୁଷ୍ଠାନ) ବିଜୟ କୁମାର ବିଶ୍ୱାଳ ଓ ପରାମର୍ଶଦାତା ପ୍ରଶାନ୍ତ ମହକୁଡ ସାମିଲ ଥିଲେ। ପିଉସୀ ଓ ସମ୍ପର୍କୀୟଙ୍କ ସହିତ ସେମାନେ ଦୁଇ ଭାଇଙ୍କ ଭବିଷ୍ୟତ ଓ ପାଠପଢା ନେଇ ଆଲୋଚନା କରିଥିଲେ। ରହିବା ପାଇଁ ଘର ଓ ପରିବାରର ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ଦୁଇ ଭାଇଙ୍କୁ କିଛି ମାସ ଅନୁଷ୍ଠାନରେ ରଖି ପାଠ ପଢାଇବାର ବ୍ୟବସ୍ଥା କରାଇବାକୁ ରୁକ୍ମଣୀ ଅନୁରୋଧ କରିଥିଲେ। ପରେ ଦୁଇଭାଇଙ୍କୁ ଶିଶୁ ମଙ୍ଗଳ ସମିତିର ସଭ୍ୟ ଶାନ୍ତନୁ କର୍ଣ୍ଣଙ୍କ ସହ ସାକ୍ଷାତ କରାଯାଇଥିଲା। ସମିତିର ନିର୍ଦ୍ଦେଶ ଅନୁଯାୟୀ ସୋମବାର ଠାରୁ ଅସହାୟ ଦୁଇ ଭାଇ ସୁବର୍ଣ୍ଣପୁର ଉତ୍କଳ ବାଳାଶ୍ରମରେ ରହି ପାଠପଢିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କହିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେନ୍ଦ୍ରିଆପାଲି ଗ୍ରାମରେ ହେମନ୍ତ ଓ ସୁମନ୍ତଙ୍କ ଘର। ସେମାନଙ୍କ ମା' ସନ୍ତୋଷିନୀ ୩ ବର୍ଷ ପୂର୍ବରୁ ଦୁଇ ଭାଇଙ୍କୁ ଛାଡି କେଉଁ ଆଡେ ଚାଲି ଯାଇଛନ୍ତି। ବାପା ଶମ୍ଭୁ ଖେତିଙ୍କ ୨ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଛି। ଜେଜେମା ଦୁଇ ଭାଇଙ୍କ ଆଶ୍ରା ଥିଲେ। ନିକଟରେ ଜେଜେମା ସେମାନଙ୍କୁ ଛାଡି ଆରପାରିକୁ ଚାଲିଗଲେ। ଘର କି ଜମିବାଡି କିଛି ନ ଥିଲା। ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମର ପିଉସୀ ରୁକ୍ମଣୀ ମହାକୁଡଙ୍କ ଘରେ ଗତ କିଛି ଦିନ ହେବ ଦୁଇ ଭାଇ ରହୁଛନ୍ତି। ସୋନପୁର ବ୍ଲକ ବିଶେଶ୍ୱରପାଲିସ୍ଥିତ ଭୀମଭୋଇ ଶିଶୁ ସଦନରେ ରହି ହେମନ୍ତ ଅଷ୍ଟମ ଶ୍ରେଣୀରେ ଓ ସୁମନ୍ତ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ଜେଜେମାଙ୍କ ଶୁଦ୍ଧିକ୍ରିୟା ପାଇଁ ସେମାନେ ଘରକୁ ଆସିଥିଲେ। ଏହାପର ଠାରୁ ପିଉସୀଙ୍କ ଘର କଳାପଥର ଗ୍ରାମରେ ରହୁଛନ୍ତି। ବିଧବା ପିଉସୀ ରୁକ୍ମଣୀ ଦୁଇ ଭାଇଙ୍କୁ କିଭଳି ଖାଇବାକୁ ଦେବେ ଓ ପାଠ ପଢାଇବେ ଚିନ୍ତାରେ ଥିଲେ। ଏ ସମ୍ପର୍କରେ ଗତ ୧୬ ତାରିଖରେ ଅସହାୟ ୨ ଭାଇଙ୍କୁ ଦଇବ ସାହା ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା।

**ଧରିତ୍ରୀ ପ୍ରଭାବ**



ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଓ କର୍ମଚାରୀ କଳାପଥର ଗାଁକୁ ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି।

# ଡୁଙ୍ଗୁରିପାଲି ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

**ଡୁଙ୍ଗୁରିପାଲି, ୧୭।୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଭାଜପା ପକ୍ଷରୁ ବ୍ଲକରେ ଦୀର୍ଘ ବର୍ଷ ଧରି ଅବସ୍ଥାପିତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ନେଇ ରାଜ୍ୟପାଳ, ଓଡିଶା ନିର୍ବାଚନ କମିଶନ ଓ ସୁବର୍ଣ୍ଣପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ବ୍ଲକରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଥିବା କେତେଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଛନ୍ତି । ଫଳରେ ଉନ୍ନୟନ କାମରେ ଦୁର୍ନୀତି ହେବା ସହ ହିତାଧିକାରୀମାନଙ୍କୁ ହଇରାଣ ହେବାକୁ ପଡୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବ୍ଲକର ଏବିଡ଼ିଓ, ବିପିସି, ଏଇ, ସିଡିପିଓ, ଏକାଉଣ୍ଟ ଅଧିକାରୀ , ବିଭିନ୍ନ ପଞ୍ଚାୟତର ଜେଇ, ପିଇଓ ଓ ବ୍ଲକର ଅନ୍ୟାନ୍ୟ କର୍ମଚାରୀଙ୍କୁ ବଦଳି ପାଇଁ ଦାବି କରାଯାଇଛି। ବିଡିଓ ରୋହିତ ଭୋଇଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଡୁଙ୍ଗୁରିପାଲି ଭାଜପାର ହେମନ୍ତ ବିଶ୍ୱାଳ, ପ୍ରବୀଣ କୁମାର ସାହୁ, ବାସୁଦେବ ନାଏକ, ସୁରେଶ ପଧାନ, ଦେବରାଜ ବେହେରା, ଅମିତାଭ ବଚନ ଗୁରୁ, ଅକ୍ଷୟ କୁମାର ପଧାନ, ନେହେରୁ ପଧାନ, ଧିରେନ କୁମାର ପଧାନ, ଅଣାକାର ବିଶେଶ୍ୱର, ଉତ୍ତର ପଧାନ, ରାକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ ଜବତ: ୪ ଜଣଙ୍କୁ କୋର୍ଟଚାଲାଣ

**ଡୁଙ୍ଗୁରିପାଲି, ୧୭।୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଜିଲା ଅବକାରୀ ମୋବାଇଲ ଟିମ୍ ଓ ବିନିକା ଟିମ୍ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮୦ ଲିଟର ମଦ ଜବତ କରିଥିବା ଜଣାଯାଇଛି । ପ୍ରକାଶ ଯେ, ଏହି ଟିମ୍ ଡୁଙ୍ଗୁରିପାଲି ବ୍ଲକର ବେହେରାମାଲ ପଞ୍ଚାୟତ ଲଙ୍ଗଲକଟା ଗ୍ରାମରେ ଚଢ଼ାଉ କରି ବୃନ୍ଦାବନ ସେଠଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ସେହିପରି ସହଲା ପଞ୍ଚାୟତ ଗାଁର ଡମ୍ବରୁ ମହାଲିଙ୍ଗଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇ ଏହି ଘଟଣାରେ ତାଙ୍କୁ ଗିରଫ କରିଥିଲେ । ଚେରୁପାଲି ଗାଁର ରାଜା ସେଠଙ୍କ ଠାରୁ ୨୨ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ସହଲା ଗାଁର ଅର୍ଜୁନ ମହାଲିଙ୍ଗଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସୋନପୁର ଜେଲ ହାଜତକୁ ପଠାଯାଇଥିବା ସୋନପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରକାଶ କୁମାର ସା ସୂଚନା ଦେଇଛନ୍ତି । ଏହି ଚଢ଼ାଉ ବେଳେ ଇନ୍ସପେକ୍ଟର ସାଙ୍କ ସମେତ ଏଏସଆଇ ପିଣ୍ଟୁ ସାହୁ, ଏଏସଆଇ ଦୋଳମଣି ପଧାନ ସାମିଲ ଥିଲେ ।

# ପ୍ରଲୋଭନ, ଆକର୍ଷଣରୁ ଦୂରେଇ ରହିବା ଜରୁରୀ

**ସୋନପୁର, ୧୭।୨(ମୃତ୍ୟୁଞ୍ଜୟ ଶତପଥୀ)**

- ସାଇବର ଅପରାଧ ଓ ସୁରକ୍ଷା ଆଲୋଚନାଚକ୍ର
- ଇଙ୍କ୍‌ଫେଷ୍ଟ୍‌ର ଚତୁର୍ଥ ସନ୍ଧ୍ୟା

ସୁବର୍ଣ୍ଣପୁରର ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ୍‌ର ଚତୁର୍ଥ ସନ୍ଧ୍ୟାରେ ଶନିବାର ସାଇବର କ୍ରାଇମ୍ ଓ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ରୟାଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସ୍ମାର୍ଟଫୋନ, ଫେସବୁକ୍, ହ୍ୱାଟ୍ସଅପ୍ ଆଦିର ବ୍ୟାପକ ବ୍ୟବହାର ଅନିବାର୍ଯ୍ୟ ହୋଇଯାଇଛି। ଏସବୁର ଭଲ ଦିଗ ଯେତିକି ଅଛି ଖରାପ ଦିଗ ମଧ୍ୟ ସେତିକି ରହିଛି। ତେବେ ସତର୍କତାର ସହିତ ଏସବୁର ବ୍ୟବହାର ସାଙ୍ଗକୁ ମୋବାଇଲ୍‌ରେ ଆସୁଥିବା ବିଭିନ୍ନ ଆପ୍ ମେସେଜ୍ ଓ କଲର ପ୍ରଲୋଭନ ଓ ଆକର୍ଷଣ ଠାରୁ ନିଜକୁ ଦୂରେଇ ରଖିବା ନିହାତି ଆବଶ୍ୟକ ବୋଲି ଆଲୋଚକ ମାନେ ମତପୋଷଣ କରିଛନ୍ତି। ଗୋବିନ୍ଦ ମହାରଣାଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ କହିଥିଲେ, ସାଇବର ଅପରାଧର ପରିସର ବ୍ୟାପକ। ସାରା ବିଶ୍ୱ ଏବେ ସାଇବର ଅପରାଧ ଜାଲରେ ବିଚଳିତ। ଏଥିପାଇଁ ଜନସଚେତନା ଜରୁରି। କୌଣସି ସମୟରେ ବି ଅପରିଚିତ ଲୋକଙ୍କୁ ନିଜର ଗୋପନୀୟ ତଥ୍ୟ କିମ୍ବା ପାସୱାର୍ଡ କାହାକୁ ଦିଅନ୍ତୁ ନାହିଁ ବୋଲି କହିଥିଲେ। ସୋନପୁର କଲେଜ କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପକ କ୍ୟାପଟେନ୍ ଆଶିଷ ଅଗ୍ରୱାଲ ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ କି କି ପ୍ରକାର ସାଇବର ଅପରାଧ ସାଧାରଣତଃ ସଂଗଠିତ ହୋଇଥାଏ ଓ ସେଥିରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀଧର ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକ ବୃନ୍ଦ।

# ସୁନ୍ଦରଗଡ଼ରେ ଆମ ହସ୍ପିଟାଲ ଲୋକାର୍ପିତ

**ସୁନ୍ଦରଗଡ଼, ରାଜଗାଙ୍ଗପୁର ୧୭।୨ ( ଜୟ ନାରାୟଣ ମେଣ୍ଡୁଲି/ ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲାର ୭ଟି ଆମ ହସ୍ପିଟାଲ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଏହି ହସ୍ପିଟାଲ ଗୁଡ଼ିକର ଲୋକାର୍ପଣ କରିଛନ୍ତି। ଏହି ହସ୍ପିଟାଲ ଗୁଡ଼ିକ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟ, ଆର୍‌ଜିଏଚ, ବଣାଇ ଉପଖଣ୍ଡ ହସ୍ପିଟାଲ, ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ବଡ଼ଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବଡ଼ଗାଁ, ବିଶ୍ରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ବାଲୀଜୁଡି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ବଡ଼ଗାଁ ମିନି ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ଏହି ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଦ୍ୱାରା ସମସ୍ତେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ବିଶ୍ରା ବ୍ଲକ ଯୋଡାବନ୍ଧସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିତାଧିକାରୀ ବୁଦ୍ଧ ଏକ୍କା ମୁଖ୍ୟମନ୍ତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ଏହି ଉପଲକ୍ଷେ ଏକ୍କା କହିଥିଲେ, ଆମ ହସ୍ପିଟାଲ କାର୍ଯ୍ୟକ୍ରମରେ ହସ୍ପିଟାଲ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଏଠାରେ ରୋଗୀଙ୍କ ପାଇଁ ସବୁ ପ୍ରକାର ସୁବିଧା ଉପଲବ୍ଧ ହେଉଛି, ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଅଧିକ ଡାକ୍ତର ନିୟୋଜିତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ, ଆମ ହସ୍ପିଟାଲରେ ସବୁ ବ୍ୟବସ୍ଥା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କରାଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ରୋଗୀଙ୍କୁ ସୁବିଧାରେ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇଦେବା।



ଲୋକାର୍ପିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

## ସଂକ୍ଷେପରେ

### ଦଳିତ ଛାତ୍ରଙ୍କୁ ଜାତିଆଣ ଆକ୍ଷେପ: ଥାନାରେ ଅଭିଯୋଗ

କନ୍ଧମାଳ,୧୭।୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଯୋଗିନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଜଣେ ଦଳିତ ଛାତ୍ରଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ଗତ ସରସ୍ୱତୀ ପୂଜା ଅବସରରେ ଭୋଜି ଚାଲୁଥିବା ବେଳେ ଜଣେ ଦଶମ ଶ୍ରେଣୀର ଦଳିତ ଛାତ୍ର ଡାଲି ଓ ଖଟା ବାଲଟି ଛୁଇଁ ଦେଇଥିଲେ। ଫଳରେ ଉକ୍ତ ଖାଦ୍ୟ ସାମଗ୍ରୀ ଫିଙ୍ଗି ଦିଆଯିବା ନେଇ ବିଦ୍ୟାଳୟରେ ଉତ୍ତେଜନା ଦେଖା ଦେଇଥିଲା। ପରଦିନ ସମ୍ପୃକ୍ତ ଛାତ୍ରଙ୍କ ବାପା ବିଦ୍ୟାଳୟକୁ ଆସି ଅଭିଯୋଗ କରିଥିଲେ । ବିଦ୍ୟାଳୟ ଭଳି ଭେଦଭାବ ଶୂନ୍ୟ ଅଞ୍ଚଳରେ ଦଳିତ ଛାତ୍ରଙ୍କ ପ୍ରତି ଏଭଳି ଆଚରଣ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଘଟଣାକୁ ନେଇ ଶନିବାର ଛାତ୍ରଙ୍କ ବାପା ସମାଜର କେତେଜଣ ସଦସ୍ୟଙ୍କ ସହ ଯାଇ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାରେ ସଂପୃକ୍ତ ଶିକ୍ଷୟିତ୍ରୀ ଓ ଅନ୍ୟ ଦୁଇଜଣ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

### ଡୁଙ୍ଗୁରିପାଲି ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

ଡୁଙ୍ଗୁରିପାଲି,୧୭।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଭାଜପା ପକ୍ଷରୁ ବ୍ଲକରେ ଦୀର୍ଘ ବର୍ଷ ଧରି ଅବସ୍ଥାପିତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ନେଇ ରାଜ୍ୟପାଳ, ଓଡିଶା ନିର୍ବାଚନ କମିଶନ ଓ ସୁବର୍ଣ୍ଣପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ବ୍ଲକରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଥିବା କେତେଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଛନ୍ତି । ଫଳରେ ଉନ୍ନୟନ କାମରେ ଦୁର୍ନୀତି ହେବା ସହ ହିତାଧିକାରୀମାନଙ୍କୁ ହଇରାଣ ହେବାକୁ ପଡୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବ୍ଲକର ଏବିଡ଼ିଓ, ବିପିସି, ଏଇ, ସିଡିପିଓ, ଏକାଉଣ୍ଟ ଅଧିକାରୀ , ବିଭିନ୍ନ ପଞ୍ଚାୟତର ଜେଇ, ପିଇଓ ଓ ବ୍ଲକର ଅନ୍ୟାନ୍ୟ କର୍ମଚାରୀଙ୍କୁ ବଦଳି ପାଇଁ ଦାବି କରାଯାଇଛି । ବିଡିଓ ରୋହିତ ଭୋଇଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଡୁଙ୍ଗୁରିପାଲି ଭାଜପାର ହେମନ୍ତ ବିଶ୍ୱାଳ, ପ୍ରବୀଣ କୁମାର ସାହୁ, ବାସୁଦେବ ନାଏକ,ସୁରେଶ ପଧାନ, ଦେବରାଜ ବେହେରା,ଅମିତାଭ ବଚନ ଗୁରୁ, ଅକ୍ଷୟ କୁମାର ପଧାନ, ନେହେରୁ ପଧାନ, ଧିରେନ କୁମାର ପଧାନ, ଅଣାକାର ବିଶେଶ୍ୱର,ଉଭର ପଧାନ, ରାକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ପାରିଷଦଙ୍କ ପୌରପରିଷଦ କାର୍ଯ୍ୟାଳୟ ଘେରାଉ

## ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଦେବଗଡ଼,୧୭।୨(ଶଶାଙ୍କ ଶେଖର ଝାଙ୍କର)


ପୌର ପରିଷଦ ନିର୍ବାହୀ ଅଧୀକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆବାସ ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା ରାଶି ୨୦୦ ଟଙ୍କାକୁ ବୃଦ୍ଧି କରିବା ସହ ହିତାଧିକାରୀଙ୍କୁ ଏହା ତୁରନ୍ତ ପ୍ରଦାନ କରାଯିବା, ଉଚିତ ସମୟରେ ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ପ୍ରଦାନ, ହୋଲ୍ଡିଂ ଟ୍ୟାକ୍ସ ବର୍ଦ୍ଧିତ ରାଶି ହ୍ରାସ କରିବା, ଦେବଗଡ ସହରର ଉନ୍ନତି ଓ ପ୍ରଗତି ତ୍ୱରାନ୍ୱିତ କରାଯିବା ସହ ପୌରପରିଷଦ ଅଧକ୍ଷାଙ୍କ ମନମାନି ଓ ଏକଚାଟିଆ ନୀତିକୁ ରୋକ ଲଗାଇବା ଦାବିରେ ପାରିଷଦମାନେ ଶନିବାର ପୌରପରିଷଦ କାର୍ଯ୍ୟାଳୟ ଘେରାଉ କରିଥିଲେ। ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ୬ ନମ୍ବର ୱାର୍ଡର ସ୍ୱାଧିନ କାଉନଶିଲର ଧର୍ମେନ୍ଦ୍ର କୁମାର ଦେବତାଙ୍କ ନେତୃତ୍ୱରେ ୭ ନମ୍ବର ୱାର୍ଡର ଭାଜପା କାଉନଶିଲର ପିଙ୍କି ସାହୁ, ୮ ନମ୍ବର ୱାର୍ଡର ଭାଜପା କାଉନସିଲର ମଧୁସୂଦନ ବାଘ, ୯ ନମ୍ବର ୱାର୍ଡର ଭାଜପା କାଉନସିଲର ସରୋଜିନୀ ମୁଣ୍ଡା, ୧୦ ନମ୍ବର ୱାର୍ଡର ଭାଜପା କାଉନସିଲର ଇତିଶ୍ରୀ ମିଶ୍ର ଓ ୧୧ ନମ୍ବର ୱାର୍ଡର ଭାଜପା କାଉନସିଲର କାର୍ତ୍ତିକ ମହାକୁଳଙ୍କ ସମେତ ବହୁ ମହିଳା ପୁରୁଷ ଏବଂ ଭାଜପା କର୍ମୀ ଯୋଗଦେଇ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରିବାସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଦାବି ପୁରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାସହ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦେଇଛନ୍ତି।

## ଜିଲା ମହିଳା ବିଜେଡିର ସାଙ୍ଗଠନିକ ବୈଠକ

ଦେବଗଡ଼,୧୭।୨(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ କରଲଗା ଓ ଟିଙ୍କବୀର ଗ୍ରାମରେ ଦେବଗଡ ଜିଲା ମହିଳା ବିଜେଡି ପକ୍ଷରୁ ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ଦ୍ୱୟରେ ମହିଳା ବିଜେଡି ପର୍ଯ୍ୟବେକ୍ଷିକା ମିନତୀ ଦେବତା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାକୁ ଘରେ ଘରେ ପହଞ୍ଚାଇ ଭୋଟରଙ୍କ ନିକଟତର ହେବାକୁ ଉପସ୍ଥିତ ମହିଳା ନେତ୍ରୀ ଓ କର୍ମୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପ୍ରତ୍ୟେକ ମହିଳା ବିଜେଡି କର୍ମୀ ଏକଜୁଟ ହୋଇ କାନ୍ଧରେ କାନ୍ଧ ମିଶାଇ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଉତ୍ସାହିତ କରିଥିଲେ। ଏହି ବୈଠକରେ ରିଆମାଳ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜ୍ୟୋତି ମଞ୍ଜରୀ ପ୍ରଧାନ,ପୌର ପରିଷଦର ପୂର୍ବତନ ଅଧକ୍ଷା ତଥା ରାଜ୍ୟ ମହିଳା ବିଜେଡି ସମ୍ପାଦିକା ଅନିତା ପାତ୍ର ଓ ରାଜ୍ୟ ମହିଳା ବିଜେଡି ସହ ସମ୍ପାଦିକା ଅର୍ଚ୍ଚନା ପ୍ରଧାନଙ୍କ ସମେତ ବହୁ ମହିଳା ବିଜେଡି ନେତ୍ରୀ କର୍ମୀ ଉପସ୍ଥିତ ଥିଲେ।

## ଜିଲା କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ


କଂଗ୍ରେସ ପକ୍ଷରୁ କୁଶ ପୁତ୍ତଳିକା ଦାହ କରାଯାଉଛି।

ଦେବଗଡ଼,୧୭।୨(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟରେ ବିଜେଡି ଭାଜପା ମଧ୍ୟରେ ଗୁପ୍ତ ତଥା ଅନୈତିକ ସମ୍ପର୍କ ରହିଛି। ବିଜେଡି ଭାଜପା ଭାଇ ଭାଇ ଓ ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ବୋଲି କଂଗ୍ରେସ ସବୁବେଳେ କହିଆସୁଛି। ଅନ୍ୟ ପକ୍ଷରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି ସରକାର ଭାଜପା ସରକାର ସହିତ ହାତ ମିଳାଇ ଯେଉଁଭଳି ଭାବେ ଓଡିଶା ଓ ଓଡିଆର ଅସ୍ମିତାକୁ ଧ୍ୱଂସ କରୁଛି ତାହା ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟ ସଭା ପ୍ରାର୍ଥୀତ୍ୱକୁ ବିଜେଡିର ସମର୍ଥନ ଦ୍ୱାରା ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ସଂଧ୍ୟାରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ସ୍ଥାନୀୟ ନିଳବେର୍ଣ୍ଣୀ ସାହି ବାଇପାସ ଛକରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ ଭିକେ ପାଣ୍ଡିଆନଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବାସହ ଉଭୟଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା କଂଗ୍ରେସ ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ, ଦୀପକ ବେହେରା ଓ ଶ୍ରୀତମ ସାହୁଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

## ଜିଲା କଂଗ୍ରେସ ପକ୍ଷରୁ ବିଜେଡି ଭାଜପା ବାହାଘର

ଦେବଗଡ଼,୧୭।୨(ଶଶାଙ୍କ ଶେଖର ଝାଙ୍କର)



ବାହାଘର ଅବସରରେ ଉପସ୍ଥିତ କର୍ମକର୍ତ୍ତା।

ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ବିଜେଡି ଭାଜପା ମଧ୍ୟରେ ବିବାହ କରାଯାଇଛି। ସଂଧ୍ୟାରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ୨ ଜଣ ଯୁବକଙ୍କୁ ବର ଓ କନ୍ୟା ବେଶରେ ସୁସଜ୍ଜିତ କରି ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଢୋଲ ମାଦଳ, ସିଂହ ବାଜା ଓ ନାଚ ଗୀତର ତାଳେ ତାଳେ ଏକ ଶୋଭାଯାତ୍ରାରେ ଗୋପବନ୍ଧୁ ଛକକୁ ଅଣାଯାଇଥିଲା। ସେଠାରେ ବ୍ରାହ୍ମଣଙ୍କ ଦ୍ୱାରା ହୋମ କରାଯାଇ ବିବାହ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ବିଜେଡି ମକୁଟ ପିନ୍ଧିଥିବା କନ୍ୟା ଓ ଭାଜପା ମୁକୁଟ ପିନ୍ଧିଥିବା ବର ଉଭୟେ ଉଭୟଙ୍କୁ ବରଣମାଳା ପିନ୍ଧାଇଥିଲେ। ଏହା ପରେ ଉଭୟେ କଂଗ୍ରେସ ନେତା ଓ ଉପସ୍ଥିତ ଜନସାଧାରଣଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଯାହାକି ସାଧାରଣରେ ବେଶ କୌତୂହଳ ସୃଷ୍ଟି କରିଥିଲା। ଉପସ୍ଥିତ ଲୋକଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା କଂଗ୍ରେସ ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ, ଦୀପକ ବେହେରା ଓ ଶ୍ରୀତମ ସାହୁଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ। ବିଜେଡି ଭାଜପା ମଧ୍ୟରେ ଗୁପ୍ତ ତଥା ଅନୈତିକ ସମ୍ପର୍କ ରହିଥିବାରୁ ଏକଥାକୁ ଲୋକ ଲୋଚନକୁ ଆଣିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସର୍ବ ସାଧାରଣଙ୍କ ସମ୍ମୁଖରେ ସାଙ୍କେତିକ ଭାବେ ବିଜେଡି ଭାଜପା ବିବାହ କରାଯାଇଥିବା ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

## ୮୦ ଲିଟର ମଦ ଜବତ: ୪ କୋର୍ଟଚାଲାଣ

ଡୁଙ୍ଗୁରିପାଲି,୧୭।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଜିଲା ଅବକାରୀ ମୋବାଇଲ ଟିମ୍ ଓ ବିନିକା ଟିମ୍ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮୦ ଲିଟର ମଦ ଜବତ କରିଥିବା ଜଣାଯାଇଛି । ପ୍ରକାଶ ଯେ, ଏହି ଟିମ୍ ଡୁଙ୍ଗୁରିପାଲି ବ୍ଲକର ବେହେରାମାଲ ପଞ୍ଚାୟତ ଲଙ୍ଗଳକଟା ଗ୍ରାମରେ ଚଢ଼ାଉ କରି ବୃନ୍ଦାବନ ସେଠଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ସେହିପରି ସହଲା ପଞ୍ଚାୟତ ଗାଁର ଡମ୍ବରୁ ମହାଲିଙ୍ଗଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇ ଏହି ଘଟଣାରେ ତାଙ୍କୁ ଗିରଫ କରିଥିଲେ । ଚେରୁପାଲି ଗାଁର ରାଜା ସେଠଙ୍କ ଠାରୁ ୨୨ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ସହଲା ଗାଁର ଅର୍ଜୁନ ମହାଲିଙ୍ଗଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସୋନପୁର ଜେଲ ହାଜତକୁ ପଠାଯାଇଥିବା ସୋନପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରକାଶ କୁମାର ସା ସୂଚନା ଦେଇଛନ୍ତି । ଏହି ଚଢ଼ାଉ ବେଳେ ଇନ୍ସପେକ୍ଟର ସାଙ୍କ ସମେତ ଏଏସଆଇ ପିଣ୍ଟୁ ସାହୁ, ଏଏସଆଇ ଦୋଳମଣି ପଧାନ, ଏଏସଆଇ ରିତାଞ୍ଜଳୀ ମିଶ୍ର, କନଷ୍ଟେବଲ ଗୋପାଳ ଝାଙ୍କର, ରିଙ୍କି ସେଠ, ସୀତାରାମ ପଧାନ ସାମିଲ ଥିଲେ ।

## ତିମୁର ଗ୍ରାମରେ ଅଖଣ୍ଡ ନାମଯଜ୍ଞ

ରିଆମାଳ,୧୭।୨(ନିରଞ୍ଜନ ବେହେରା)

ରିଆମାଳ ବ୍ଲକ ତିମୁର ଗ୍ରାମରେ ଅଖଣ୍ଡ ନାମଯଜ୍ଞ ଅନିରୁଦ୍ଧ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ମହାଦେବ ଦେହୁରୀ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ୭ଜଣ ଅଲେଖ ମହିମା ଧର୍ମର ସାଧୁ ସନ୍ଥ ହୋମ ଯଜ୍ଞ କରିଥିଲେ। ସମ୍ପାଦକ ଭିକାରୀ ନାୟକ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ଅତିଥିଭାବେ ଦେବଗଡ ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ରିଆମାଳ ବ୍ଲକ ଚେୟାରମ୍ୟାନ ମଧୁସୂଦନ ପ୍ରଧାନ, ତରଣିସେନ ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ତିମୁର ଗ୍ରାମର ଚିଲାଂଟୁ ପ୍ରଧାନ, ଚକ୍ରଧର ପ୍ରଧାନ, ମହାଦେବ କୁମୁରା, କିଶୋର ସାହୁ, ବସନ୍ତ ସ୍ୱାଇଁ, ପର୍ମୀ ମାଝି, ଗଙ୍ଗା ଦେହୁରୀ, ଅଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜସ୍ତରୀୟ ବୈଠକ

ଦେବଗଡ଼,୧୭।୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କଣ୍ଢେଇ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟରେ କେନ୍ଦୁପତ୍ର କର୍ମଚାରୀ ସଂଘ, ଦେବଗଡ କେନ୍ଦୁପତ୍ର ଡିଭିଜନ ପକ୍ଷରୁ ଏକ ରେଞ୍ଜ ସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉକ୍ତ ରେଞ୍ଜର ପ୍ରାୟ ସମସ୍ତ ସିଜିନାଲ କର୍ମଚାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେମାନେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ପାଇଁ ବୋନସ ଓ ଦରମା ପ୍ରଦାନ ଓ କେନ୍ଦୁପତ୍ରର ଦରବୃଦ୍ଧି ପାଇଁ କେନ୍ଦୁପତ୍ର କର୍ମଚାରୀ ସଂଘ ଦେବଗଡ ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ପ୍ରସାଦ ନାୟକ,ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, ଉପ ସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା ଓ କେନ୍ଦୁପତ୍ର କଲ୍ୟାଣ ବୋର୍ଡର ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ସମେତ ସମସ୍ତ ପଦାଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,୫-ଟି ଓ ନବୀନ ଓଡିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ କୃତଜ୍ଞତା ଅର୍ପଣ କରିଥିଲେ। ଏହି ବୈଠକରେ ରେଞ୍ଜ ସମ୍ପାଦକ ଭାବେ ଧନେଶ୍ୱର ଦାଙ୍ଗେଲ, ସହ ସମ୍ପାଦକ କମଳ ପ୍ରଧାନ ଓ କୋଷାଧକ୍ଷ ଭାବେ ହରିହର ସାହୁଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଉପଦେଷ୍ଟାଭାବେ ହେଡ ଚେକର କୌଶିକ ସାହୁ, କୁମୁଦ ବନ୍ଧୁ ସାହୁ, ବିରେନ୍ଦ୍ର କୁମାର ଦେବ, ମଧୁ ସୂଦନ ଦଳ, ଗୋବିନ୍ଦ ଗଡନାୟକ, ପଣ୍ଡାରୀମୋହନ ପ୍ରଧାନ,ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଅରୁଣ ପ୍ରଧାନ ଓ ଡଲି ସାହୁଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା।

## ବୌଦ୍ଧ ବ୍ଲକ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଉଁଶୁଣୀ,୧୭।୨(ଦେବାଶିଷ ନେପାକ)

ଶନିବାର ଦିନ ମୁର୍ଶୁଣ୍ଡି ୧ ସ୍ଥିତ ବ୍ଲକ କାର୍ଯ୍ୟାଳୟ ଠାରେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ପରେ ଶନିବାର ଦିନ ତାଙ୍କୁ ମୁର୍ଶୁଣ୍ଡି ୧ ସ୍ଥିତ ବ୍ଲକ କାର୍ଯ୍ୟାଳୟଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବରିଷ୍ଠ ବିଜେଡି ନେତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ସୁବୋଧ କୁମାର୍ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଭାତ ଚନ୍ଦ୍ର ପ୍ରଧାନ, ପୟୋଧର ମହାକୁଡ ଓ ଅନ୍ୟ ଦଳୀୟ ନେତୃବୃନ୍ଦ ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଉଫୁଲାକୁ ହରାଇ ମୁର୍ଷୁଣ୍ଡି ଚାମ୍ପିୟନ

ଅମରପାଲି,୧୭।୨(ପୀତାମ୍ବର ସାହୁ)

### ୧୫ତମ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ ଗ୍ରାମରେ ହେଉଥିବା ୧୫ତମ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ରେ ଉଫୁଲାକୁ ହରାଇ ମୁର୍ଷୁଣ୍ଡି ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ୧୨-୧୨ ଓଭର ବିଶିଷ୍ଟ ହୋଇଥିବା ବେଳେ ଦ୍ୱିତୀୟ ଫର୍ମାଟ ୮-୮ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମ ଫର୍ମାଟରେ ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ମୁର୍ଷୁଣ୍ଡି ଦଳ ୧୦ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ୧୧୧ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଉଫୁଲା ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୫୬ ରନ କରିଥିଲା। ଜବାବରେ ମୁର୍ଷୁଣ୍ଡି ଦଳ ୪.୧ ଓଭରରେ ଆବଶ୍ୟକ ୫୭ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ମୁର୍ଷୁଣ୍ଡି ଚାମ୍ପିୟନ ହୋଇଥିଲା। ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଏବଂ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, କ୍ରୀଡାବିତ ପଙ୍କଜ ଧଳ, ରବୀନ୍ଦ୍ର ମାଝୀ, ବିପିନ ସାହୁ, ସୁରେନ୍ଦ୍ର ସାହୁ ଓ ଲୋଚନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଚଣ୍ଡାର ନିତ୍ୟାନନ୍ଦ ପ୍ରଧାନଙ୍କୁ ଶ୍ରେଷ୍ଠ କ୍ୟାଚ, ଉଫୁଲାର ଅନିଲ ଭୋଇଙ୍କୁ ଶ୍ରେଷ୍ଠ ବୋଲର, ମୁର୍ଷୁଣ୍ଡିର ସାଗର ନାଏକଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ ଦି ସିରିଜ ଏବଂ ଶେଖର ସିଂଙ୍କୁ ଶ୍ରେଷ୍ଠ ସିକ୍ସର ଓ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ମୁର୍ଷୁଣ୍ଡି ଦଳକୁ ନଗଦ ୧୨ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଉଫୁଲା ଦଳକୁ ୮ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ଅନନ୍ତ ମାଝୀ ଓ ଟିକୁନ ସାହୁ ଅମ୍ପାୟାର,ସରୋଜ ସାହୁ ସ୍କୋରର ଏବଂ ବିଦ୍ୟାଧର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ମୁର୍ଷୁଣ୍ଡି ଦଳ।

## ରାମଧୁନ କ୍ଲବ ସୁବର୍ଣ୍ଣପୁର ଫାଇନାଲରେ

ସୋନପୁର,୧୭।୨(ମୃତ୍ୟୁଞ୍ଜୟ ଶତପଥୀ)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

### ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ୍ ଟୁର୍ନାମେଣ୍ଟ

■ ଜଗା ୟୁନାଇଟେଡ୍ ଓ ରାମଧୁନ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍

ସୁବର୍ଣ୍ଣପୁର ଗାନ୍ଧୀପଡିଆରେ ଚାଲିଥିବା ୧୫ତମ ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଟୁର୍ନାମେଣ୍ଟ ଆୟୋଜକ ସୁବର୍ଣ୍ଣପୁର ରାମଧୂନ କ୍ଲବ ୧-୦ ଗୋଲରେ ସୁନାବେଡା ପିଓ୍ୱାଇସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫଳରେ ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ ସୁବର୍ଣ୍ଣପୁରର ରାମଧୁନ କ୍ଲବ ଓ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହେବ। ରାମଧୁନ କ୍ଲବର ବଣ୍ଟି ମୁଣ୍ଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ରେଫେରି ସଞ୍ଜିବ୍ ସାହୁ ପରିଚାଳନା କରିଥିଲା ବେଳେ ଦିଲୀପ ରାଉତ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ରୀୟ ଥନାପତି ଓ ସଲିଳ ବେହେରା ସହଯୋଗ କରିଥିଲେ। ଭୁକୁଲୁ ବକ୍ସି ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ମଧୁସୂଦନ ପୂଜାହାରୀ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ବଲାଙ୍ଗୀର ଜିଲା କ୍ରୀଡା ଅଧିକାରୀ ପରାସର ବାଗ, ପ୍ରାକ୍ତନ ସନ୍ତୋଷ ଟ୍ରଫି ଖେଳାଳି ଅଭିମନ୍ୟୁ ପାଣ୍ଡେ, ଗୁଣନିଧି ମେହେର, ବିକାଶ ମିଶ୍ର, ବଳରାମ ପଣ୍ଡା ଓ ସୁଷମା ଦଳେଇ ପ୍ରମୁଖ ଯୋଗଦାନ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ସଞ୍ଜୟ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୁନ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ।

# ନାଇଟ୍ ଡ୍ୟୁଟି

**ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନାଇଟ୍ ସିଫ୍ଟ ସିଷ୍ଟମ ରହିଛି। ଯୁବତୀ ହୁଅନ୍ତୁ ଅବା ଯୁବକ, ସିଫ୍ଟ ଅନୁଯାୟୀ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ରାତିଅନିଦ୍ରା ହେବା ତଥା ଲାଇଫ୍ ଷ୍ଟାଇଲ୍ ବଦଳିଯିବା ଦ୍ୱାରା ଅନେକଙ୍କଠାରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜୁଛି। ତେବେ ଏଭଳି ପରିସ୍ଥିତିରେ ସୁସ୍ଥ ରହିବା ଲାଗି କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଜରୁରୀ...**





**ହେଲ୍ଦି ଡାଏଟ୍:** ଏକ ସୁସ୍ଥ ଜୀବନ ପାଇଁ ଶରୀରର ଆବଶ୍ୟକତା ଓ ପରିଶ୍ରମ ଅନୁଯାୟୀ ଖାଦ୍ୟ ଖାଇବା ଆବଶ୍ୟକ। ଯଦି ଆପଣ ନାଇଟ୍ ସିଫ୍ଟରେ କାମ କରୁଛନ୍ତି, ତେବେ ସୁଷମ ଖାଦ୍ୟ



ଖାଆନ୍ତୁ। ତଟକା ପନିପରିବା, ଫଳ ଆଦି ଖାଆନ୍ତୁ। ରାତ୍ର ଭୋଜନରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। କାରଣ ଭାରି ଖାଦ୍ୟ ଖାଇଲେ ନିଦ ଆସିଥାଏ ଏବଂ କେବେକେବେ ଗ୍ୟାସ୍, ବଦହଜମି ଭଳି ସମସ୍ୟା ବି ଉପୁଜିପାରେ। କେବଳ ଏତିକି ନୁହେଁ, ଭାରି ଖାଦ୍ୟ ଖାଇ ଅଧିକ ସମୟ ବସି କାମ କରିବା ଦ୍ୱାରା ଶରୀରରେ ଚର୍ବି ଜମା ହୋଇ ମେଦବହୁଳତା ଦେଖାଦେବାର ଆଶଙ୍କା ଅଧିକ। ତେଣୁ ଲାଇଟ୍ ଡିନର କରନ୍ତୁ, ଯାହା ଶରୀରକୁ ଫୂର୍ତ୍ତି ରଖିବା ସହ ମେଦବହୁଳତା ସମସ୍ୟା ବି ଦେଖାଦେବ ନାହିଁ। ଏହା ବ୍ୟତୀତ ଯଦି ଆପଣଙ୍କୁ ରାତିରେ କାମ କରିବା ବେଳେ ଭୋକ ଲାଗୁଛି ତେବେ ତେଲ ମସଲା, ଛଣାଛଣି ବଦଳରେ ମଝିରେ ମଝିରେ କିଛି ହାଲୁକା ସ୍ନାକ୍ସ ଖାଆନ୍ତୁ। ନିଦ ଦୂର କରିବା ଲାଗି ଅଧିକ ଚା, କଫି ପିଇବା ବି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ।

**ନିଅନ୍ତୁ ପର୍ଯ୍ୟାପ୍ତ ନିଦ୍ରା:** ସାଧାରଣତଃ ଆମେ ଦିନରେ କାମ କରି ରାତିରେ ଶୋଇଥାଉ। ହେଲେ ନାଇଟ୍ ସିଫ୍ଟରେ କାମ କରୁଥିବା ଯୁବପିଢ଼ିଙ୍କୁ ରାତିରେ ନ ଶୋଇ କାମ କରିବାକୁ ପଡ଼ିଥାଏ। ଫଳରେ ସେମାନଙ୍କ ଜୀବନଶୈଳୀ ପରିବର୍ତ୍ତନ ହୋଇଯାଏ। ଏମିତିରେ କାମବେଳେ ନିଦ ଲାଗିବା କିମ୍ବା ରାତି ଅନିଦ୍ରାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ବୃଦ୍ଧି ପାଇଥାଏ। ହେଲେ ଏପରି ନ ହେବା ଲାଗି ଦିନରେ ଭଲ ଭାବେ ଶୋଇବା ପାଇଁ ଚେଷ୍ଟା କରନ୍ତୁ। ଦେଖିବେ, ରାତିରେ କାମ ବେଳେ ନିଦ ଆସିବ ନାହିଁ ଏବଂ କାମରେ ଧ୍ୟାନ କେନ୍ଦ୍ରିତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ବି ଦେଖା ଦେବ ନାହିଁ।

**ପାଣି ପିଅନ୍ତୁ:** ଆମେ ଦିନରେ ଅଧିକ ପାଣି ପିଉଥିବା ବେଳେ ରାତିରେ ଅପେକ୍ଷାକୃତ କମ୍ ପାଣି ପିଇଥାଉ। ଏହାର ମୁଖ୍ୟ କାରଣ ହେଉଛି ରାତିରେ ଶୋଇବା। ହେଲେ ନାଇଟ୍ ସିଫ୍ଟ କରୁଥିଲେ ରାତିରେ ଅଧିକ ସମୟ ଅନିଦ୍ରା ରହିବାକୁ ପଡୁଥିବାରୁ ଆଦୌ କମ୍ ପାଣି ପିଇବା ଠିକ୍ ନୁହେଁ। ନଚେତ୍ ଖାଦ୍ୟ ଭଲ ଭାବେ ହଜମ ହୋଇ ନ ପାରି ବଦହଜମି, ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଭଲ ଭାବେ ପାଣି ପିଅନ୍ତୁ।

**ମଝିରେ ମଝିରେ ନିଅନ୍ତୁ ବ୍ରେକ୍:** ରାତିରେ ଅଧିକ ସମୟ ବସି କାମ ବା ଡେସ୍କ ଜବ୍ କରୁଥିଲେ ମଝିରେ ମଝିରେ ବ୍ରେକ୍ ନିଅନ୍ତୁ। ନିଜ ସିଟ୍‌ରୁ ଉଠି କିଛି ସମୟ ଚାଲନ୍ତୁ, କିଛି ସ୍ନାକ୍ସ ଖାଆନ୍ତୁ, ପାଣି ପିଅନ୍ତୁ। ଏହାଦ୍ୱାରା ଉଭୟ ଶରୀର ଏବଂ ଆଖିକୁ ରେଷ୍ଟ ମିଳିବ। ଡେସ୍କ ଜବ୍ କରୁଥିଲେ କିଛି ଦିନ ପରେ ଅନେକଙ୍କଠାରେ ପିଠି ଯନ୍ତ୍ରଣା ଦେଖାଦିଏ। ଏପରି ହେଉଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ।

**ଲାଇଟ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ:** ବର୍ତ୍ତମାନ ଅଧିକାଂଶ କାମ କମ୍ପ୍ୟୁଟରରେ କରାଯାଉଛି। ଦିନରେ ଜବ୍ କରୁଥିଲେ ସୂର୍ଯ୍ୟାଲୋକ ଥିବାରୁ ଅଫିସ ଭିତରେ ଅଳ୍ପ ଲାଇଟ୍ ବ୍ୟବସ୍ଥା ଥିଲେ ବି ଏହା ବ୍ୟାକ୍‌ଗ୍ରାଉଣ୍ଡ ଲାଇଟ୍ ପାଇଁ ବେଶ୍ କାମରେ ଆସିଥାଏ। ହେଲେ ରାତିରେ ଚାରିଆଡ଼ ଅନ୍ଧାର ହୋଇଥିବାରୁ ଲାଇଟ୍ ବ୍ୟବସ୍ଥା ଠିକ୍ ରହିବା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। କାରଣ କମ୍ ଲାଇଟ୍‌ରେ କାମ କଲେ ଚାପ ପଡ଼ିବା ଯୋଗୁ ଚକ୍ଷୁ ସମସ୍ୟା ଉପୁଜିବାର ଆଶଙ୍କା ରହିଛି।

**ଯୋଗ, ବ୍ୟାୟାମ ବେଶ୍ ଜରୁରୀ:** ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରିବା ଆବଶ୍ୟକ। ବିଶେଷକରି ଯଦି ଆପଣ ନାଇଟ୍ ସିଫ୍ଟ ଡ୍ୟୁଟି କରୁଛନ୍ତି, ତେବେ ଦିନରେ ଏଥିପାଇଁ କିଛି ସମୟ ନିହାତି ବାହାର କରନ୍ତୁ। ଦେଖିବେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାରେ ଏହା ବେଶ୍ ସାହାଯ୍ୟ କରିବ।

**ଗାଡି ଚଳାଇବା ବେଳେ ରୁହନ୍ତୁ ସତର୍କ:** ଯେଉଁମାନେ ଲେଟ୍ ନାଇଟ୍ ପର୍ଯ୍ୟନ୍ତ ବାହାରେ କାମ କରନ୍ତି ବା ଫିଲ୍ଡ ଜବ୍ କରନ୍ତି ସେମାନଙ୍କୁ ଗାଡି ଚଳାଇବା ସମୟରେ ଯେପରି ନିଦ ନ ଆସେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ସେହିପରି ରାତିରେ ଗାଡି ସ୍ପିଡ୍ ନ ଚଳାଇ ଧିରେ ଧିରେ ଚଳାନ୍ତୁ। କାରଣ ଏହାଦ୍ୱାରା ଦୁର୍ଘଟଣା ହେବାର ଆଶଙ୍କା ଅଧିକ।





## ଏମାନେ କଣ କୁହନ୍ତି



**ଜ୍ୟୋତି ରଞ୍ଜନ** (ମେକାନିକାଲ୍ ଇଞ୍ଜିନିୟର, କେନ୍ଦୁଝର)– ରାତିରେ ସମସ୍ତେ ଶୋଉଥିବା ବେଳେ ନିଜେ ବାହାରେ କାମ କରିବା ନିଶ୍ଚିତ ଭାବେ କଷ୍ଟକର। ପ୍ରଥମେ ପ୍ରଥମେ ଏହା କଷ୍ଟ ଲାଗୁଥିଲା। ଖାଇବା, ଶୋଇବା ସମୟ ପରିବର୍ତ୍ତନ ହେବା ଯୋଗୁ ଗ୍ୟାସ୍, ଏସିଡିଟି, ମୁଣ୍ଡ ବୁଲେଇବା, କାମ ବେଳେ ନିଦ ଆସିବା, ଥକା ଲାଗିବା ଭଳି ଅନେକ ସମସ୍ୟା ବି ଦେଖାଦେଉଥିଲା, ଯାହାକୁ ଦୂର କରିବା ଲାଗି କାମ ହିସାବରେ ନିଜ ଜୀବନଶୈଳୀରେ ପରିବର୍ତ୍ତନ କଲି। ଠିକ୍ ସମୟରେ ସନ୍ତୁଳିତ ଖାଦ୍ୟ ଖାଇବା ସହ ଦିନରେ ଅତି କମ୍‌ରେ ୫–୬ ଘଣ୍ଟା ଭଲ ଭାବେ ଶୋଇବା ପ୍ରତି ଧ୍ୟାନ ଦେଲି। ଏବେ ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇଯାଇଛି ଏବଂ କାମ କରିବାରେ କୌଣସି ଅସୁବିଧା ହେଉନାହିଁ।



**ଲିନୁ ନାୟକ**(ସାମ୍ବାଦିକା, ପୁରୀ)– ଜଣେ ସାମ୍ବାଦିକା ଭାବେ ଅଧିକ ରାତି ପର୍ଯ୍ୟନ୍ତ କାମ କରିବା ତା' ପୁଣି ବାହାରେ କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ । ଦୀର୍ଘ ଚାରି ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଇଲେକ୍ଟ୍ରୋନିକ୍ ମିଡ଼ିଆରେ କାମ କରୁଛି। ଶ୍ରୀକ୍ଷେତ୍ର ପୁରୀ ହେଉଛି ଏକ ଐତିହ୍ୟ ସହର ଓ ପର୍ଯ୍ୟଟନ କ୍ଷେତ୍ର। ଏଠାକୁ ପ୍ରତ୍ୟେକ ଦିନ ଲକ୍ଷାଧିକ ଲୋକଙ୍କର ଯିବାଆସିବା ଲାଗିରହିଥାଏ ଏବଂ ବିଶେଷ କରି ଶ୍ରୀମନ୍ଦିରକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗର ବ୍ୟକ୍ତିମାନେ ବିଳମ୍ବିତ ସମୟରେ ଆସିଥାନ୍ତି। ତେଣୁ ଖବର ସଂଗ୍ରହ ପାଇଁ କେବେ କେବେ ଅଧିକ ରାତି ମଧ୍ୟ ହୋଇଯାଏ। ଯଦିଓ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ, ତଥାପି ସେଇ ସମୟରେ ଆଦୌ ଡରି ନ ଯାଇ ନିଜର କର୍ତ୍ତବ୍ୟକୁ ଗୁରୁତ୍ୱ ଦିଏ। କେବେ କେବେ ରାତି ଅନିଦ୍ରା ହେବା ସହ ଖାଇବାକୁ ବି ମିଳେନି। ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି। ହେଲେ ବର୍ତ୍ତମାନ ସୁସ୍ଥ ରଖିବା ପାଇଁ ବିସ୍କୁଟ, କିଛି ଫଳ ଏବଂ ପାଣି ବୋତଲ ପାଖରେ ରଖୁଛି। ଏହା ବ୍ୟତୀତ ଦିନରେ ଶୋଇବା, ଏକ୍ସରସାଇଜ୍ କରିବା ଆଦି ପ୍ରତି ବି ଧ୍ୟାନ ଦେଉଛି।

## ଜାଣନ୍ତୁ ଦୁନିଆ

# ପାଣି ପିଉ ନ ଥିବା ପ୍ରାଣୀ

**ବଞ୍ଚିବା ଲାଗି ଆବଶ୍ୟକ ମାତ୍ରାରେ ପାଣି ପିଇବା କେତେ ଜରୁରୀ, ତାହା ସଭିଙ୍କୁ ଜଣା। ହେଲେ ଏମିତି କେତେ ପ୍ରାଣୀ ଅଛନ୍ତି, ଯେଉଁମାନେ ଆଦୌ ପାଣି ପିଇ ନ ଥା'ନ୍ତି। ଜାଣିବା ସେଭଳି କେତେକ ପ୍ରାଣୀଙ୍କ ବିଷୟରେ...**

**ଜେରେନୁକ୍:** ଏହା ଏକ ପ୍ରକାରର ଆଣ୍ଟିଲୋପ, ଯାହାକି ଆଫ୍ରିକାରେ ଅଧିକ ଦେଖାଯାଆନ୍ତି। ଜିରାଫ ଭଳି ଲମ୍ବା ବେକ ଥିବାରୁ ଏହାର ନାମ ଏପରି ରଖାଯାଇଛି। ଗୋଡ଼ ଏବଂ ବେକ ଲମ୍ବା ହୋଇଥିବାରୁ ଗଛରୁ ପତ୍ର ଖାଇବାରେ ଏମାନଙ୍କୁ ସହଜ ହୋଇଥାଏ। ଅତ୍ୟନ୍ତ ଗରମ ଅଞ୍ଚଳରେ ଏମାନେ ବାସ କରନ୍ତି, ଯେଉଁଠାରେ ପାଣି ମିଳିବା ଖୁବ୍ କଷ୍ଟ। ତେଣୁ ଏମାନେ ପରିବେଶ ସହିତ ଖାପ ଖୁଆଇ ରହିବା ଭଲଭାବେ ଶିଖିଯାଆନ୍ତି। ଏମାନେ ରହୁଥିବା ଜଙ୍ଗଲରେ ପାଣି ଅଭାବରୁ ଅନ୍ୟ ଜୀବ ଖୁବ୍ କମ୍ ଦେଖାଯାଆନ୍ତି। ଫଳରେ ଏମାନଙ୍କୁ ପ୍ରଚୁର ପରିମାଣରେ ଖାଦ୍ୟ ମିଳିଯାଏ ଏବଂ ଶରୀରରେ ପାଣିର ଅଭାବ ଦୂର ହୋଇଥାଏ, ଯେଉଁଥିପାଇଁ ଏହି ଜୀବ ଦୀର୍ଘ ଦିନ ଏମିତିକି ଶାରା ଜୀବନ ପାଣି ନ ପିଇ ଜୀବିତ ରହିପାରନ୍ତି।



ନେକେଡ୍ ମୋଲ୍ ର୍ୟାଟ୍

**ନେକେଡ୍ ମୋଲ୍ ର୍ୟାଟ୍:** ଏହି ପ୍ରାଣୀ ମାଟି ତଳେ ରହୁଥିବାରୁ ଗଛର ଚେର ଏମାନଙ୍କର ପ୍ରଧାନ ଖାଦ୍ୟ, ଯେଉଁଥିରୁ ସେମାନେ ନିଜ ଶରୀରର ଆବଶ୍ୟକତା ଅନୁଯାୟୀ ଜଳୀୟାଂଶ ପାଇଯାଆନ୍ତି। ଫଳରେ ସେମାନଙ୍କୁ କେବେ ପାଣି ପିଇବାକୁ ପଡ଼ି ନ ଥାଏ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏମାନେ ଗଛର ଚେରକୁ ଏଭଳି ଖାଆନ୍ତି ଯଦ୍ଵାରା ଗଛକୁ କୌଣସି କ୍ଷତି ପହଞ୍ଚି ନ ଥାଏ। ଉକ୍ତ ସ୍ଥାନରୁ ପୁନର୍ବାର ଚେର ଲମ୍ବା ହୋଇ ସେମାନଙ୍କ ପାଇଁ ଭବିଷ୍ୟତରେ ଖାଦ୍ୟ ଯୋଗାଇଥାଏ।



କଙ୍ଗାରୁ ର୍ୟାଟ୍



ଜେରେନୁକ

**କଙ୍ଗାରୁ ର୍ୟାଟ୍:** ପୃଥିବୀରେ ପ୍ରାୟ ୨୦ ପ୍ରଜାତିର କଙ୍ଗାରୁ ର୍ୟାଟ୍ ଅଛନ୍ତି। ଏମାନେ ମୁଖ୍ୟତଃ ମରୁଭୂମି ଅଞ୍ଚଳରେ ଦେଖାଦିଅନ୍ତି। ଏହି ମୂଷାମାନଙ୍କର ଲାଞ୍ଜ ଲମ୍ବା, ଆଗ ଦୁଇଗୋଡ଼ ଛୋଟ ହୋଇଥିବା ବେଳେ ପଛ ଦୁଇଗୋଡ଼ ବଡ଼, ଯେଉଁଥିପାଇଁ ଏହାକୁ କଙ୍ଗାରୁ ର୍ୟାଟ୍ କୁହାଯାଏ। ଏମାନେ କେବଳ ମଞ୍ଜି ଏବଂ ବିନ୍ ଜାତୀୟ ଖାଦ୍ୟ ଖାଇଥା'ନ୍ତି। ତେବେ ଆଶ୍ଚର୍ଯ୍ୟର କଥା, ଏହି ଖାଦ୍ୟରୁ ହିଁ ସେମାନଙ୍କୁ ବଞ୍ଚିବା ପାଇଁ ଆବଶ୍ୟକ ମାତ୍ରାରେ ପାଣି ମିଳିଯାଇଥାଏ। ତେଣୁ ପାଣି ନ ପିଇ ଦୀର୍ଘ ଦିନ ବଞ୍ଚି ରହିବାରେ ସେମାନଙ୍କୁ କୌଣସି ଅସୁବିଧା ହୋଇ ନ ଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ମଣିଷ ମସ୍ତିଷ୍କରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ଚିପ୍ ଅନ୍ତ୍ୟସ୍ଥାପନ କରାଇଥିବା ନ୍ୟୁରୋଟେକ୍ନୋଲୋଜି କମ୍ପାନିର ନାମ ............ ?
୨– କାରାଇଭେଟି ପକ୍ଷୀ ଅଭୟାରଣ୍ୟ ................. ରାଜ୍ୟରେ ଅବସ୍ଥିତ ?
୩– ୱାର୍ଲ୍ଡ ୱେଟ୍‌ଲାଣ୍ଡ ଡେ' ୨୦୨୪ର ଥିମ୍ .................. ?
୪– .............. ଅଭାବରେ ସ୍କର୍ଭି ରୋଗ ହୋଇଥାଏ ?
୫– ଭାରତ ୧୯୭୫ ମସିହାରେ ............... ବିପକ୍ଷରେ ପ୍ରଥମ ୱାନ୍ ଡେ' ଇଣ୍ଟରନ୍ୟାଶନାଲ୍ ମ୍ୟାଚ୍ ଖେଳିଥିଲା ?

## ଗତ ସପ୍ତାହର ଉତ୍ତର

୧ ରାଧା ରାତୁରି
୨ ମହିଳା ଓ ଶିଶୁ ବିକାଶ
୩ ରାମ ଚରଣ
୪ କାଇ ଚଟଣି
୫ ରସ୍କିନ୍ ବଣ୍ଡ

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଭଦ୍ରକ



ନୀହାର ରଞ୍ଜନ ନାୟକ, ମାହାଙ୍ଗା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ / ୧୦

### ଦାମୀ ଗିଟାର

୧. କର୍ଟ କୋବେନ୍ସ ମାର୍ଟିନ ଡି–୧୮ଇ ................୬, ०୧०, ०००  ଡଲାର
୨. କର୍ଟ କୋବେନ୍ସ ସ୍ମେଲ୍ ଲାଇକ୍ ଟିନ୍ ସ୍ପିରିଟ୍ ଫେଣ୍ଡର ମଷ୍ଟାଙ୍ଗ୍ ...୪,୫୫०,००० ଡଲାର
୩. ଡାଭିଡ୍ ଗିଲ୍‌ମର୍‌ସ୍ ବ୍ଲାକ୍ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର......... ୩,୯୭୫,००० ଡଲାର
୪. ଏଡି ଭ୍ୟାନ୍ ହାଲେନସ୍ ହଟ୍ ଫର୍ ଟିଚର କ୍ରାମର ......... ୩,୯୩୨,००० ଡଲାର
୫. ରିଚ୍ ଆଉଟ୍ ଟୁ ଏସିଆ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର .......... ୨,୭००,००० ଡଲାର
୬ . ଜନ୍ ଲେନନସ୍ ଗିବ୍‌ସନ୍ ଜେ୧୬୦ଇ .................୨, ୪୧०,००० ଡଲାର
୭ . ଜେରୀ ଗ୍ରାସିଆସ୍ ଓଲ୍ଫ............................ ୧,୯००,००० ଡଲାର
୮ . ଡାଭିଡ୍ ଗିଲ୍‌ମର୍‌ସ୍ ୧୯୫୪ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର..୧, ୮୧୫,००० ଡଲାର
୯ . କର୍ଟ କୋବେନସ୍ ୧୯୯୩ ଫେଣ୍ଡର ମଷ୍ଟାଙ୍ଗ ସ୍କାଏ ଷ୍ଟାଙ୍ଗ୍ ୧... ୧, ୫୮୭, ୫०० ଡଲାର
୧० . ଏରିକ୍ କ୍ଲାପ୍‌ଟନସ୍ ୧୯୬୪ ଦି ଫୁଲ୍ ଗିବ୍‌ସନ୍ ଏସ୍‌ଜି... ୧, ୨୭०,००० ଡଲାର

## ୟୁଥ୍ ଆଲର୍ଟ

# ଇଣ୍ଟରନେଟ୍ ଅଧିକ ବ୍ୟବହାର କରୁଥିଲେ...

**ବର୍ତ୍ତମାନ ପ୍ରାୟ ସମସ୍ତେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଶେଷକରି ଯୁବପିଢ଼ି ଏହାର ସବୁଠୁ ଅଧିକ ବ୍ୟବହାର କରୁଛନ୍ତି। ପାଠପଢ଼ାଠୁ ଆରମ୍ଭକରି ଖେଳିବା, ଏଣ୍ଟରଟେନ୍‌ମେଣ୍ଟ ପର୍ଯ୍ୟନ୍ତ ଏହା ସେମାନଙ୍କ ପାଇଁ ବେଶ୍ ସହାୟକ ହୋଇପାରୁଛି। ହେଲେ ଆବଶ୍ୟକତାଠାରୁ ଅଧିକ ସମୟ ଇଣ୍ଟରନେଟ୍ ବ୍ୟବହାର ଅନେକଙ୍କଠାରେ ବିଭିନ୍ନ ସମସ୍ୟାର କାରଣ ସାଜୁଛି। ଜାଣିରଖନ୍ତୁ ସେ ସମ୍ପର୍କରେ...**

⏭ ବହୁମାତ୍ରାରେ ଇଣ୍ଟରନେଟ୍ ବ୍ୟବହାର କରୁଥିବା ଯୁବପିଢ଼ି ଧୀରେ ଧୀରେ ବାସ୍ତବ ଦୁନିଆଠାରୁ ଦୂରେଇ ଯାଆନ୍ତି। କୌଣସି କାରଣରୁ ସେମାନଙ୍କୁ ଯଦି ଇଣ୍ଟରନେଟ୍ ବ୍ୟବହାର କରିବାକୁ ନ ମିଳେ, ସେମାନଙ୍କଠାରେ କ୍ରୋଧ କିମ୍ବା ବିଶାଦ ଭଳି ଲକ୍ଷଣ ଦେଖିବାକୁ ମିଳେ ବୋଲି କମ୍ପ୍ୟୁଟର ଆସିଷ୍ଟେଡ୍ ଲର୍ଣ୍ଣିଂର ଏକ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି। ଗବେଷଣା ଅନୁଯାୟୀ ଏହି ଇଣ୍ଟରନେଟ୍ ଆଡିକ୍ସନ ଯୋଗୁ ଅନେକଙ୍କଠାରେ ନା କେବଳ ପାଠପଢ଼ାରେ ଅବହେଳା ଦେଖାଯାଏ ବରଂ ଏକଲାପଣ ଏତେମାତ୍ରାରେ ବଢ଼ିଯାଏ ଯେ ସେମାନେ ନିଜ ପରିବାର ଏବଂ ସାଙ୍ଗସାଥୀଙ୍କ ସହ ମଧ୍ୟ କଥାବାର୍ତ୍ତା ହେବା ଏବଂ ସମୟ ବିତାଇବା କମାଇ ଦିଅନ୍ତି। ଧୀରେ ଧୀରେ ସମସ୍ତଙ୍କଠାରୁ ଅଲଗାହୋଇ ସେମାନେ ଡିପ୍ରେଶନ ଆଡ଼କୁ ମଧ୍ୟ ଚାଲିଯାଆନ୍ତି। ଏମିତିକି ଏଥିପାଇଁ ହତାଶ ହୋଇ କେହି କେହି ନିଜ ଜୀବନ ହାରିଥିବାର ବି ନଜିର ରହିଛି। ତେଣୁ ଯଥାସମ୍ଭବ ଏହାର ବ୍ୟବହାର ସୀମିତ ରଖିବାକୁ ଚେଷ୍ଟା କରନ୍ତୁ ଏବଂ ନିଜ ପଢ଼ା କିମ୍ବା ଜବ୍ ଉପରେ ଫୋକସ୍ କରନ୍ତୁ।

⏭ ଯଦିଓ ବର୍ତ୍ତମାନ ପାଠପଢ଼ା କ୍ଷେତ୍ରରେ ଇଣ୍ଟରନେଟ୍ ଅନେକ ସାହାଯ୍ୟ କରୁଛି, ହେଲେ ଦୀର୍ଘ ସମୟ ଏହାର ବ୍ୟବହାର କରୁଥିବା ବିଦ୍ୟାର୍ଥୀମାନେ ପାଠପଢ଼ାରେ ଭଲ ଭାବେ ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଫଳରେ ସେମାନେ ପରୀକ୍ଷାରେ ଭଲ ନମ୍ବର ରଖିବାରେ ବିଫଳ ହୁଅନ୍ତି ବୋଲି ବ୍ରିଟେନ୍‌ର ସ୍ୱାନ୍‌ସୀ ଏବଂ ଇଟାଲୀର ମିଲାନ୍ ୟୁନିଭର୍ସିଟିର ମିଳିତ ଉଦ୍ୟମରେ କରାଯାଇଥିବା ଏକ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି।

⏭ ଅଧ୍ୟୟନ ରିପୋର୍ଟ ମୁତାବକ ପଢ଼ା ଲାଗି ଇଣ୍ଟରନେଟ୍ ବ୍ୟବହାର କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫% ଦିନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ସମୟ ଅନ୍‌ଲାଇନ୍‌ରେ ରହିଥା'ନ୍ତି। ଅନ୍ୟ ପ୍ରାୟ ୭୦ ଭାଗ ୩ ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍‌ରେ ସମୟ ବିତାଇଥାନ୍ତି; ଯେଉଁଥିରୁ ୪०% ଛାତ୍ରୀଛାତ୍ର ସୋସିଆଲ ନେଟ୍‌ୱର୍କିଂ ବ୍ୟବହାର କରୁଥିବା ବେଳେ ୩०% ଇନ୍‌ଫର୍ମେଶନ୍ ବା ସୂଚନା ଲାଗି ଏହାକୁ ବ୍ୟବହାର କରିଥା'ନ୍ତି। ଏସବୁ ବ୍ୟତୀତ ଅଧିକାଂଶ ବିଦ୍ୟାର୍ଥୀ ଅନ୍‌ଲାଇନ୍‌ରେ ଅଧିକ ସମୟ ଗେମ୍ ଖେଳିଥା'ନ୍ତି। ଫଳରେ ଇଣ୍ଟରନେଟ୍ ଆଡିକ୍ସନ ଯୋଗୁ ସେମାନଙ୍କ ପାଠପଢ଼ା ବ୍ୟାହତ ହୋଇଥାଏ।



# ଅସୁସ୍ଥ ଦନ୍ତାକୁ ଟ୍ରାଙ୍କୁଲାଇଜ କଲା ବନ ବିଭାଗ



ଟ୍ରାଙ୍କୁଲାଇଜ ପରେ ଅସୁସ୍ଥ ଦନ୍ତା ହାତୀର ଚିକିତ୍ସା କରାଯାଉଛି।

ଛେଣ୍ଡିପଦା, ୧୭।୨ (ଅଜିତ ଧଳ)

- ମୁଣ୍ଡରେ ରହିଛି ୬ରୁ ଊର୍ଦ୍ଧ୍ୱ କ୍ଷତ
- ଚିକିତ୍ସା ଚଳାଇଛି ବନ ବିଭାଗ
- ମୁଣ୍ଡରେ ବାଜିଛି ଦେଶୀ ବନ୍ଧୁକ ଛେଳା ଗୁଳି

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳରେ ଗତ ୩ଦିନ ହେବ ଅସୁସ୍ଥ ହୋଇ ଘୂରି ବୁଲୁଥିବା ଏକ ଗୋଠ ଛଡା ଦନ୍ତା ହାତୀକୁ ଛେଣ୍ଡିପଦା ସପୋଇସାହି ନିକଟରେ ଶନିବାର ମଧ୍ୟାହ୍ନରେ ବନବିଭାଗ ଟ୍ରାଙ୍କୁଲାଇଜ କରିଛି। ଅନୁଗୋଳ ଡିଏଫଓ ବିବେକ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ହାତୀକୁ ଟ୍ରାଙ୍କୁଲାଇଜ ପରେ ନନ୍ଦନକାନନ, ଢେଙ୍କାନାଳ ଓ ଅନୁଗୋଳ ସାତକୋଶିଆ ଅଭୟାରଣ୍ୟରୁ ଆସିଥିବା ପ୍ରାଣୀ ଚିକିତ୍ସକମାନେ ହାତୀର ଚିକିତ୍ସା କରିଥିଲେ। ଚିକିତ୍ସା ଚାଲିଥିବା ସମୟରେ ହାତୀ ମୁଣ୍ଡରେ ୬ରୁ ଊର୍ଦ୍ଧ୍ୱ ଗଭୀର କ୍ଷତ ରହିଥିବା ଦେଖିବାକୁ ମିଳିଥିଲା। ମୁଣ୍ଡରେ ଗୁଳିଥିବା ସନ୍ଦେହ କରି ଡାକ୍ତରୀ ଦଳ ମେଟାଲ ଡିଟେକ୍ଟର ମାଧ୍ୟମରେ ନିରୀକ୍ଷଣ କରିବା ସହ ହାତୀକୁ ସାଲାଇନ ଏବଂ ଆଣ୍ଟିବାଓଟିକ ଦେଇ ଚିକିତ୍ସା କରିଥିଲେ। ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅସୁସ୍ଥ ହାତୀର ଚିକିତ୍ସା କରାଯାଇଥିଲା। ଚିକିତ୍ସା ପରେ ହାତୀ ଉପରେ ଡାକ୍ତର ଦଳ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ନେଇ ଅନୁଗୋଳ ଡିଏଫଓ ବିବେକ କୁମାର କହିଛନ୍ତି, ହାତୀ ମୁଣ୍ଡରେ ଛେଳା ବନ୍ଧୁକ ଗୁଳି ବାଜି ଆହତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଚିକିତ୍ସା ସମୟରେ ହାତୀ ମୁଣ୍ଡରେ ଗୁଳି ନ ଥିବାବେଳେ ଡାକ୍ତରୀ ଦଳ ହାତୀର ଚିକିତ୍ସା ଜାରି ରଖିଛନ୍ତି। ହାତୀର ସମ୍ପୂର୍ଣ୍ଣ ଚିକିତ୍ସା ସରିବା ପର୍ଯ୍ୟନ୍ତ ହାତୀକୁ ସେଠାରେ ରଖାଯାଇ ଚିକିତ୍ସା କରାଯିବ। ଏହି ଘଟଣାର ତଦନ୍ତ ଜାରି ରହିଛି।

# ଆପାର୍ଟମେଣ୍ଟ ମାଲିକାନା ସ୍ୱତ୍ୱ ଆଇନ କାର୍ଯ୍ୟକାରୀ ପାଇଁ ନିୟମ ଜାରି

ଭୁବନେଶ୍ୱର, ୧୭।୨ (ଅସମାପିକା ସାହୁ)

ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ବାଟ ଫିଟିଛି। ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟର ଚିଠା ରୁଲ୍ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଜରିଆରେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ସ୍ୱତ୍ୱ ଓ ପରିଚାଳନା ନିୟମ ଆଣିଛନ୍ତି। ଏଥିରେ ଆପାର୍ଟମେଣ୍ଟ ମାଲିକଙ୍କ ଆସୋସିଏଶନ ଗଠନ ଓ ପଞ୍ଜୀକରଣ ନେଇ ସବିଶେଷ ନିୟମ ରହିଛି। ରେରା ଆଇନ ଅନୁସାରେ, ମାଲିକାନା ସ୍ୱତ୍ୱ ଠିକ୍ ନ ଥିବାରୁ ରାଜ୍ୟରେ ଦେଢ଼ ବର୍ଷ ହେଲା ଆପାର୍ଟମେଣ୍ଟ କିଣାବିକା ବନ୍ଦ ରହିଥିଲା। ରିୟଲ ଇଷ୍ଟେଟ କାରବାରକୁ ଆଗକୁ ନେବା ସହ ଘର ମାଲିକଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ଗତ ଅକ୍ଟୋବରରେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନ ୨୦୨୩ ଆଣିଥିଲେ। ଏହାପରେ ସରକାର ଏଥିରେ ଆବଶ୍ୟକ ସଂଶୋଧନ ଆଣିବା ପାଇଁ ସମ୍ପୃକ୍ତ ଅଂଶୀଦାରଙ୍କଠାରୁ ପରାମର୍ଶ ଆହ୍ୱାନ କରିଥିଲେ। ପୂର୍ବରୁ ଥିବା ଆପାର୍ଟମେଣ୍ଟ ଆଇନ ୧୯୯୨ରେ ବାରମ୍ବାର ସଂଶୋଧନ ହେଉଥିବାରୁ ରାଜ୍ୟ ସରକାର ଏହି ନୂଆ ଆଇନ ଆଣିଥିଲେ। ଏବେ ଏହି ଆଇନ କାର୍ଯ୍ୟକାରୀ ପାଇଁ ସରକାର ନିୟମ କରିଛନ୍ତି। ନିୟମରେ ଆପାର୍ଟମେଣ୍ଟ ମାଲିକ ଏବଂ ଫ୍ଲାଟ ମାଲିକଙ୍କ ଅଧିକାର ଏବଂ ଦାୟିତ୍ୱ ଉଲ୍ଲେଖ ରହିଛି।

# ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୧୭।୨ (ଅସମାପିକା ସାହୁ)

ଦୀର୍ଘ ୩୧ଦିନର ଆନ୍ଦୋଳନରୁ ଓହରିଛନ୍ତି ପ୍ରାଣୀ ଚିକିତ୍ସକ। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଓଡ଼ିଶା ଭେଟେରିନାରି ସର୍ଭିସ୍ ଆସୋସିଏଶନ ପକ୍ଷରୁ କୁହାଯାଇଛି। ସଂଘର ସୂଚନାନୁସାରେ, ଶନିବାର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବାବେଳେ ସରକାରଙ୍କ ପକ୍ଷରୁ ଆଲୋଚନା ପାଇଁ ଡକରା ଆସିଥିଲା। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତାଙ୍କ ସମେତ ବିଭାଗୀୟ ତଥା ଅନ୍ୟ ଅଧିକାରୀଙ୍କ ସହ ସଂଘର ସକାରାତ୍ମକ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ପର୍ଯ୍ୟାୟକ୍ରମେ ଦାବିଗୁଡ଼ିକ ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିବା ସହିତ ପ୍ରାଣୀ ଚିକିତ୍ସକମାନେ ନିଜ କାର୍ଯ୍ୟରେ ଯୋଗଦେବେ ବୋଲି ସଭାପତି ଡା. ଯଦୁନାଥ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ପ୍ରାଣୀ ଚିକିତ୍ସକମାନେ ଦୁଇବର୍ଷ ହେବ ୪ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ନିବେଦନ କରି ଆସୁଛନ୍ତି। ବିଭାଗୀୟ ରୂପାନ୍ତରୀକରଣ ଯଥା ନିଃଶୁଳ୍କ ଚିକିତ୍ସା, ବିଶେଷଜ୍ଞ ଚିକିତ୍ସା, ୨୪ ଘଣ୍ଟିଆ ସେବା ସହିତ ଓଡ଼ିଶାରେ ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ରୀୟ ହାରରେ ପଦୋନ୍ନତି ସୁବିଧା, ନନ୍ ପ୍ରାକ୍ଟିସିଂ ଭତ୍ତା ଓ କ୍ୟାଡର ପୁନର୍ଗଠନ ପାଇଁ ସଂଘ ଦାବି ଜଣାଇଆସୁଛି। କିନ୍ତୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ସଂଘ ପକ୍ଷରୁ ଗତ ୧୮ ତାରିଖରୁ ଆନ୍ଦୋଳନ କରାଯାଇଥିଲା। ଏଥିରେ ୧,୨୩୫ଜଣ ପ୍ରାଣୀ ଚିକିତ୍ସକ ସାମିଲ ହୋଇଥିଲେ। ପ୍ରାଣୀ ଚିକିତ୍ସକମାନେ କାର୍ଯ୍ୟ ବନ୍ଦ କରି ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଧାରଣା ଦେଉଥିଲେ। ଗତ ଶୁକ୍ରବାର ରାଜସ୍ତରୀୟ ଅର୍ଥାତ୍ କଟକସ୍ଥିତ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଆଗରେ ଧାରଣା ଦିଆଯାଇଥିଲା। ଏଥିସହ ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ଧାରଣା ଓ ବିକ୍ଷୋଭ ଜାରି ରହିଥିଲା। ଦୀର୍ଘ ଏକମାସ ଧରି ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନରେ ରହିବାରୁ ସାରା ରାଜ୍ୟରେ ପ୍ରାଣୀ ଚିକିତ୍ସା ସେବା ଠପ୍ ହୋଇଯାଇଥିଲା।

# ପ୍ରଫୁଲ୍ଲ ସାମଲ, ପୁଅ ପ୍ରୟାସକାନ୍ତିଙ୍କୁ ଇଡି ସମନ

**ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଘଟଣା**

ବିଜେଡି ଜିଲା ପର୍ଯ୍ୟବେକ୍ଷକ ଭେଟିବାକୁ ନେଇ ଚର୍ଚ୍ଚା



ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଭେଟୁଛନ୍ତି।

ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ ଭଦ୍ରକ, ୧୭।୨ (ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ କରାଯାଇଥିବା ସୂଚନା ମିଳିଛି। ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ସୋସାଇଟିର ଆର୍ଥିକ ଅନିୟମିତତା ଅଭିଯୋଗ ଘଟଣାକୁ ନେଇ ଇଡି ଏହି ସମନ କରିଥିବା ଜଣାପଡିଛି। ଡକ୍ୟୁମେଣ୍ଟ ସହ ହାଜର ହେବାକୁ ଉଭୟଙ୍କୁ ସମନ ହୋଇଛି। ତେବେ ବିଧାୟକ ଓ ତାଙ୍କ ପୁଅ ଇଡି ଅଫିସ୍‌ରେ କେବେ ହାଜର ହେବେ ସେନେଇ କୌଣସି ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଏହାପୂର୍ବରୁ ପ୍ରଫୁଲ୍ଲ ଓ ପୁଅ ପ୍ରୟାସକାନ୍ତି ଘରେ ଇଡି ଚଢ଼ାଉ କରିଥିଲା। ଏବେ ସମନ ପରେ ଶନିବାର ମଧ୍ୟାହ୍ନରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଭଦ୍ରକ ନୂଆବଜାରସ୍ଥିତ ବାସଭବନରେ ତାଙ୍କୁ ଭେଟିଥିବା ସୂଚନା ମିଳିଛି। ଏହି ସମୟରେ ବିଧାୟକଙ୍କ ପୁଅ ପ୍ରୟାସକାନ୍ତି ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଏହି ସାକ୍ଷାତ୍ ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନାନା ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ପର୍ଯ୍ୟବେକ୍ଷକ ଦାସବର୍ମାଙ୍କ ସହ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଦଳିତ ନେତା ରାଜେନ୍ଦ୍ର ଦାସଙ୍କ ସମେତ ଆଗଧାଡ଼ିର ନେତା ଓ କର୍ମୀମାନଙ୍କୁ ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି। ତେବେ ଜିଲା ପର୍ଯ୍ୟବେକ୍ଷକଙ୍କ ଏହା ସୌଜନ୍ୟମୂଳକ ସାକ୍ଷାତ ବୋଲି ବିଜେଡି ପକ୍ଷରୁ କୁହାଯାଉଥିବାବେଳେ ଇଡି ଚଢ଼ାଉ ପରେ ପର୍ଯ୍ୟବେକ୍ଷକଙ୍କ ଏଭଳି ଗସ୍ତ ନେଇ ନାନା ଆଲୋଚନା ଚାଲିଛି।

ବରପଦା ଇଞ୍ଜିନିୟରିଂ କଲେଜର ଟଙ୍କା ଆତ୍ମସାତ୍, କାଗଜପତ୍ର ହେରଫେର ଏବଂ ଠକେଇ ନେଇ ଇଡିରେ ଅଭିଯୋଗ ହୋଇଥିଲା। କଲେଜ ସୋସାଇଟିର ପୂର୍ବତନ ସଭାପତି ପ୍ରୟାସକାନ୍ତି, ସମ୍ପାଦକ ମନୋଜ କୁମାର ଗୋସ୍ୱାମୀ ଏବଂ ଅନ୍ୟମାନଙ୍କ ନାମରେ କର୍ମଚାରୀମାନେ ଅଭିଯୋଗ ଆଣି ଆନ୍ଦୋଳନକୁ ଓହ୍ଲାଇଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଇଡି ଏହି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। ଗୁରୁବାର ବିଧାୟକ ପ୍ରଫୁଲ୍ଲଙ୍କ ଭଦ୍ରକ ନୂଆବଜାରସ୍ଥିତ ବାସଭବନ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ଇଡିର ୬ ଜଣିଆ ଟିମ୍ ଚଢାଉ କରିଥିଲା। ଏଥିସହ ସହରର ୬ଟି ସ୍ଥାନ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଇଡି ପକ୍ଷରୁ ଚଢାଉ କରାଯାଇଥିଲା। ଏଥିସହ ଶୁକ୍ରବାର ଭୁବନେଶ୍ୱରର ପଳାସପଲ୍ଲୀରେ ଥିବା ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତିଙ୍କ ଘରେ ଚଢ଼ାଉ କରାଯାଇ ୯ ଲକ୍ଷ ଟଙ୍କା, ଏକ ଫର୍ଚ୍ୟୁନର କାର୍, ତାରିଖ ନ ଥିବା କିଛି ଚେକ୍, ଜମି କାଗଜପତ୍ର, ଡିଜିଟାଲ ଡିଭାଇସ୍ ସହ ବିଭିନ୍ନ ସାମଗ୍ରୀ ଜବତ କରିଥିଲା।

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର
**ସଂଶୋଧନ ପତ୍ର**
ଦୈନିକ ଖବରକାଗଜ "ଧରିତ୍ରୀ"ରେ ତା.୧୭.୦୨.୨୦୨୪ରିଖରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ ଗୋପଳପୁର ଶାଖାର ଋଣଗ୍ରହୀତା: ମେସର୍ସ ମା ଲକ୍ଷ୍ମୀ ଅଟୋମୋବାଇଲର ଗ୍ୟାରେଣ୍ଟିଦାତାଙ୍କ ନାମ: ଗଜେନ୍ଦ୍ର ନାଥ ଦାସ, ସା/ପୋ: କଲ୍ୟାଣୀ, ଖନ୍ତାପଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୪ ପଢିବାକୁ ଅନୁରୋଧ । ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ।
ତାରିଖ: ୧୭.୦୨.୨୦୨୪ କ୍ଷମତାପ୍ରାପ୍ତ ଅଧିକାରୀ

केन्द्रीय विद्यालय, भंजनगर / **KENDRIYA VIDYALAYA, BHANJANAGAR**
At- Old Boys Hostel, KSUB College Campus, Bhanjanagar, Dist.- Ganjam-761126
प्रत्यक्ष साक्षात्कार / **WALK-IN-INTERVIEW**
विद्यालय में शैक्षणिक वर्ष 2024-25 में अंशकालीन अनुबंध के आधार पर संविदा शिक्षकों के पैनल तैयार करने हेतु निम्नलिखित पदों हेतु प्रत्यक्ष साक्षात्कार का आयोजन किया जाएगा। इच्छुक एबं योग्य आवेदक (आयु 18 से 65 वर्ष तक) अपने शैक्षणिक योग्यता पत्र, मूल अंक पत्र / प्रमाण पत्र (केवल सत्यापन के लिए), CTET योग्यता प्रमाण पत्र एवं पासपोर्ट साइज की एक फोटो तथा सभी प्रमाण पत्र (Self-Attested Photocopy) के साथ साक्षात्कार में भाग ले सकते हैं । साक्षातकार में उपस्थित होने वाले आवेदकों को यात्रा भत्ता / महंगाई भत्ता देय नहीं होगा । पंजीकरण दिनांक 28.02.2024 प्रातः 08.00 से 10.00 बजे तक। साक्षात्कार 10.00 बजे के अपरांत । (TGT- English, Hindi, Science, Social Science, PRT , Computer Instructor, Special Educator, Nurse, Odia Language Teacher) कृपया योग्यता की जानकारी के लिए विद्यालय की वेबसाइट देखे: https://bhanjnagar.kvs.ac.in .
Sd./- प्राचार्य

# ଚାଷ ଘରେ ଜିଅନ୍ତା ଜଳିଗଲେ ମହିଳା

ବାଲିଆପାଳ, ୧୭।୨ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଥାନା କୁଦମାନସିଂ ଚଢ଼ରେ ଥିବା ଚାଷ ଘରେ ଶନିବାର ପୂର୍ବାହ୍ନରେ ନିଆଁ ଲାଗି ଜଣେ ମହିଳା ଚାଷୀ ଜିଅନ୍ତା ଜଳିଯାଇଛନ୍ତି। ଆଠବାଟିଆ ଗ୍ରାମର ରମେଶ ବାରିକଙ୍କ ସ୍ତ୍ରୀ ଜୟନ୍ତୀ (୫୫) ନିଜ କଖାରୁ ବାଡ଼ିକୁ ଯାଇ ଚାଷ ହୋଇଥିବା ଜମିରେ କାମ କରି ସାରିବା ପରେ ପାଖରେ ଥିବା ଚାଷ ଘରେ ସ୍ୱାମୀଙ୍କ ପାଇଁ ସକାଳ ଖାଇବା ପ୍ରସ୍ତୁତ କରୁଥିଲେ। ଅସାବଧାନତାରୁ ହଠାତ୍ ହଗୁଳା ଓ ଖଡ଼ିରେ ନିର୍ମିତ ପାଲ ଘରେ ନିଆଁ ଲାଗିଯାଇଥିଲା। ପାଖରେ ଥିବା ଲୋକେ ନିଆଁ ଭିତରୁ ଜୟନ୍ତୀଙ୍କୁ ଉଦ୍ଧାର କରି ପାରି ନ ଥିଲେ। ନଦୀପାଖକୁ ଅଣଓସାରିଆ ରାସ୍ତା ହୋଇଥିବାରୁ ଅଗ୍ନିଶମ ଗାଡି ପହଞ୍ଚି ନ ପାରି ଅଧାରାସ୍ତାରେ ଅଟକି ରହିଥିଲା। ବାଲିଆପାଳ ଆରଆଇ କାଳିଚରଣ ମାଝି କ୍ଷୟକ୍ଷତି ଆକଳନ କରିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପରିବାରର ୪ ଜଣଙ୍କୁ ହତ୍ୟା

ବଣାଇଁ, ଟେନ୍‌ସା, ୧୭।୨ (ପ୍ରଦୀପ ତ୍ରିପାଠୀ/ ସମୀର କୁମାର ପାଢ଼ୀ)

- ରେଳ ଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ
- ଗୁଣିଗାରେଡି ସନ୍ଦେହରେ ହତ୍ୟା
- ଝାଡ଼ଖଣ୍ଡ ପୋଲିସର ତଦନ୍ତ ଜାରି

ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲାର ଚକ୍ରଧରପୁର ରେଲୱେ ଡିଭିଜନ ଅଧୀନ ତାଲାବୁରୁ ଏବଂ କେନ୍ଦୋପୋସି ଷ୍ଟେଶନ ମଧ୍ୟରେ ଥିବା ରେଳ ଟ୍ରାକରୁ ଶନିବାର ୨ଶିଶୁଙ୍କ ସମେତ ୪ଜଣଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରାଯାଇଛି। ମୃତକମାନେ ଗୋଟିଏ ପରିବାରର ଏବଂ ସେମାନଙ୍କ ଘର ପଶ୍ଚିମ ସିଂହଭୂମ ଜିଲା ହାଟଗମ୍ଭାରିଆ ଥାନା ନୁରୁଦା ଗ୍ରାମ ଡୁଙ୍ଗୁବାସା ବସ୍ତିରେ। ତେବେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ୧୫ ବର୍ଷର ଝିଅ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ଗୁଣିଗାରେଡି ସନ୍ଦେହରେ ପରିବାରର ୪ଜଣଙ୍କୁ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦିଆଯାଇଥିବା ସ୍ପଷ୍ଟ ହୋଇଛି। ହତ୍ୟାକାରୀ ଫେରାର ଅଛନ୍ତି। ପଶ୍ଚିମ ସିଂହଭୂମ ଜିଲାର ଡିଏସ୍‌ପି ରାକେଶ ମିଞ୍ଜଙ୍କ ନେତୃତ୍ୱରେ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ କରୁଛି।

ଏ ସଂକ୍ରାନ୍ତରେ ଝାଡ଼ଖଣ୍ଡ ଜଗନ୍ନାଥପୁର ଏସ୍‌ଡିପିଓ ରାକେଶ ନନ୍ଦନ ମିଞ୍ଜ କହିଛନ୍ତି, ସ୍ଥାନୀୟ ଲୋକେ ଏହି ପରିବାରକୁ ଡାହାଣୀ ସନ୍ଦେହ କରି ପୂର୍ବରୁ ଟାର୍ଗେଟ କରିଥିଲେ। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ପ୍ରଥମେ ଉକ୍ତ ପରିବାରର ଜଣେ ୮ମାସ ଓ ଅନ୍ୟ ଜଣେ ଅଢେଇ ବର୍ଷର ଶିଶୁକୁ ହତ୍ୟା କରିଥିଲେ। ଏହାପରେ ସେମାନେ ୧୫ ବର୍ଷର ଝିଅକୁ ହତ୍ୟା କରିବା ପାଇଁ ଉଦ୍ୟମ କଲାବେଳେ ସେ କୌଣସିମତେ ଖସି ପଳାଇ ଯାଇଥିଲେ। ପରେ ଦୁର୍ବୃତ୍ତମାନେ ଉକ୍ତ ପରିବାରର ବିନୁ ସିଂ ଓ ତାଙ୍କ ସ୍ତ୍ରୀଙ୍କୁ ଘରୁ ଘୋଷାଡି ନେଇ ନିକଟସ୍ଥ ଜଙ୍ଗଲକୁ ନେଇଥିଲେ ଏବଂ ସେଠାରେ ଏକ ତେନ୍ତୁଳି ଗଛରେ ଉଭୟଙ୍କୁ ବାନ୍ଧି ପିଟିପିଟି ହତ୍ୟା କରିଥିଲେ। ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ୪ଜଣଙ୍କ ମୃତଦେହକୁ ରେଳ ଧାରଣାରେ ପକାଇ ଦେଇଥିଲେ। ଅନ୍ୟପକ୍ଷେ ହତ୍ୟାକାରୀଙ୍କଠାରୁ ବର୍ତ୍ତିଯାଇଥିବା ୧୫ ବର୍ଷର ଝିଅ ଘଟଣା ସମ୍ପର୍କରେ ନିଜ ସମ୍ପର୍କୀୟ ଜୁମ୍ବଲ ସିଂଙ୍କୁ ଜଣାଇବା ପରେ ଉଭୟ ପୋଲିସର ଦ୍ୱାରସ୍ଥ ହୋଇଥିଲେ।

# ମା'ଙ୍କ ମୃତ୍ୟୁ ପରେ ନାବାଳକ ପୁଅର ଆତ୍ମହତ୍ୟା

## ରନ୍ଧନ ଗ୍ୟାସ୍ ଲିକ୍‌ରୁ ନିଆଁ ଲାଗି ମା'ଙ୍କ ମୃତ୍ୟୁ ଘଟିଥିଲା

ବେଲପଡ଼ା, ୧୭।୨ (ମନୋଜ କୁମାର ମିଶ୍ର)



ମୃତ ଦ୍ରୋଣ ମହାଖୁଡ

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ କାନୁଟ ଗ୍ରାମରେ ରନ୍ଧନ ଗ୍ୟାସ ସିଲିଣ୍ଡର ପାଇପ ଲିକ୍ ହୋଇ ନିଆଁ ଲାଗିଯିବାରେ ୪ଜଣଙ୍କ ମୃତ୍ୟୁ ସହ ଯୋଡିହୋଇଛି ଆଉ ଏକ ଦୁଃଖଦ ଘଟଣା। ରାଉରକେଲାରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମାଳତୀ ମହାଖୁଡ଼ଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ତାଙ୍କ ପୁଅ ଦ୍ରୋଣ ମହାଖୁଡ଼ (୧୭) ଆତ୍ମହତ୍ୟା କରିଛନ୍ତି। ଦ୍ରୋଣଙ୍କ ଝୁଲନ୍ତା ମୃତଦେହ ଶନିବାର ସକାଳେ ତାଙ୍କ ଘରୁ ଜବତ କରାଯାଇଛି। ମା'ଙ୍କ ଶାଢ଼ିକୁ ବେକରେ ବାନ୍ଧି ଘର ଓରାରେ ସେ ଝୁଲି ପଡିଥିବା ପଡୋଶୀମାନେ କହିଛନ୍ତି। ଗ୍ୟାସ୍ ନିଆଁରେ ପୋଡ଼ିହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତାଙ୍କ ପୁଅର ଆତ୍ମହତ୍ୟା କାନୁଟରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଗାଁ ଲୋକଙ୍କଠାରୁ ଖବର ପାଇ ବେଲପଡା ଥାନା ପୋଲିସ ମୃତଦେହ ଜବତ କରି ବେଲପଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ସ୍ୱାମୀ ସୁରଥ ମହାଖୁଡ଼ ଓ ବଡପୁଅ ଲଳିତ ମହାଖୁଡ଼ ରାଉରକେଲାରୁ ମାଳତୀଙ୍କ ମୃତଦେହ ନେଇ କାନୁଟ ଆସୁଛନ୍ତି। ଘରେ ଅନ୍ୟ କେହି ନ ଥିବାରୁ ପୋଲିସ ଦ୍ରୋଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ଗାଁ ଲୋକଙ୍କୁ ହସ୍ତାନ୍ତର କରିଛି। ରାତି ୧ଟା ସୁଦ୍ଧା ଏଠାରେ ମାଳତୀଙ୍କ ମୃତଦେହ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହାପରେ ଗାଁ ଶ୍ମଶାନରେ ମା' ଓ ପୁଅଙ୍କର ଅନ୍ତିମ ସତ୍କାର କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ଅଶୋକ ମହାପାତ୍ର କହିଛନ୍ତି।

କାନୁଟ ଗ୍ରାମରେ ଗତ ୧୦ତାରିଖରେ ମହେଶ ଅଦାବରିଆଙ୍କ ଘରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପାଇପ ଲିକ୍ ହୋଇ ନିଆଁ ଲାଗିଯିବାରେ ୬ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୧୧ତାରିଖରେ ଭାନୁ ଅଦାବରିଆଙ୍କ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପରେ ଅନ୍ୟ ଆହତମାନଙ୍କୁ ରାଉରକେଲା ଜେପି ବର୍ନିଂ ହସ୍ପିଟାଲ ନିଆଯାଇଥିଲା। ୧୫ତାରିଖ ରାତିରେ ମହେଶ ଅଦାବରିଆ ଓ ଭୈରବୀ ଅଦାବରିଆଙ୍କ ମୃତ୍ୟୁ ଘଟିଥିଲା। ୧୬ତାରିଖରେ ମାଳତୀ ମହାଖୁଡ଼ଙ୍କ ସେଠାରେ ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ଏହି ଘଟଣାରେ ଏଯାଏ ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ରାଉରକେଲାରେ ଚିକିତ୍ସାଧୀନ ଭାଗ୍ୟବତୀ ଅଦାବରିଆ ଓ ଦୃତି ଅଦାବରିଆଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଭାଗ୍ୟବତୀଙ୍କ ୨ ମାସର ଶିଶୁକନ୍ୟା ରହିଛି।

**ପ୍ରଥମ ପୃଷ୍ଠାରୁ...**

## ସବୁ ଦଳ ପ୍ରତି...

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଏନ୍‌ଫୋର୍ସମେଣ୍ଟ ଏଜେନ୍ସି, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଛି। ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାପାଳ କିମ୍ବା ଏସ୍‌ପି ଅନ୍ୟ ରାଜନୈତିକ ଦଳ କଥା ଶୁଣୁନାହାନ୍ତି। ସରକାରୀ କଳକୁ ନିର୍ବାଚନରେ ବ୍ୟବହାର କରାଯାଉଛି। ସରକାରୀ ଗାଡ଼ି ଓ ଆମ୍ବୁଲାନ୍ସରେ ଟଙ୍କା ନିଆଯାଉଛି। ପ୍ରଶାସନ ନିର୍ବାଚନ ହିଂସା ରୋକିବାରେ ବିଫଳ ହେଉଛି। ନିର୍ବାଚନ ଅବାଧ, ମୁକ୍ତ ଏବଂ ନିରପେକ୍ଷ ହେଉନାହିଁ। ପେଡ୍ ନ୍ୟୁଜ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସରକାରୀ ବିଜ୍ଞାପନରେ ଦଳୀୟ ଚିହ୍ନ ଦିଆଯାଉଛି। ଆଲୋଚନା ବେଳେ ବିଭିନ୍ନ ରାଜନୈତିକ ଦଳ ଏଭଳି ଅଭିଯୋଗ ଆଣିଥିବା କମିଶନର କହିଛନ୍ତି।

କମିଶନର କହିଛନ୍ତି, ଓଡ଼ିଶାରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟରେ ମୋଟ ୩ କୋଟି ୩୨ ଲକ୍ଷ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ୧.୮୪ କୋଟି ହୋଇଥିବା ବେଳେ ପୁରୁଷ ମତଦାତାଙ୍କ ସଂଖ୍ୟା ୧.୬୮ କୋଟି, ଭିନ୍ନକ୍ଷମ ଭୋଟର ସଂଖ୍ୟା ୪.୮୮ ଲକ୍ଷ ଏବଂ କିନ୍ନର ମତଦାତାଙ୍କ ସଂଖ୍ୟା ୩୩୮୦। ଯୁବ ଭୋଟର (୧୮ରୁ ୧୯ ବର୍ଷ)ଙ୍କ ସଂଖ୍ୟା ୭.୫୫ ଲକ୍ଷ ଥିବାବେଳେ ୯ ହଜାର ୬୦ ଜଣ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟର ଅଛନ୍ତି। ପ୍ରଥମ ଥର ପାଇଁ ୧.୭ ଲକ୍ଷ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ମହିଳା ଭୋଟରଙ୍କ ସଂଖ୍ୟା ୪ ପ୍ରତିଶତ ବୃଦ୍ଧି ପାଇଛି। ମତଦାନ ପାଇଁ ୩୭,୮୦୯ ବୁଥ୍ ବ୍ୟବସ୍ଥା ହୋଇଛି। ୨୨,୬୮୫ ମତଦାନ କେନ୍ଦ୍ରର ୱେବ୍‌କାଷ୍ଟିଂ ହେବ। ୪ ହଜାର ବୁଥ୍‌ରେ ମହିଳା ଅଧିକାରୀ ରହିବେ। ଏଥିସହିତ ୭୦୦ ଆଦର୍ଶ ମତଦାନ କେନ୍ଦ୍ର ହେବ। ମତଦାନ ହାର କମ୍ ଥିବା ଅଞ୍ଚଳ ଉପରେ ଗୁରୁତ୍ୱ ଦିଆଯିବ। ସମସ୍ତ ମତଦାନ କେନ୍ଦ୍ରରେ ପିଇବା ପାଣି, ଶୌଚାଳୟ ବ୍ୟବସ୍ଥା କରାଯିବ। ଏହାଛଡ଼ା ସି-ଭିଜିଲ୍ ଜରିଆରେ ହିଂସାକାଣ୍ଡ, ବୁଥ୍‌ରେ ଗଣ୍ଡଗୋଳ ଉପରେ ନଜର ରଖାଯିବ। କେଉଁଠି କିଛି ସମସ୍ୟା ଦେଖାଦେଲେ ଯେକୌଣସି ବ୍ୟକ୍ତି କମିଶନଙ୍କୁ ଜଣାଇପାରିବେ। ସି-ଭିଜିଲ୍ ଆପ୍ ଜରିଆରେ ନାମ ଗୋପନ ରଖି କମିଶନଙ୍କୁ ଲୋକମାନେ ଅଭିଯୋଗ କରିପାରିବେ। ଯେଉଁଠୁ ଅଭିଯୋଗ ଆସିବ ୧୦୦ ମିନିଟ୍ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ଦ୍ଦିଷ୍ଟ ଜାଗାରେ ସଭା ପାଇଁ ଯିଏ ପ୍ରଥମେ ଆବେଦନ କରିବ, ତାଙ୍କୁ ଅଗ୍ରାଧିକାର ଭିତ୍ତିରେ ଅନୁମତି ମିଳିବ। କୌଣସି ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ଥିଲେ, ସେ ଗଣମାଧ୍ୟମରେ ୩ ଥର ବିଜ୍ଞାପନ ଦେଇ ଜଣାଇବେ। ସବୁ ରାଜନୈତିକ ଦଳ ପ୍ରତି ସମାନ ମନୋଭାବ ପୋଷଣ କରିବା ସହ ସେମାନଙ୍କ ଅଭିଯୋଗ ଶୁଣିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

କୋଟିଆରେ ପୂର୍ବବର୍ଷ ଭଳି ନିର୍ବାଚନ ହେବ। ଆସନ୍ତା ଜୁନ୍ ୨୪ରେ ଓଡ଼ିଶା ବିଧାନସଭାର କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ୧୬ ଜୁନ୍‌ରେ ଲୋକ ସଭା କାର୍ଯ୍ୟକାଳ ଶେଷ ହେବ। ଏହା ପୂର୍ବରୁ ନିର୍ବାଚନ ହେବା ଜରୁରୀ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ କମିଶନର। ଖବରଦାତା ସମ୍ମିଳନୀରେ ନିର୍ବାଚନ କମିଶନର ଅରୁଣ ଗୋଏଲ, ବରିଷ୍ଠ ଉପନିର୍ବାଚନ କମିଶନର ଧର୍ମେନ୍ଦ୍ର ଶର୍ମା ଓ ନିତେଶ ବ୍ୟାସ୍, ବରିଷ୍ଠ ଡେପୁଟି ନିର୍ବାଚନ କମିଶନର ମନୋଜ କୁମାର ସାହୁ, ଡିଜି ମିଡିଆ ବି.ନାରାୟଣନ୍, ନିର୍ଦ୍ଦେଶକ ପଙ୍କଜ ଶ୍ରୀବାସ୍ତବ, ନିର୍ବାଚନ ଆୟୋଗଙ୍କ ସଚିବ ରାକେଶ କୁମାର ଓ ଡେପୁଟି ଡାଇରେକ୍ଟର ପି. ପାୱନ୍, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଳା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଫେରିବ ଚୌଦ୍ୱାର...

ଶିଳ୍ପ ବିକାଶ କ୍ଷେତ୍ରରେ ବିଜୁବାବୁଙ୍କ ଉଦ୍ୟମ ଉଲ୍ଲେଖନୀୟ। ଏହି ପ୍ରକଳ୍ପ ଦ୍ୱାରା ୧୦,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ସହିତ ୨୦,୦୦୦ ପରୋକ୍ଷ ନିଯୁକ୍ତି ମିଳିବ। ଓଡ଼ିଶାର କପାଚାଷୀଙ୍କ ଉନ୍ନତି ପାଇଁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି। ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ଚୌଦ୍ୱାର ହେଉଛି ଓଡ଼ିଶାର ପ୍ରଥମ ଶିଳ୍ପନଗରୀ। ଶନିବାର ପୁଣିଥରେ ଏହା ବିକାଶ ପଥରେ ଅଗ୍ରସର ହେଲା। ଏହି ଶିଳ୍ପ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସହିତ ବ୍ୟାପକ ଆତ୍ମନିଯୁକ୍ତି ମଧ୍ୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଜନସାଧାରଣଙ୍କ ସହ ମତ ବିନିମୟ କରି ବିଭିନ୍ନ ଯୋଜନାରେ ବର୍ଦ୍ଧିତ ଅର୍ଥପ୍ରାପ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ମଧୁବାବୁ ପେନ୍‌ସନ୍, ମମତା, ଲକ୍ଷ୍ମୀ ଓ କଳାକାର ଭତ୍ତା ଯୋଜନାରେ ବଢ଼ିଥିବା ଅର୍ଥ ସମ୍ପର୍କରେ ଲୋକଙ୍କୁ ସଚେତନ କରି ଗାଁରେ ଅନ୍ୟମାନଙ୍କୁ ଜଣାଇବାକୁ କହିଥିଲେ। ସେହିପରି ନୂଆ-ଓ ଛାତ୍ରବୃତ୍ତି ଆସନ୍ତା ୨୫ ତାରିଖ ସୁଦ୍ଧା ଛାତ୍ରୀଛାତ୍ରମାନେ ପାଇବେ ବୋଲି କହିଥିଲେ। ଚୌଦ୍ୱାର ବୟନଶିଳ୍ପ ପାଇଁ ୬୫୦ ପରିବାରର ଘର ସମସ୍ୟା ସୃଷ୍ଟି ହେଉଥିବା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ସମସ୍ୟା ଶୀଘ୍ର ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସୌଭିକ୍ ବିଶ୍ୱାଳ, ପ୍ରତାପ ଜେନା, ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ ବେହେରା, ପ୍ରମୋଦ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ୱେଲ୍‌ସ୍ପନ୍ ଗ୍ରୁପ୍ ବିଶ୍ୱର ଏକ ପ୍ରସିଦ୍ଧ ବୟନ ସାମଗ୍ରୀ ଉତ୍ପାଦନ କମ୍ପାନୀ। ଚୌଦ୍ୱାରରେ ଏହା ଏକ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ ମାନୁଫାକ୍ଚରିଂ ଫାସିଲିଟି ଏବଂ ୱେୟାରହାଉସିଂ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ୩୦୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରୁଛି। ଏହାଦ୍ୱାରା ସିଧାସଳଖ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକୁ ବ୍ୟାପାର କ୍ଷେତ୍ରରେ ବିପୁଳ ସମ୍ଭାବନା ସୃଷ୍ଟି ହେବା ସହିତ ରାଜ୍ୟର ଶିଳ୍ପ ବାତାବରଣରେ ଉନ୍ନତି ଆସିବ। ୨୦୨୨ ମେକ୍-ଇନ୍-ଓଡ଼ିଶା କାର୍ଯ୍ୟକ୍ରମ ସମୟରେ ରାଜ୍ୟ ଶିଳ୍ପ ବିଭାଗ ଓ ଇପିକଲ ପକ୍ଷରୁ ଏକ ଟିମ୍ ୱେଲ୍‌ସ୍ପନ ଗ୍ରୁପ୍‌ର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡ଼ିଶାରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶାର ଶିଳ୍ପନୀତି ଓ ଅନୁକୂଳ ଶିଳ୍ପ ବାତାବରଣକୁ ଉପଲବ୍ଧି କରି ଏହି ଗ୍ରୁପ୍ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସମ୍ମତି ପ୍ରକାଶ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜି ସରିବ ମାଇନିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରଦର୍ଶନୀ

**ଭୁବନେଶ୍ୱର,୧୭।୨**

ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ୪ ଦିନିଆ ମାଇନିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ପ୍ରଦର୍ଶନୀ ରବିବାର ଶେଷ ହେଉଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

OAS HUB
*Make your dreams into reality*
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

ADMISSION OPEN
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏଏସିସିଆଇ ମହାରାଷ୍ଟ୍ର ପକ୍ଷରୁ ସଞ୍ଜୀବଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୭।୨**



ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ଏସିଆନ-ଆଫ୍ରିକାନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଏସିସିଆଇ)ର ମହାରାଷ୍ଟ୍ର ଶାଖା (ଚାପ୍ଟର) ପକ୍ଷରୁ ଭିକୋ ଲାବରେଟୋରିଜ୍‌ର ନିର୍ଦ୍ଦେଶକ ସଞ୍ଜୀବ ଗଜାନନ ପେନ୍ଧାରକରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏଏସିସିଆଇ ମହାରାଷ୍ଟ୍ର ଶାଖା ପକ୍ଷରୁ ମୁମ୍ବାଇଠାରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏଏସିସିଆଇର ସଭାପତି (ପ୍ରେସିଡେଣ୍ଟ) ବ୍ରଜେଶ କୁମାର ଭିକୋ ଲାବରେଟୋରିଜ୍‌ର ନିର୍ଦ୍ଦେଶକ ସଞ୍ଜୀବ ଗଜାନନ ପେନ୍ଧାରକରଙ୍କୁ ଉତ୍ତରୀୟ ସହ ସମ୍ମାନିତ (ସମ୍ବର୍ଦ୍ଧିତ) କରିଥିଲେ।

## ଜେଏସ୍‌ପିକୁ ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଆୱାର୍ଡ

**ଭୁବନେଶ୍ୱର,୧୭।୨ (ଅଭୟ ଦାଶ)**




ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ଓ ମାନ୍ୟତା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଅଲ ଇଣ୍ଡିଆ ବିଜ୍‌ନେସ ଆଣ୍ଡ କମ୍ୟୁନିଟି ଫାଉଣ୍ଡେଶନ (ଏଆଇବିସିଏଫ୍) ପକ୍ଷରୁ ଏକ ଦିନିକିଆ ଜାତୀୟ ସମ୍ମିଳନୀ 'ଇମ୍ପାକ୍ଟ ଫୁଲ୍ ସଷ୍ଟେନେବଲ୍ ବିଜ୍‌ନେସ ପ୍ରାକ୍ଟିସ ନ୍ୟାଶନାଲ କନ୍‌କ୍ଲେଭ'ର ଆୟୋଜନ କରାଯାଇଥିଲା। ଉକ୍ତ କନ୍‌କ୍ଲେଭରେ ଜେଏସ୍‌ପିକୁ ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଆୱାର୍ଡ-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବର ଆୟୋଜନ ହୋଇଥିଲା। ଉକ୍ତ ଉତ୍ସବରେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମା, ଲାଲ ବାହାଦୁର ଶାସ୍ତ୍ରୀ ଫାଉଣ୍ଡେଶନର ସଭାପତି ସୁନୀଲ ଶାସ୍ତ୍ରୀ, ବରିଷ୍ଠ ରାଜନେତା ଡ. ବିଜୟ ଜଲି ଓ ଅନ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜେଏସ୍‌ପିର ପ୍ରତିନିଧି ଅତିଥିମାନଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ନାବାର୍ଡ ସହଭାଗିତାରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଜଳସେଚନ ପରିଚାଳନା ପ୍ରକଳ୍ପ ଓଡ଼ିଶାର ଅନୁଗୋଳ ଜିଲାରେ କୃଷକଙ୍କ ବିକାଶ ପାଇଁ ଉଲ୍ଲେଖନୀୟ ଯୋଗଦାନ ପ୍ରଦାନ କରିଛି। ବିଶେଷକରି ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସ୍‌ପିକୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା (ଚେୟାରପର୍ସନ) ଶାଲୁ ଜିନ୍ଦଲ କହିଛନ୍ତି, ଆମେ ସ୍ଥାନୀୟ ଲୋକମାନଙ୍କ ଜୀବନରେ ଗୁଣାତ୍ମକ ବିକାଶ ପାଇଁ ପରିବେଶର ନିରନ୍ତର ଉନ୍ନତିରେ ବିଶ୍ୱାସ କରିଥାଉ।

## ପତଞ୍ଜଳିର 'ସୁମଧୁ' ଆପ୍ ପୁରସ୍କୃତ

**ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)**




ମହୁର ଶୁଦ୍ଧତା ଏବଂ ଗୁଣ ପରୀକ୍ଷା କରିବାକୁ ଏଆଇ ଆଧାରିତ ପ୍ରଯୁକ୍ତିବିଦ୍ୟା ପାଇଁ ପତଞ୍ଜଳିର 'ସୁମଧୁ' ଆପ୍‌କୁ ପୁରସ୍କୃତ କରାଯାଇଛି। ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ଦ୍ୱାରା ଆୟୋଜିତ ବୈଜ୍ଞାନିକ ମଧୁପାଳନ ସମ୍ବନ୍ଧୀୟ ଜାତୀୟ ସେମିନାରରେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏ ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣ କହିଛନ୍ତି, ସେମିନାରରେ ଦେଶର ବିଭିନ୍ନ ଅନୁଷ୍ଠାନ ତଥା ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ମହୁର ଶୁଦ୍ଧତା ଏବଂ ଗୁଣ ପାଇଁ ଅନେକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହି ସେମିନାରରେ, ପତଞ୍ଜଳି ଦ୍ୱାରା ବ୍ୟବହୃତ ହେଉଥିବା ଏଆଇ ଭିତ୍ତିକ ସମାଧାନ ମହୁର ସ୍ୱଚ୍ଛତା ଏବଂ ଗୁଣ ପାଇଁ ସର୍ବୋତ୍ତମ ବୋଲି ବିବେଚନା କରାଯାଇଥିଲା। ବୈଜ୍ଞାନିକ ତଥା ବହୁ ଅନୁଷ୍ଠାନ ଏହାକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସୂଚନାଥାଉ କି, ପତଞ୍ଜଳି ପ୍ରତିଷ୍ଠାନ ଆୟୁର୍ବେଦ ଏବଂ ଯୋଗ ବୈଜ୍ଞାନିକ ଅନୁସନ୍ଧାନରେ କୃଷି ଅନୁସନ୍ଧାନ ଏବଂ କୃଷିଭିତ୍ତିକ ଉତ୍ପାଦର ଗୁଣବତ୍ତା ଏବଂ ଶୁଦ୍ଧତା ସହ ଏକ ଅଗ୍ରଣୀ ଭାବରେ କାର୍ଯ୍ୟ କରୁଛି। ପତଞ୍ଜଳି ମହୁର ଶୁଦ୍ଧତା ପାଇଁ ଗ୍ରାହକଙ୍କୁ ମହୁର ପ୍ୟାକେଜିଂ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସମ୍ପର୍କରେ ସୂଚନା ଦେବା ପାଇଁ 'ସୁମଧୁ' ଆପ୍ (ହନି ଟ୍ରାସେବିଲିଟି ମ୍ୟାନେଜମେଣ୍ଟ) ଲଞ୍ଚ କରିଛି।

## ଏନ୍‌ଏଚ୍‌ଏଆଇ ଫାସ୍‌ଟାଗ୍ ସେବାରୁ ହଟିଲା ପେଟିଏମ୍

**ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)**

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ମାଧ୍ୟମରେ ଆର୍ଥିକ କାରବାର ବନ୍ଦ କରିବା ସହ ଅନ୍ୟ ବ୍ୟାଙ୍କ ସହ ହାତ ମିଳାଇଛି। ମାର୍ଚ୍ଚ ୧୫ ପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ଜମା ଉପରେ ରୋକ୍ ଲଗାଇଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ମିଳିଥିବା ସୂଚନାନୁସାରେ ୨୪୭ ଟୋଲ୍ ପ୍ଲାଜାରେ ପୂର୍ବରୁ ପେଟିଏମ୍ ବ୍ୟାଙ୍କ ମାଧ୍ୟମରେ ଦେୟ ପ୍ରଦାନ କରାଯାଉଥିବାବେଳେ ବର୍ତ୍ତମାନ ଏହି ବ୍ୟାଙ୍କଗୁଡିକ ମାଧ୍ୟମରେ ଦେୟ ପ୍ରଦାନ କରାଯାଇପାରିବ। ଆର୍‌ବିଆଇର ନିଷ୍ପତ୍ତି ଯୋଗୁ ୱାନ୍‌୯୭ ଯୋଗାଯୋଗର ଏକ ସହାୟକ କମ୍ପାନୀ ପେମେଣ୍ଟ ବ୍ୟାଙ୍କକୁ ହଟାଇ ଦିଆଯାଇଛି। ପେଟିଏମ୍ ପେମେଣ୍ଟସ ଦ୍ୱାରା ପରିଚାଳିତ ଏହି ୨୪୭ ଟୋଲ୍ ପ୍ଲାଜାର ଦୈନିକ ଟୋଲ୍ ସଂଗ୍ରହରେ ୧୯୦ କୋଟି ଟଙ୍କା ଶେୟାର ରହିଛି। ଏହା ସମୁଦାୟ ଟୋଲ୍ ସଂଗ୍ରହର ପ୍ରାୟ ୧୪ ପ୍ରତିଶତ । ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ବଦଳରେ ଏନ୍‌ଏଚ୍‌ଏଆଇର ଇଣ୍ଡିଆନ ହାଇୱେ ମ୍ୟାନେଜମେଣ୍ଟ କମ୍ପାନୀ ଆକ୍ସିସ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆଇଡିବିଆଇ ବ୍ୟାଙ୍କ, ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କକୁ ବାଛିଛି।


# Classified Everyday

**0674-2580101, 2549949**



MATRIMONIAL

### BRIDE WANTED

Searching any or Kaibarta caste Grooms and Brides for Best Suited Kaibarta Caste Brides and Grooms. Mob.: 9990161440. D-2558

27yr Brahmin Groom, IIT Engineer High Salary working at Bangalore seeks qualified smart bride. Contact: 9337281564. D-71580

### GROOM WANTED

ପୁରୀ ବାସିନ୍ଦା 47 ବୟସ୍କା Widow Postal ଚାକିରିଆ ସୁନ୍ଦର ବ୍ରାହ୍ମଣ ଘରର ଝିଅଙ୍କୁ ବରପାତ୍ର ଆବଶ୍ୟକ। 8327715036. D-2525

Wanted Doctor groom Brahmin (MBBS/MD) for our daughter MBBS Doctor working in Odisha Government, age-27. Contact- 8917639271. D-2549



### REAL ESTATE

**SALE**

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

**2BHK Readymade new Flat Sale at Prime location near Ravi Talkies Chhak. Railway station and Airport are just 10 minutes away. Bank finance available. Only Buyer please call for details: 9438220432/ 8144658008.** D-2552

Plot for near AIIMS Hospital, Bhubaneswar and duplex sale @57,00,000/-. 9777433701. D-75915

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit- 7008184348. D-71067

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

**Gharabari plot 1100sf. near Lingaraj Temple, no litigation, Direct Owner, Immediate sale. 9178924698.** D-2545

12,000sqft. gharabari plot for sale at Chandaka. Contact: 8895086603. D-71578

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75707

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

Contact for Complete House Construction (Simplex/ Duplex/ Apartment), Interior Design (Modular Kitchen/ TV Unit/ Wardrobe) and Home Furniture. MPlanets- 7008550473. D-2553

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡ଼ାବର Bypass sqft.-500/-. 9776974912. D-75904

ଭୁବନେଶ୍ୱରସ୍ଥିତ ଏକ New ଜକି ଶୋରୁମ୍ furniture ସହିତ ବିକ୍ରିହେବ। ଯୋଗାଯୋଗ- 9078017622. D-2554



CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385




2BHK K-3A Kalinga Nagar, Ghatikia, Bhubaneswar 2nd floor one to-let rent 8000/-. Contact: 9337281564. D-71579

Ground floor of Carpet Area 2000sqft. for Office or Bank in Cuttack Road in front of ESPLANADE MALL, Bomikhal (Rasulgarh). Please Contact- 9937044577. D-2547

### ACCOMMODATION

Required commercial space/showroom 10'x10' at Ashok Nagar, Kharvelnagar, Sahid Nagar, Cuttack road. 9861033004. D-74717




Relax refreshment body massage therapy by experience lady therapist. 7008773793. D-76102

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555

Herbal full body massage by smart/expert therapist. Contact- 9124139069. D-75706

Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

"Only Ayurvedic body massage & Steam-Bath. 9861550765". D-2495


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### AFFIDAVIT

I, SAHANWAJ ALLI KHAN, F/o- SHAAN-AL-NAWAZ KHAN, Resident of Kurang Pradhan, At-Raipur, Cuttack, P.O.-Cuttack SadarThana, Odisha-754001 are by this affidavit No.-65AA396118 dtd.17.02.2024, That now onwards I shall be known as SAHANWAJ ALLI KHAN for all future purposes. Because my name is wrongly mention on my Son's Passport. That is SANAWAJ ALLI KHAN. D-2556

I, Kurma Rao, F/o- Sri K. Sridhara Rao(50), Vill/P.O.-Rambha, P.S.- Rambha, Ganjam, Odisha declared by this affidavit No.-A/291, 17.02.2024, that now onwards I shall be known as K.Kurma Rao for all future purposes. D-2564

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

0199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

### LEGAL NOTICE

In the Court of the Additional District Judge, At- Dharmagarh. R.F.A. No.-31/58 of 2010/2011
Sasthi Prasad Mund -Appellants.
Vrs.
Sarat Chandra Mund & Others. ..... Respondents.
(Under Order 5. Rule 20 of C.P.C.)
To,
Respondent No.- 2(iii) Sujit Kumar Mund, aged about 40 years, S/o- Late Narasingha Mund, resident of Village: Chilchila, P.O.- Brahmanchhendia, P.S.- Munsiff Dharmagarh, Dist.- Kalahandi, Odisha. (vi) Anita Panda, aged about 30 years, D/o.- Late Narasingha Mund and W/o- Nabin Kumar Panda, Resident of Village/P.O.- Behere, P.S.-Munsiff, Koksara, Dist.- Kalahandi, Odisha, (viii) Dhubani Patra, aged about 52 years, D/o- Late Rajkishor Mund, Resident of Village/P.O.- Khairpadar, P.S./Munsiff: Dharmagarh, Dist.- Kalahandi, Odisha, (ix) Sanjukta Babu, aged about 48 years, D/o-Late Rajkishor Mund, W/o- Abhaya Kumar Babu, Resident of Village/P.O.- Larka, P.S.- Munsiff: Sinapali, Dist.- Nuapada, Odisha.

WHEREAS the appellant has filed an Appeal against you against the Judgement and Decree passed by the Civil Judge, Sr. Div., Dharmagarh in T.S. No. 47/1996. You are hereby summoned to appear in this Court in person or through pleader on 27th day of Feb. 2024 to answer the same failing which appeal will be disposed of ex-parte.

Given under my hand and seal of the Court on this the 6th day of Feb. 2024.

Sd./- Additional District Judge, Dharmagarh. D-2563

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଜୟସ୍ୱାଲଙ୍କ ଶତକ, ଭାରତ ଅଗ୍ରଣୀ

ରାଜକୋଟ,୧୭।୨(ପି.ଟି.)

ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ଓ ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ବଳରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ଭାରତ। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୨ ଉଇକେଟରେ ୧୯୬ ରନ୍ ସ୍କୋର କରିଥିବା ବେଳେ ୩୨୨

## ଇଂଲଣ୍ଡର ପ୍ରଥମ ଇନିଂସ ୩୧୯ରେ ସୀମିତ

ରନ୍‌ରେ ଆଗୁଆ ରହିଛି। ଭାରତ ପ୍ରଥମ ଇନିଂସରେ ୪୪୫ ରନ୍ ସ୍କୋର କରିଥିବା ବେଳେ ବେନ୍ ଡକେଟ୍‌ଙ୍କ ୧୫୩ ରନ୍ ବଳରେ ଇଂଲଣ୍ଡ ୩୧୯ ରନ କରିପାରିଥିଲା।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୦୭/୨ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ପୂର୍ବ ଦିନର ଶତକ ହାସଲକାରୀ ବେନ୍ ଡକେଟ୍ ଓ ଜୋ ରୁଟ୍ ଦଳୀୟ ସ୍କୋର ୨୨୪ ରନ୍‌ରେ ପହଞ୍ଚାଇଥିଲେ। ଯଶପ୍ରୀତ୍ ବୁମରାଙ୍କୁ ରିଭର୍ସ ସ୍କୁପ୍ ଖେଳିବାକୁ ଯାଇ ରୁଟ୍ ସ୍ଲିପ୍‌ରେ ଜୟସ୍ୱାଲଙ୍କ ହାତରେ ଆଉଟ ହୋଇଥିଲେ। ପରବର୍ତ୍ତୀ ଓଭରରେ ଖାତା ଖୋଲିବା ଆଗରୁ ଜନି ବେୟାରଷ୍ଟୋ କୁଲଦୀପ ଯାଦବଙ୍କ ବଲରେ ଆଉଟ ହୋଇଥିଲେ। ଅଧିନାୟକ ବେନ୍ ଷ୍ଟୋକ୍ସ(୪୧) ଓ ଡକେଟ୍‌ଙ୍କ ମଧ୍ୟରେ ପଞ୍ଚମ ଉଇକେଟରେ ୩୫ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୧୫୩ ରନ୍ କରିଥିବା ଡକେଟ୍‌ଙ୍କୁ ଆଉଟ କରିଥିଲେ କୁଲଦୀପ। ୧୫୧ ବଲ୍ ଖେଳି ସେ ୨୩ ଚୌକା ଓ ୨ ଛକା ମାରିଥିଲେ। ମହମ୍ମଦ ସିରାଜ ଅଗ୍ନିବର୍ଷୀ ବୋଲିଂ କରି ୪ ଉଇକେଟ ନେବା ସହ ଇଂଲଣ୍ଡର ନିମ୍ନକ୍ରମକୁ ପୋଛି ଦେଇଥିଲେ। ଇଂଲଣ୍ଡ ୩୧୯ ରନ୍‌ରେ ସମସ୍ତ ଉଇକେଟ ହରାଇବା ସହ ୧୨୬ ରନ୍



ଶତକ ହାସଲ ପରେ ଉଲ୍ଲସିତ ଯଶସ୍ୱୀ ଜୟସ୍ୱାଲ।

ପଛରେ ରହିଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ ୪ ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଓ ଯଶପ୍ରୀତ ବୁମ୍‌ରା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତର ଦ୍ୱିତୀୟ ଇନିଂସ ସତର୍କତାର ସହ ଆରମ୍ଭ କରିଥିଲେ ରୋହିତ ଶର୍ମା(୧୯) ଓ ଯଶସ୍ୱୀ ଜୟସ୍ୱାଲ(୧୦୪)। ଉଭୟ ପ୍ରଥମ ଉଇକେଟରେ ୩୦ ରନ୍ ଯୋଡିଥିବା ବେଳେ ପାର୍ଟ ଟାଇମର ଜୋ ରୁଟ୍‌ଙ୍କ ବଲରେ ଲେଗ୍ ବିଫୋର ହୋଇଥିଲେ ରୋହିତ ଶର୍ମା। ପ୍ରଥମ ଇନିଂସରେ ଖାତା ଖୋଲିବାରେ ବିଫଳ ହୋଇଥିବା ଶୁବମନ ଗିଲ୍ ୬୫ ରନ୍ ସ୍କୋର କରିଥିବା ବେଳେ ଜୟସ୍ୱାଲଙ୍କ ସହ ଦ୍ୱିତୀୟ ଉଇକେଟରେ ଯୋଡିଥିଲେ ୧୫୫ ରନ୍। ଟେଷ୍ଟ କ୍ୟାରିୟରର ତୃତୀୟ ଶତକ ହାସଲ କରିବା ସହ ଜୟସ୍ୱାଲ ୧୦୪ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ୧୩୩ ବଲ୍‌ର ଇନିଂସରେ ଜୟସ୍ୱାଲ ୯ ଚୌକା ଓ ୫ ଛକା ମାରିଥିଲେ। ଅଣ୍ଟା ଯନ୍ତ୍ରଣା କାରଣରୁ ଦଳୀୟ ସ୍କୋର ୧୮୫ରେ ଜୟସ୍ୱାଲ ପଡିଆ ଛାଡିଥିଲେ। ରଜତ ପଟିଦାର କ୍ରିଜ୍‌କୁ ଆସିଥିଲେ ମଧ୍ୟ ଖାତା ଖୋଲିବା ଆଗରୁ ଟମ୍ ହାର୍ଟଲେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ଗିଲ୍ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିବା ସହ ୧୨୦ ବଲ୍ ଖେଳି ୬ ଚୌକା ଓ ୨ ଛକା ମାରି ୬୫ ରନ୍‌ରେ ବ୍ୟାଟିଂ କରୁଛନ୍ତି। ନାଇଟ୍ ୱାଚମ୍ୟାନ୍ କୁଲଦୀପ ଯାଦବ ୩ ରନ୍ କରି କ୍ରିଜ୍‌ରେ ଉପସ୍ଥିତ ଅଛନ୍ତି। ଇଂଲଣ୍ଡ ପକ୍ଷରୁ ଜୋ ରୁଟ୍ ଓ ଟମ୍ ହାର୍ଟଲେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୪୪୫/୧୦
ଇଂଲଣ୍ଡ ପ୍ରଥମ ଇନିଂସ ୭୧.୧ ଓଭରରେ ୩୧୯/୧୦(ବେନ୍ ଡକେଟ୍-୧୫୩, ବେନ୍ ଷ୍ଟୋକ୍ସ-୪୧, ଓଲି ପୋପ୍-୩୯, ମହମ୍ମଦ ସିରାଜ-୪/୮୪, ରବୀନ୍ଦ୍ର ଜାଡେଜା-୨/୫୧, କୁଲଦୀପ ଯାଦବ-୨/୭୭)।
ଭାରତ ଦ୍ୱିତୀୟ ଇନିଂସ: ୫୧ ଓଭରରେ ୧୯୬/୨(ଯଶସ୍ୱୀ ଜୟସ୍ୱାଲ(ରିଟାୟର୍ଡ ହର୍ଟ)-୧୦୪, ଶୁବମନ ଗିଲ୍- ୬୫*, ଜୋ ରୁଟ୍-୧/୪୮, ଟମ୍ ହାର୍ଟଲେ-୧/୪୨)।

# ବିପ୍ଳବଙ୍କ ଶତକ, ଓଡ଼ିଶା ୪୪୦

ଭୁବନେଶ୍ୱର, ୧୭।୨ (ତପନ ସ୍ୱାଇଁ)

ନୂଆଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ଦିଲ୍ଲୀ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଶୁଭ୍ରାଂଶୁ ସେନାପତିଙ୍କ ପରେ ବିପ୍ଳବ

**ରଣଜୀ ଟ୍ରଫି**
**ଦିଲ୍ଲୀ ପ୍ରଥମ ଇନିଂସ: ୧୮୭/୨**

ସାମନ୍ତରାୟଙ୍କ ଶତକ ସତ୍ତ୍ୱେ ଓଡ଼ିଶା ପ୍ରଥମ ଇନିଂସରେ ୪୪୦ ରନରେ ଅଲ୍‌ଆଉଟ ହୋଇଛି। ଶନିବାର ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଦିଲ୍ଲୀ ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୧୮୭ ରନ କରିଛି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ଦିଲ୍ଲୀ ଏବେ ଓଡ଼ିଶା ପ୍ରଥମ ଇନିଂସଠାରୁ ୨୫୩ ରନ ପଛରେ ରହିଛି। ଅନୁଜ ରାୱତ ୪୦ ଓ ଗଗନ ଭସ ୬୬ ରନକରି ଆଉଟ ହୋଇଥିବାବେଳେ ୟାସ ଧୁଲ ୫୭ ଓ ଆୟୁଷ ବଦୋନୀ ୧୫ ରନକରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ଗୋଟିଏ ଉଇକେଟ ନେଇଥିବାବେଳେ ଗଗନଙ୍କୁ ଡାଇରେକ୍ଟ ଥ୍ରୋରେ ରନ୍‌ଆଉଟ କରିଛନ୍ତି।

### ଶେଷ ୧୦ ରନରେ ୫ ଉଇକେଟର ପତନ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୧୪/୪ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ପୂର୍ବ ଦିନ ୧୦୯ ରନକରି ଅପରାଜିତ ଥିବା ଶୁଭ୍ରାଂଶୁ ଆଉ ମାତ୍ର ୨ ରନ ଯୋଗକରି ମିଡିୟମ ପେସର ପ୍ରଂଶୁ ବିଜୟରନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ଅଭିଜ୍ଞ



ବିପ୍ଳବ ସାମନ୍ତରାୟ

ବିପ୍ଳବ ଓ ଯୁବ ଉଇକେଟକିପର ଆଶୀର୍ବାଦ ସ୍ୱାଇଁ ୬ଷ୍ଠ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଦୁହେଁ ୧୯୯ ବଲ୍‌ରୁ ୧୧୧ ରନ ଯୋଗ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ଓଡ଼ିଶା ଇନିଂସ ଭୁଶୁଡ଼ି ପଡ଼ିଥିଲା। ପରବର୍ତ୍ତୀ ୧୦ ରନ ମଧ୍ୟରେ ୫ ଉଇକେଟ ପଡ଼ି ଯାଇଥିଲା। ଅର୍ଥାତ୍ ଏକଦା ୫ ଉଇକେଟ ହରାଇ ୪୩୦ ରନ କରିଥିବା ଓଡ଼ିଶା ୪୪୦ ରନରେ ଅଲ୍‌ଆଉଟ ହୋଇଥିଲା। ଅର୍ଦ୍ଧଶତକ ହାସଲଠାରୁ ୪ ରନ ଦୂରରେ ଥିବାବେଳେ ଆଶୀର୍ବାଦ ୪୬ ରନକରି ସୁମିତ ମାଥୁରଙ୍କ ବଲ୍‌ରେ ହିମତ ସିଂଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ବିପ୍ଳବ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୭ମ ପ୍ରଥମଶ୍ରେଣୀ ଶତକ। ୨୧୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ତାରକା ବ୍ୟାଟର ୧୨ ଚୌକା ଓ ୧ ଛକା ସହାୟତାରେ ୧୧୦ ରନ କରିଥିଲେ। ଶେଷ ଭାଗରେ ରାଜେଶ ମହାନ୍ତି ୬ ରନ କରିଥିବାବେଳେ ଜାମଲା ଭଞ୍ଜନ ମହାପାତ୍ର, ହର୍ଷିତ ରାଠୋଡ ଓ ସୁନୀଲ ରାଉଳ ଖାତା ଖୋଲିପାରି ନ ଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ସୁମିତ ମାଥୁର ୪ଟି ଏବଂ ପ୍ରଂଶୁ ବିଜୟରନ ଓ ହିମତ ସିଂ ୩ଟି ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୪୪୦/ ଅଲ୍‌ଆଉଟ (ଶୁଭ୍ରାଂଶୁ ସେନାପତି-୧୧୧, ବିପ୍ଳବ ସାମନ୍ତରାୟ-୧୧୦, ଶାନ୍ତନୁ ମିଶ୍ର-୭୬, ଆଶୀର୍ବାଦ ସ୍ୱାଇଁ-୪୬, ସୁମିତ ମାଥୁର-୪/୯୭, ପ୍ରଂଶୁ ବିଜୟରନ-୩/୭୪, ହିମତ ସିଂ-୩/୪୨)।
ଦିଲ୍ଲୀ ପ୍ରଥମ ଇନିଂସ: ୧୮୭/୨ (ଗଗନ ଭସ-୬୬, ୟାସ ଧୁଲ-୫୭*, ଅନୁଜ ରାୱତ-୪୦, ସୁନୀଲ ରାଉଳ-୧/୪୪)।

# ଟୁର୍, ଜ୍ୟୋତି, ହର୍ମିଲାନଙ୍କୁ ସ୍ୱର୍ଣ୍ଣ

ତେହେରାନ, ୧୭।୨ (ପି.ଟି.)

ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଶନିବାର ପ୍ରଥମ ଦିବସରେ ଭାରତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅଗ୍ରଣୀ ଶଟ୍‌ପୁଟର ତେଜିନ୍ଦର ପାଲ୍ ସିଂ ଟୁର୍ ଓ ହର୍ଡଲର ଜ୍ୟୋତି ୟାରାଜୀ ସେମାନଙ୍କ ଜାତୀୟ ରେକର୍ଡ କରିଥିବା ବେଳେ ହର୍ମିଲାନ ବେନ୍ସ ତାଙ୍କ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଟୁର୍ ତାଙ୍କ ଦ୍ୱିତୀୟ ପ୍ରଚେଷ୍ଟାରେ ୧୯.୭୨ ମିଟର ଫିଙ୍ଗି ନୂଆ ଜାତୀୟ ରେକର୍ଡ କରିଛନ୍ତି। କାଜାଖସ୍ତାନର ଇଭାନୋଭ ଇଭାଦ (୧୯.୦୮ ମିଟର) ଓ ଇରାନର ମେହଦି ସାବେରି (୧୮.୭୪ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ଉଦୀୟମାନ ଭାରତୀୟ ସ୍ପ୍ରିଣ୍ଟର ଜ୍ୟୋତି ୟାରାଜୀ ମହିଳା ୬୦ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୮.୧୨ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିବା ବେଳେ ତାଙ୍କ ନାମରେ ରହିଥିବା ଜାତୀୟ ରେକର୍ଡକୁ ଭଙ୍ଗ କରିଛନ୍ତି। ୧୦୦ମିଟର ହର୍ଡଲ୍ସରେ ୨୦୨୨ ଏସିଆନ ଗେମ୍ସ ରୌପ୍ୟ ବିଜେତାଙ୍କର ସମାନ ଇଭେଣ୍ଟରେ ପୂର୍ବ ଶ୍ରେଷ୍ଠ ଟାଇମିଂ ୮:୧୩ ସେକେଣ୍ଡ ରହିଥିଲା। ୨୪ବର୍ଷୀୟା ଏହି ଆଥ୍‌ଲେଟ ୮:୨୨ ସେକେଣ୍ଡ ଟାଇମିଂ ସହ ସେ ପ୍ରଥମ ସ୍ଥାନରେ ରହିଥିଲେ।

# ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ ଆରମ୍ଭ

ଭୁବନେଶ୍ୱର, ୧୭।୨ (ତପନ ସ୍ୱାଇଁ)

ଜଗରନଟ୍ସ ସ୍ପୋର୍ଟିଂ ଫାଉଣ୍ଡେଶନ ଆନୁକୂଲ୍ୟରେ ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ ଚାମ୍ପିୟନଶିପ୍ ଶନିବାର ସ୍ଥାନୀୟ ଜେଏଲ୍‌ବି ଆରେନାରେ ଆରମ୍ଭ ହୋଇଛି। ୫୦,୦୦୦ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାରେ ମୋଟ ୪୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ରାଜ୍ୟର ୬ ଜିଲାରୁ ୩୮ଟି ଏବଂ କଲେଜରେ ପଢୁଥିବା ବିଦେଶୀ ପିଲାମାନଙ୍କୁ ନେଇ ୨ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଗ୍ରୁପ୍ ଓ ନକ୍‌ଆଉଟ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ। ରାଜ୍ୟରେ ଫୁଟବଲ ସଂସ୍କୃତି ସୃଷ୍ଟି କରିବା ଲକ୍ଷ୍ୟ ନେଇ ଜଗରନଟ୍ସ ସ୍ପୋର୍ଟିଂ ଫାଉଣ୍ଡେଶନ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି।

# ପାୱାର କ୍ରିକେଟ କପ୍: ଇଡ୍‌କୋ ଚାମ୍ପିୟନ

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ୧୬ତମ ପାୱାର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଡ୍‌କୋ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଶନିବାର ଓପିଟିସିଏଲ୍ ଦଳକୁ ହରାଇ ଇଡ୍‌କୋ ଚାମ୍ପିୟନ ହୋଇଛି। ଓପିଟିସିଏଲ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି୨୦ ଓଭରରେ ୫ ଉଇକେଟରେ୧୩୬ ରନ୍ କରିଥିଲା। ଜବାବରେ ଇଡ୍‌କୋ ୧୯ ଓଭରରେ ୧୩୮ କରି ବିଜୟ ହେଇଥିଲା। ଇଡ୍‌କୋ ବ୍ୟାଟ୍ସମ୍ୟାନ ଚନ୍ଦ୍ରମଣି ବିଶ୍ୱାଳଙ୍କ ଦମଦାର ବ୍ୟାଟିଂ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଓପିଟିସିଏଲ୍‌ର ଅଭୟ ମଲ୍ଲିକ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭୟ ମଲ୍ଲିକ ଓ ବି. ଶିବା ଯଥାକ୍ରମେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶେଷ୍ଠ ବୋଲର ବିବେଚିତ ହୋଇଥିଲେ। ତୃତୀୟ ସ୍ଥାନ ପାଇଁ ହେଉଥିବା ମ୍ୟାଚରେ ଟିପିଏନ୍‌ଓଡିଏଲ୍ ୬୦ ରନ୍‌ରେ ଟିପିସିଓଡିଏଲ୍‌କୁ ପରାସ୍ତ କରିଥଲା। ଶେଷରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ ଓ ଶ୍ରେଷ୍ଠ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ।




ଚାମ୍ପିୟନ ଇଡ୍‌କୋ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଓଡ଼ିଶା-ପଶ୍ଚିମ ବଙ୍ଗ ଫାଇନାଲ ଆଜି




ଉଦ୍‌ଘାଟନ ଅବସରରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଏଜି ହକି ଦଳ।

ଭୁବନେଶ୍ୱର, ୧୭।୨
(ତପନ ସ୍ୱାଇଁ)

## ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଉଦ୍‌ଘାଟିତ

ସ୍ଥାନୀୟ ମହାଲେଖାକାର ଅଡିଟ-୧ଆନୁକୂଲ୍ୟରେ ଏବଂ ଏଜି ରିକ୍ରିଏଶନ କ୍ଲବ ସହଯୋଗରେ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ ଶନିବାର କଳିଙ୍ଗ ଷ୍ଟାଡୟମରେ ଉଦଘାଟିତ ହୋଇଛି। ରବିବାର ଓଡ଼ିଶା ଓ ପଶ୍ଚିମ ବଙ୍ଗ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟିର ଅଧ୍ୟକ୍ଷ ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଓଡ଼ିଶାର କ୍ରୀଡା ଓ ଯୁବ ସେବା ବିଭାଗ ଶାସନ ସଚିବ ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥି, ପ୍ରଧାନ ମହାଲେଖାକାର ରାଜ କୁମାର, ମହାଲେଖାକାର ବିଶ୍ୱନାଥ ସିଂହ ଯାଦୋନ, ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ସଚିନ କ୍ରିଷ୍ଣା କୌଶିକ, ସଞ୍ଜୟ କୁମାର, ବିକାଶ କୁମାର ଓ ଶୁଭମ ବୈଦ୍ୟ, କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉପ ମହାଲେଖାକାର ସୁଶ୍ରୀ ତାନ୍ୟା ଆମ୍ବସ୍ତା ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ଏଜି ରିକ୍ରିଏଶନ କ୍ଲବ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।

ଟୁର୍ଣ୍ଣାମେଣ୍ଟରେ ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ପଶ୍ଚିମ ବଙ୍ଗ, ଝାଡାଖଣ୍ଡ ଯୋଗ ଦେଇଛନ୍ତି। ୩ ଦଳ ମଧ୍ୟରୁ ଗତ ବର୍ଷର ପୂର୍ବାଞ୍ଚଳ ବିଜେତା ପଶ୍ଚିମ ବଙ୍ଗ ଦଳ ସିଧା ଫାଇନାଲକୁ ଯାଇଥିବା ବେଳେ ଗତବର୍ଷ ପୂର୍ବାଞ୍ଚଳ ଉପ ବିଜେତା ଏଜି ଓଡ଼ିଶା ଦଳ ଓ ଏଜି ଝାଡ଼ଖଣ୍ଡ ମଧ୍ୟରେ ସେମିଫାଇନାଲ ହୋଇଥିଲା। ପ୍ରଥମାର୍ଦ୍ଧର ୭ ମିନିଟରେ ଝାଡ଼ଖଣ୍ଡ ଦଳର ଜାଭିଅର ଗିଧ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇ ଥିଲେ। ଓଡିଶା ଦଳର ଥିଓଫିଲ କୁଜୁର ଖେଳର ୮ ଓ ୨୧ତମ ମିନିଟରେ ୨ଟି, ସତୀଶ ଯାଦବ ୯ ଓ ୨୪ ମିନିଟରେ ୨ଟି, ଅମଲ ପାଲ ୧୫ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଝାରଖଣ୍ଡର ଅଭିଷେକ ସିଂ ୨୯ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧରେ ଓଡିଶା ଦଳ ୫-୨ରେ ଆଗୁଆ ଥିଲା। ଦ୍ୱିତୀୟାର୍ଦ୍ଧର ୩୩ ଓ ୩୫ ମିନିଟରେ ଓଡିଶାର ମନୀଷ କୁମାର ଶର୍ମା ୨ଟି, ଅମଲ ପାଲ ୩୮ ମିନିଟରେ ଗୋଟିଏ ଓ ଝାଡ଼ଖଣ୍ଡ ଦଳର ଜୀବନ ଡାଙ୍ଗ ୫୬ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଫଳରେ ଓଡ଼ିଶା ଦଳ ୮-୩ ଗୋଲରେ ବିଜୟୀ ହୋଇଥିଲା।

# ଯୁବପିଢ଼ିଙ୍କୁ ଏକାଠି କରିଛି 'ନୂଆ-ଓ'

ଭୁବନେଶ୍ୱର, ୧୭।୨ (ତପନ ସ୍ୱାଇଁ)

ନୂତନ, ଉନ୍ନତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ନଭେମ୍ବରରୁ ଆରମ୍ଭ ହୋଇଛି 'ନୂଆ-ଓ' କାର୍ଯ୍ୟକ୍ରମ। ଯୁବ ବର୍ଗଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହାର ଲକ୍ଷ୍ୟ । କ୍ରୀଡ଼ାଠାରୁ ଆରମ୍ଭ କରି ସାମାଜିକ ଓ ସାଂସ୍କୃତିକ ଜଗତରେ କଳା କୌଶଳକୁ ପ୍ରତିପାଦନ କରିବାରେ ପାରଙ୍ଗମ ଯୁବବର୍ଗଙ୍କ ଦକ୍ଷତା ଓ ସାମର୍ଥ୍ୟକୁ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଏହି କାର୍ଯ୍ୟକ୍ରମ । ଏଥିପ୍ରତି ସାରା ରାଜ୍ୟର ଯୁବବର୍ଗଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଅନେକ ଉତ୍ସାହ । ଓଡ଼ିଶାର ଯୁବପିଢ଼ିଙ୍କୁ କ୍ରୀଡ଼ା, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରି ସେମାନଙ୍କ ସାମଗ୍ରିକ ବିକାଶ ଏହି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ।

ବିଦ୍ୟାଳୟ ଶିକ୍ଷା ସମାପ୍ତ ପରେ ପରବର୍ତ୍ତୀ ୫ବର୍ଷ ହେଉଛି କ୍ୟାରିୟର ଗଢିବାର ସମୟ । ସମୟର ଠିକ୍ ଉପଯୋଗ ଏବଂ କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହୋଇଥାଏ। ଯୁବ ବର୍ଗଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ଓ ପରିସ୍ଫୁଟନ ପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ଆରମ୍ଭ ହୋଇଥିଲା 'ନୂଆ-ଓ' କାର୍ଯ୍ୟକ୍ରମ। ଏହା ୪ ସ୍ତର (ବ୍ଲକ/ପୌରପାଳିକା, ଶିକ୍ଷାନୁଷ୍ଠାନ, ଜିଲା ଏବଂ ରାଜ୍ୟ)ରେ ଆୟୋଜିତ ହୋଇଥିଲା। ସମସ୍ତ ବର୍ଗରେ ବହୁ ସଂଖ୍ୟକ ପ୍ରତିଯୋଗୀ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ କ୍ରିକେଟ, ହକି, କବାଡି, ଖୋ-ଖୋ, ଫୁଟବଲ ଓ ଭଲିବଲ୍ ଆଦି ୬ଟି କ୍ରୀଡ଼ା ବିଭାଗରେ ୫୦,୦୦୦ରୁ ଅଧିକ ଦଳ ଅଂଶଗ୍ରହଣ କରିଥିଲେ। ବ୍ଲକ ଓ ଜିଲାସ୍ତର ପରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ୩୦ ଜିଲାରୁ ପ୍ରତିନିଧିତ୍ୱ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଟୁର୍ଣ୍ଣାମେଣ୍ଟର ବିଜେତାଙ୍କୁ ୨ ଲକ୍ଷ ଓ ରନରଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଦଳ ଲାଗି ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରଖାଯାଇଥିଲା। ଶ୍ରେଷ୍ଠ ଖେଳାଳିଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ଦିଆ ଯାଇଥିଲା। କ୍ରୀଡ଼ା ବ୍ୟତୀତ ନୃତ୍ୟ, ଗୀତ ଅଭିନୟ, ନାଟକ ମାଧ୍ୟମରେ ଛାତ୍ରାଛାତ୍ରମାନେ ନିଜର ସୃଜନଶୀଳତାକୁ ପ୍ରଦର୍ଶନ କରିଥିଲେ । ସେହିପରି ସମାଜ ପ୍ରତି ଯୁବବର୍ଗଙ୍କ କର୍ତ୍ତବ୍ୟ ଏବଂ ପ୍ରତିବଦ୍ଧତା ବୃଦ୍ଧି ପାଇଁ କଲେଜ ସ୍ତରରେ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ସଫେଇ କାର୍ଯ୍ୟ, ରକ୍ତଦାନ ଶିବିର, ନିଶା ନିବାରଣ ଶିବିର ଆଦି ଅନେକ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କେବଳ ସେତିକି ନୁହେଁ ଡିଜିଟାଲ ପ୍ରତିଯୋଗିତା ମାଧ୍ୟମରେ ଯୁବପିଢ଼ିଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସମେତ କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲା ପ୍ରଶାସନ ଓ ରାଜ୍ୟ କ୍ରୀଡ଼ା ସଂଘ ମିଳିତ ଭାବେ ଏହି ଯୁବ ସଶକ୍ତୀକରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଏକାଠି ହୋଇଥିଲେ। ''ନୂଆ-ଓ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ମୁଁ ଗର୍ବିତ। ରାଜ୍ୟର ଯୁବତୀଯୁବକମାନେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଦ୍ୱାରା ସେମାନଙ୍କ ବ୍ୟକ୍ତିଗତ ବିକାଶ ହୋଇପାରିଛି। ଏହା ରାଜ୍ୟର ଯୁବପିଢ଼ିଙ୍କୁ ଏକାଠି କରି ରାଜ୍ୟକୁ ପ୍ରଗତି ପଥରେ ଆଗକୁ ନେଉଛି'' ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି।





ନୂଆ-'ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ଭଲିବଲ ଓ ଖୋ ଖୋରେ ଖେଳାଳିମାନେ ସେମାନଙ୍କ କୌଶଳ ପ୍ରଦର୍ଶନ କରୁଛନ୍ତି।







# ପାଚିକାଙ୍କ ପାରିଶ୍ରମିକ ୨ ହଜାର ହେଲା

**ଭୁବନେଶ୍ୱର,୧୭।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯୋଜନାରେ ପାଚିକା ତଥା ସହଯୋଗୀ ଭାବରେ କାମ କରୁଥିବା କର୍ମଚାରୀମାନଙ୍କ ପାରିଶ୍ରମିକ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି। ପାଚିକା ଓ ସେମାନଙ୍କ ସହଯୋଗୀମାନଙ୍କ ପାରିଶ୍ରମିକ ରାଶି ୧୪୦୦ ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧିପାଇଛି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୭୪ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାସହିତ ପାଚିକା ଏବଂ ତାଙ୍କ ସହାୟିକା ଯଦି ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁବରଣ କରନ୍ତି ତେବେ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୧ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯିବ। ଏହି ନିଷ୍ପତ୍ତି ଫଳରେ ରାଜ୍ୟର ୫୫ ହଜାର ବିଦ୍ୟାଳୟରେ କାମ କରୁଥିବା ୧ ଲକ୍ଷ ୧୦ ହଜାର ପାଚିକା ଓ ସହାୟିକା ଉପକୃତ ହେବେ। ଏହି ପରିବର୍ଦ୍ଧିତ ପାରିଶ୍ରମିକ ପିଛିଲା ଭାବେ ୨୦୨୩ ଅକ୍ଟୋବରରୁ ଲାଗୁ ହେବ।

## କୃଷକ ସାଥୀଙ୍କ ଖର୍ଚ୍ଚ ପରିମାଣ ବାର୍ଷିକ ୧୨ ହଜାରରୁ ୧୮ ହଜାରକୁ ବୃଦ୍ଧି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କୃଷକ ସାଥୀମାନଙ୍କ ଆବଶ୍ୟକ ଖର୍ଚ୍ଚ(କଣ୍ଟିଜେଣ୍ଟ ଏକ୍ସପେଣ୍ଡିଚର) ପାଇଁ ସହାୟତା ରାଶିର ପରିମାଣ ବୃଦ୍ଧି ଘୋଷଣା କରିଛନ୍ତି। ସହାୟତା ପରିମାଣ ବର୍ଷକୁ ୧୨ ହଜାରରୁ ୧୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟର ୧୩,୬୦୦ କୃଷକ ସାଥୀ ଉପକୃତ ହେବେ। ଏହି ବର୍ଦ୍ଧିତ ପରିମାଣ ପିଛିଲା ଭାବେ ୨୦୨୩ ଅକ୍ଟୋବରରୁ ଲାଗୁ ହେବ। ସୂଚନାଯୋଗ୍ୟ, କୃଷି ପ୍ରସାରଣ କାର୍ଯ୍ୟରେ ସହାୟତା ପାଇଁ ରାଜ୍ୟ ସରକାର ୨୦୦୭-୦୮ରେ ରାଜ୍ୟର ଅଗ୍ରଣୀ ଚାଷୀମାନଙ୍କୁ କୃଷକ ସାଥୀ ଭାବେ ନିଯୁକ୍ତି ଦେଇଥିଲେ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ୨ ଜଣ ଲେଖାଏ କୃଷକ ସାଥୀ କାମ କରୁଛନ୍ତି। ସେମାନେ କୃଷି କାର୍ଯ୍ୟ ସମ୍ପର୍କିତ ବିଭିନ୍ନ ବିଷୟରେ ଚାଷୀମାନଙ୍କୁ ସଚେତନ କରିବା ସହିତ ଆବଶ୍ୟକ ପରାମର୍ଶ ମଧ୍ୟ ଦେଇଥାନ୍ତି।

# ୭୩ ରୂପାନ୍ତରିତ 'ଆମ ହସ୍ପିଟାଲ' ଲୋକାର୍ପିତ

## 'ଆମ ହସ୍ପିଟାଲ'ରୁ ରାଜ୍ୟରେ ନୂଆ ଯୁଗର ଆରମ୍ଭ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୫ ଜିଲାରେ ୭୩ 'ଆମ ହସ୍ପିଟାଲ', ୫ ଉପଖଣ୍ଡସ୍ତରୀୟ ଡାଏଲିସିସ୍ ସେଣ୍ଟର ଲୋକାର୍ପଣ କରିଛନ୍ତି। ଏଥିସହ ସମସ୍ତ ଜିଲା ସଦରମହକୁମା ଡାକ୍ତରଖାନାରେ ଆଇଭିଆର୍‌ଏସ୍ ପଦ୍ଧତିରେ ରୋଗୀ ମତାମତ ସଂଗ୍ରହ ବ୍ୟବସ୍ଥା ଓ କର୍ମଚାରୀଙ୍କ ମୁହଁ ଚିହ୍ନଟ ମାଧ୍ୟମରେ ଉପସ୍ଥାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ବରଗଡ଼ ଜିଲାରେ ୫, ସୁନ୍ଦରଗଡ଼ ଜିଲାରେ ୭, ସମ୍ବଲପୁର ଜିଲାରେ ୪, ଢେଙ୍କାନାଳ ଜିଲାରେ ୪, କେନ୍ଦୁଝର ଜିଲାରେ ୬, ଝାରସୁଗୁଡ଼ା ଜିଲାରେ ୨, ଜଗତ୍‌ସିଂହପୁର ଜିଲାରେ ୪, କେନ୍ଦ୍ରାପଡ଼ା ଜିଲାରେ ୫, ମୟୂରଭଞ୍ଜ ଜିଲାରେ ୯, ଗଞ୍ଜାମ ଜିଲାରେ ୧୩ , କଳାହାଣ୍ଡି ଜିଲାରେ ୪, ରାୟଗଡ଼ା ଜିଲାରେ ୪, ନୂଆପଡ଼ା ଜିଲାରେ ୨, ମାଲକାନଗିରି ଜିଲାରେ ୨ ଓ କନ୍ଧମାଳ ଜିଲାରେ ୩ ଏହିପରି ସମୁଦାୟ ୭୩ଟି ରୂପାନ୍ତରିତ 'ଆମ ହସ୍ପିଟାଲ' ଲୋକାର୍ପିତ ହୋଇଛି। ଏଥିସହିତ ମୟୂରଭଞ୍ଜ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନା, ସମ୍ବଲପୁର କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା, ଗଞ୍ଜାମ ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନା, ନୂଆପଡ଼ା ଖରିଆର ଉପଖଣ୍ଡ ଡାକ୍ତରଖାନା ଓ ବରଗଡ଼ର ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ୫ ନୂତନ ଉପଖଣ୍ଡସ୍ତରୀୟ ଡାଏଲିସିସ୍ କେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା



ଲୋକାର୍ପିତ ହୋଇଛି। ଲୋକାର୍ପଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଆମ ହସ୍ପିଟାଲ'ରେ ସବୁ ବ୍ୟବସ୍ଥା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କରାଯାଇଛି। ରୋଗୀଙ୍କୁ ସୁବିଧାରେ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ଆମ ହସ୍ପିଟାଲ'ଗୁଡ଼ିକ ରାଜ୍ୟରେ ଏକ ନୂଆ ଯୁଗ ଆରମ୍ଭ କରିବେ। ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତରୁ ମିଳିଥିବା ପ୍ରସ୍ତାବ ଓ 'ମୋ ସରକାର' ଜନମତ ସଂଗ୍ରହ ଭିତ୍ତିରେ 'ଆମ ହସ୍ପିଟାଲ' ଆରମ୍ଭ କରାଯାଇଛି। ଏହା ସରକାରୀ ସ୍ତରରେ ଆମର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ। ୫-ଟି ଉପକ୍ରମରେ ହସ୍ପିଟାଲଗୁଡ଼ିକର ଭିତ୍ତିଭୂମି ବ୍ୟବସ୍ଥା, ରୋଗୀମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ଏବଂ ସେବା ଯୋଗାଇବା ପଦ୍ଧତିରେ ଉନ୍ନତି ଅଣାଯାଇଛି। ଗୁଣବତ୍ତାକୁ ମଧ୍ୟ ଏଠାରେ ସୁନିଶ୍ଚିତ କରାଯାଇଛି। ଆଗାମୀ ୫ ବର୍ଷରେ ୧୮୫୮ ଡାକ୍ତରଖାନାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୨୦୨୩-୨୮ ମଧ୍ୟରେ ୩୩ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି। ସମ୍ପ୍ରତି ୧୪୯ ଡାକ୍ତରଖାନାର ରୂପାନ୍ତରଣ କାର୍ଯ୍ୟ ଜାରିରହିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଗତ ୧ ବର୍ଷ ମଧ୍ୟରେ ୪,୦୦୦ ଡାକ୍ତର ଓ ୩,୭୦୦ରୁ ଊର୍ଦ୍ଧ୍ୱ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି। ଧନୀ, ଗରିବ ସମସ୍ତଙ୍କ ପାଇଁ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା କରାଯାଇଛି। ସମସ୍ତଙ୍କ ସହଯୋଗରେ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା'ର ସ୍ୱପ୍ନ ନିଶ୍ଚୟ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ସରକାରୀ ଡାକ୍ତରଖାନାକୁ ଘରୋଇ ଡାକ୍ତରଖାନା ସହିତ ସମକକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ 'ଆମ ହସ୍ପିଟାଲ' ଯୋଜନା ଆରମ୍ଭ କରିଛନ୍ତି। ହିଞ୍ଜିଳିକାଟୁରେ ଜିଲା ପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ, ଗଞ୍ଜାମ କେଲୁଆପଲ୍ଲୀରେ ବିଧାୟକ ବିକ୍ରମ ପଣ୍ଡା, ପଦ୍ମପୁରରେ ବିଧାୟିକା ବର୍ଷା ସିଂହ ବରିହା, କୁଚିଣ୍ଡାରେ ବିଧାୟକ କିଶୋର ଚନ୍ଦ୍ର ନାୟକ, ଗୁଣୁପୁରରେ ବିଧାୟକ ରଘୁନାଥ ଗମାଙ୍ଗୋ, ପରଜଙ୍ଗରେ ବିଧାୟକ ନୃସିଂହ ଚରଣ ସାହୁ, କଳାହାଣ୍ଡିରେ ଏମ୍‌ପି ସୁଜିତ କୁମାର, ଜଗତ୍‌ସିଂହପୁରରେ ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଖରିଆରରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବଡ଼ଗାଁରେ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜର ଶୀର୍ଷାଠାରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ଆମ ହସ୍ପିଟାଲରେ ବହୁ ଉନ୍ନତମାନର ସେବା ମିଳୁଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ରୂପାନ୍ତର ଘଟିଛି ବୋଲି ମତ ଦେଇଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜଗତ୍‌ସିଂହପୁର ଜିଲାବାସୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଗତ ଜୁନ୍ ୩୦ରେ ଜଗତ୍‌ସିଂହପୁର ଜିଲା ଗସ୍ତ ସମୟରେ ଡାକ୍ତରଖାନା ଜମି ସମସ୍ୟା ବିଷୟରେ ଲୋକେ ଜଣାଇଥିଲେ। ସରକାର ତାହା ଗ୍ରହଣ କରିଛନ୍ତି। ୫ ଏକର ୮୦ ଡିସିମିଲ ଜମି ହସ୍ପିଟାଲକୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏଥିସହିତ ହିଞ୍ଜିଳିରୁ ଏହି ଯୋଜନା ଆରମ୍ଭ ହୋଇ ଏକ ବର୍ଷ ମଧ୍ୟରେ ଆମେ ସଫଳତାର ସହ ରାଜ୍ୟରେ 'ଆମ ହସ୍ପିଟାଲ' ଯୋଜନା କାର୍ଯ୍ୟକାରୀ କରିଛୁ। ସହଯୋଗ ପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।





# ଜୀବନକୁ ସୁଗମ କରିଛି 'ଲକ୍ଷ୍ମୀ ବସ୍'

ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରନ୍ତି। ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରାଯାଇଥିଲା। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ ଓ ସୁଗମ କରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଇତି ମଧ୍ୟରେ ୨୦ଟି ଜିଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ ହୋଇପାରିଛି। ଏହାଦ୍ୱାରା ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଲୋକ ଉପକୃତ ହୋଇପାରିଛନ୍ତି। ଫେବୃଆରୀ ୧୨ତାରିଖରେ ବଲାଙ୍ଗୀର, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ୫ ଜିଲାର ୧,୩୪୦ଟି ପଞ୍ଚାୟତରେ ୩୦୧ଟି ବସ୍ ଚାଲିଛି। ଏହାଦ୍ୱାରା ୮୩ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବଲାଙ୍ଗୀରର ୩୧୩ଟି ପଞ୍ଚାୟତରେ ୪୪ଟି ବସ୍ ଦ୍ୱାରା୧୬.୫୦ ଲକ୍ଷ, ବରଗଡ଼ର ୨୪୩ ପଞ୍ଚାୟତରେ ୬୦ଟି ବସ୍ ଦ୍ୱାରା ୧୪ ଲକ୍ଷ ୨୨ ହଜାର ଲୋକ, କେନ୍ଦୁଝରର ୧୫୮ପଞ୍ଚାୟତରେ ୨୫ଟି ବସ୍ ଦ୍ୱାରା ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲାର ୩୮୬ ପଞ୍ଚାୟତରେ ୧୦୭ବସ୍ ଦ୍ୱାରା ୨୪ ଲକ୍ଷ ୨୦ ହଜାର ଏବଂ ସୁନ୍ଦରଗଡର ୨୪୦ଟି ପଞ୍ଚାୟତରେ ୬୫ଟି ବସ୍ ଚାଲିବା ଦ୍ୱାରା ୧୭ ଲକ୍ଷ ୨୦ ହଜାର ଲୋକ ଉପକୃତ ହୋଇପାରିବେ। ସେହିପରି ଗତ ୧୬ ତାରିଖରେ ଆଉ ୬ ଜିଲାରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରାଯାଇଛି। ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ ନୟାଗଡ଼ ଜିଲା ଲକ୍ଷ୍ମୀ ବସ୍ ଯୋଜନାରେ ଯୋଡ଼ି ହୋଇଯାଇଛି। ଏହି ୬ ଜିଲାର ୧,୩୬୩ ପଞ୍ଚାୟତରେ ୧୯୮ ବସ୍ ଚାଲିଛି। ଏହା ଦ୍ୱାରା ୭୫ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇପାରିବେ।





## ମହିଳା ସଶକ୍ତୀକରଣ

ଲକ୍ଷ୍ମୀ ବସ୍ ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ମହିଳାମାନେ କଣ୍ଡକ୍ଟର ଦାୟିତ୍ୱ ତୁଲାଇ ମହିଳା ସଶକ୍ତୀକରଣର ଏକ ଉଦାହରଣ ସୃଷ୍ଟି କରିଛନ୍ତି।



## ବିକାଶର କେନ୍ଦ୍ର ସାଜିବ ପଞ୍ଚାୟତ

ଗାଁର ଅର୍ଥନୀତିକୁ ମଜଭୁତ କରିବାରେ 'ଲକ୍ଷ୍ମୀ ବସ୍' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି। ଏହି ଯୋଜନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ଲାଗି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି।

ଗ୍ରାମାଞ୍ଚଳ ଲୋକମାନେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍‌କୁ ଯେପରି ବ୍ୟବହାର କରିପାରିବେ, ସେହି ଲକ୍ଷ୍ୟରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରାଯାଇଛି।



ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ, କମ ଖର୍ଚ୍ଚରେ ଦୈନନ୍ଦିନ କାର୍ଯ୍ୟ କରିପାରିବେ,ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବା।
– ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ



ଲକ୍ଷ୍ମୀ ବସ୍ ସାରା ରାଜ୍ୟର ସମ୍ପତ୍ତି, ଆପଣମାନଙ୍କ ସମ୍ପତ୍ତି, ଏହା ଆପଣମାନଙ୍କ ସମୃଦ୍ଧିର ବାହକ, ନିଜ ସମ୍ପତ୍ତିର ଆପଣ ଯେପରି ରକ୍ଷଣାବେକ୍ଷଣ କରନ୍ତି, ଠିକ୍ ସେହିପରି ଲକ୍ଷ୍ମୀ ବସର ମଧ୍ୟ ଯତ୍ନ ନିଅନ୍ତୁ।
– କାର୍ତ୍ତିକ ପାଣ୍ଡିଆନ୍, ୫-ଟି ଅଧ୍ୟକ୍ଷ

### ଖୋର୍ଦ୍ଧା ଜିଲା

ପଞ୍ଚାୟତ- ୧୫୪
ବସ୍ ଚଳାଚଳ- ୨୨
ଉପକୃତ ହେବେ- ୧୫.୫୦ଲକ୍ଷ ଲୋକ

### ପୁରୀ

ପଞ୍ଚାୟତ- ୪୩୩
ବସ୍ ଚଳାଚଳ- ୪୪
ଉପକୃତ ହେବେ- ୧୪.୬୦ଲକ୍ଷ ଲୋକ

### କେନ୍ଦ୍ରାପଡ଼ା

ପଞ୍ଚାୟତ- ୧୯୬
ବସ୍ ଚଳାଚଳ- ୩୭
ଉପକୃତ ହେବେ- ୧୧.୩୭ଲକ୍ଷ ଲୋକ

### ଭଦ୍ରକ

ପଞ୍ଚାୟତ- ୧୫୮
ବସ୍ ଚଳାଚଳ- ୨୫
ଉପକୃତ ହେବେ- ୧୦.୮୦ଲକ୍ଷ ଲୋକ

### ଯାଜପୁର

ପଞ୍ଚାୟତ- ୨୩୩
ବସ୍ ଚଳାଚଳ- ୩୯
ଉପକୃତ ହେବେ- ୧୩.୭୦ଲକ୍ଷ ଲୋକ

### ନୟାଗଡ଼

ପଞ୍ଚାୟତ- ୧୮୯
ବସ୍ ଚଳାଚଳ- ୩୧
ଉପକୃତ ହେବେ- ୯.୩୪ଲକ୍ଷ ଲୋକ



## ମୋ ସରକାର ଲୋକଙ୍କ ସରକାର

ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରନ୍ତି। ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରାଯାଇପାରିଥିଲା। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରିବା ସହ ଗାଁ ଲୋକଙ୍କ ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।



## ଲୋକଙ୍କୁ ଲୋକଙ୍କ ସହ ଯୋଡୁଛି

ଗାଁର ରୂପାନ୍ତର ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି। ଏକ ନୂଆ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହିତ ଯୋଡ଼ିବ। ସାମାଜିକ ଓ ଆର୍ଥିକ ଜୀବନକୁ ମଜଭୁତ କରିବ। ପିଲାଙ୍କୁ ସ୍କୁଲ କଲେଜ ନେବ। ଚାଷୀଙ୍କୁ ମାର୍କେଟ ସହିତ ଯୋଡ଼ିବ। ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯିବା ଆସିବା କରିପାରିବେ।



# ଅଷ୍ଟ୍ରେଲିଆକୁ ହରାଇଲା ଭାରତ



ଶନିବାର ଅଷ୍ଟ୍ରେଲିଆକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

## ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍

ରାଉରକେଲା,୧୭।୨ (ଦିନେଶ ମିଶ୍ର)

ମହିଳା ପ୍ରୋ ଲିଗ୍ ହକିରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଚଳିତ ସିଜନର ଦ୍ୱିତୀୟ ବିଜୟ ହାସଲ କରିଛି ଭାରତ। ଶନିବାର କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟିକୁ ଭାରତ ୧–୦ରେ ଜିତି ନେଇଥିଲା। ଏହା ପୂର୍ବରୁ ଭାରତ କେବଳ ଆମେରିକା ବିପକ୍ଷରେ ବିଜୟୀ ହୋଇଥିଲା।

ଶନିବାର ଅଧିକାଂଶ ସମୟ ଅଷ୍ଟ୍ରେଲିଆ ଖେଳ ନିୟନ୍ତ୍ରଣରେ ରଖିଥିଲେ ହେଁ ମ୍ୟାଚ୍ ଜିତି ପାରି ନ ଥିଲା। ପ୍ରଥମ ଦୁଇ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିବା ବେଳେ ତୃତୀୟ କ୍ୱାର୍ଟରରେ ଭାରତ ପକ୍ଷରୁ ମ୍ୟାଚ୍‌ର ୩୪ ତମ ମିନିଟରେ ବନ୍ଦନା କଟାରିୟା ଏକମାତ୍ର ଗୋଲ ଦେଇଥିଲେ। ତୃତୀୟ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ନବନୀତଙ୍କ ଶଟ୍‌କୁ ଡିଫ୍ଲେକ୍ଟ କରି ଭାରତ ପାଇଁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ ବନ୍ଦନା। ମ୍ୟାଚ୍ ଶେଷ ହେବାକୁ ୩୨ ସେକେଣ୍ଡ ରହିଥିବା ବେଳେ ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଭାରତୀୟ ଡିଫେଣ୍ଡରଙ୍କ ଚମତ୍କାର ପ୍ରଦର୍ଶନ କାରଣରୁ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା ଅଷ୍ଟ୍ରେଲିଆ। ସପ୍ତମ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ଭାରତ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି।







## ଚାଇନାର ପଞ୍ଚମ ବିଜୟ

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିସରରେ ମହିଳା ହକି ପ୍ରୋ ଲିଗ୍‌ର ୧୪ତମ ମ୍ୟାଚରେ ଶନିବାର ଆମେରିକାକୁ ୨–୦ ଗୋଲରେ ହରାଇଛି ଚାଇନା। ଡିଏଫ୍ଓ ଯଶବନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାଇନା ଆରମ୍ଭରୁ ୟୁଏସ୍ଏ ବିପକ୍ଷରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୭ମିନିଟ୍‌ରେ ପେନାଲ୍‌ଟି ମିଳିଥିବା ବେଳେ ଦଳର ଅଧିନାୟକ ଜିକ୍ସିଆ ଓୟୁ ପ୍ରଥମ ଗୋଲ ଦେଇଥିଲେ। ଜାଇକି ଜୋଙ୍ଗ୍ ଦ୍ୱିତୀୟ କ୍ୱାର୍ଟରର ୧୯ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଦଳକୁ ୨–୦ରେ ଆଗୁଆ ରଖିଥିଲେ। ପରବର୍ତ୍ତୀ ୨ କ୍ୱାର୍ଟର ଗୋଲଶୂନ୍ୟ ରହିବା ସହ ଚାଇନା ବିଜୟୀ ହୋଇଥିଲା। ଚାଇନା ଡିଫେଣ୍ଡର ମେରିଙ୍ଗ ଜୟୁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ୮ଟି ମ୍ୟାଚ ଖେଳି ୫ଟିରେ ବିଜୟୀ ହୋଇ ୧୫ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି ଚାଇନା।

DSPL - 671




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ